ବର୍ଷ-୯
ସଂଖ୍ୟା-୧୪୩
ତା.୦୯ ଜୁଲାଇ ୨୦୨୨
ଶନିବାର, ପୃଷ୍ଠା-୮,ମୂଲ୍ୟ-୨ଟଙ୍କା
RNI,Regd.No.ODIODI/2014/54949



ରାଜ୍ୟସଭାରେ ଶପଥ ନେଲେ ବିଜେଡିର ଦୁଇ ସାଂସଦ ମାନସ ମଙ୍ଗରାଜ ଓ ସୁଲତା ଦେଓ

PRAJABARTA

# ପ୍ରଜାବାର୍ତ୍ତା

ଦୈନିକ ଓଡ଼ିଆ ଖବର କାଗଜ // Odia Daily News Paper

Vol-9
Issue-143
Date:09, July 2022
Saturday, Page-8, Rs-2/-
POSTAL Regd.No.10120(K)/17/2018-21



ସିନ୍ଦେଙ୍କୁ ମୁଖ୍ୟମନ୍ତ୍ରୀ କରାଯିବା ବିରୋଧରେ ଆଗତ ଆବେଦନର ଶୁଣାଣି ଜୁଲାଇ ୧୧ରେ

Odisha's first and only one Tribal area's Daily News Paper Published from Undeveloped & Backward K.B.K.Districts soil

ଓଡିଶାର ଅନୁନ୍ନତ ଓ ପଛୁଆ ଜିଲ୍ଲାର ପ୍ରଗତି ତଥା ଉନ୍ନତି ପଥେ କେବିକେ ଜିଲ୍ଲା ମାଟିର ପ୍ରଥମ ଓ ଏକ ମାତ୍ର ଦୈନିକ ଓଡିଆ ଖବର କାଗଜ ଆପଣଙ୍କ ସାଥିରେ...

# ନବୀନଙ୍କୁ ଭାଇ ବୋଲି ସମ୍ବୋଧନ କଲେ ଦ୍ରୌପଦୀ





ଭୁବନେଶ୍ୱର, ୦୮ ଜୁଲାଇ : ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ଶୁକ୍ରବାର ଦିନିକିଆ ଓଡ଼ିଶା ଗସ୍ତରେ ଆସି ବିଧାନସଭାରେ ବିଜେଡି ବିଧାୟକ ଓ ସାଂସଦମାନଙ୍କୁ ଭେଟିଛନ୍ତି। ବିଧାନସଭାର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ କରିଥିଲେ। ଏଥିରେ ଦ୍ରୌପଦୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବିଜେଡିର ସାଂସଦ ଓ ବିଧାୟକମାନଙ୍କୁ ସମର୍ଥନ ଲୋଡ଼ିଛନ୍ତି। ନବୀନଙ୍କୁ ଭାଇ ସମ୍ବୋଧନ କରି ଦ୍ରୌପଦୀ ଭାବପ୍ରବଣ ହୋଇ କହିଛନ୍ତି, ମୁଁ ନବୀନଙ୍କୁ ରାଖି ବାନ୍ଧିଥିଲି। ରାଖିର ପାଉଣା ମାଗିବା ପୂର୍ବରୁ ସେ ମୋତେ ସମର୍ଥନ ଦେଇଛନ୍ତି। ବିଦେଶରେ ଥାଇ ବି ମୋତେ ଫୋନ୍ କରିଥିଲେ। ସୂଚନାଯୋଗ୍ୟ, ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀମୁର୍ମୁ ନୂଆଦିଲ୍ଲୀରୁ ବାହାରି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଂଚିବା ପରେ ତାଙ୍କୁ ପାରମ୍ପରିକ ନୃତ୍ୟ ଓ ସଂଗୀତ ମାଧ୍ୟମରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେ ଭୁବନେଶ୍ୱରରେ ପହଂଚିବା ପରେ ତାଙ୍କୁ ସାଂସଦ ଅପରାଜିତା ଷଡ଼ଙ୍ଗୀ, ସୁରେଶ ପୂଜାରୀ, ସଙ୍ଗୀତା ସିଂହଦେଓ, ସସ୍ମିତ ପାତ୍ର, ପ୍ରଶାନ୍ତ ନନ୍ଦ, ଅନୁଭବ ମହାନ୍ତି, ଅମର ପଟ୍ଟନାୟକ, ମନ୍ତ୍ରୀ ଉଷା ଦେବୀ, ସମୀରରଂଜନ ଦାଶ, ଅଶୋକ ପଣ୍ଡା, ଟୁକୁନି ସାହୁ, ବିଧାୟକ ବିଷ୍ଣୁ ଚରଣ ସେଠୀ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, କୁସୁମ ଟେଟେ ଓ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସମେତ ବହୁ ନେତା ସ୍ୱାଗତ କରିଥିଲେ। ବିମାନବନ୍ଦରରେ ଦଳୀୟ କର୍ମୀ ଓ ସାଧାରଣ ଜନତାଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ବିମାନବନ୍ଦରରୁ ବାହାରି ଦ୍ରୌପଦୀ ମୁର୍ମୁ ରାଜ୍ୟ ଅତିଥି ଭବନକୁ ଯାଇଥିଲେ। ସେଠାରେ କିଛି ସମୟ ବିଶ୍ରାମ କରିବା ପରେ ବିଧାନସଭାକୁ ଆସିଥିଲେ। ଏହାପରେ ଅତିଥି ଭବନରେ ବିଜେପିର ସାଂସଦ ଓ ବିଧାୟକମାନଙ୍କୁ ଭେଟଥିଲେ। ତାପରେ ସେ ନବୀନ ନିବାସକୁ ଯାଇ ମଧାହ୍ନ ଭୋଜନ କରିବା ପରେ ଭୁବନେଶ୍ୱର ବିମାନବନ୍ଦରରୁ ଉତରପ୍ରଦେଶ ଯାଇଥିଲେ ।

## ନବୀନ ନିବାସରେ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ଆପ୍ୟାୟିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୮ ଜୁଲାଇ – ଆଗାମୀ ରାଷ୍ଟ୍ରପତି ନିର୍ବାଚନରେ ସମର୍ଥନ ଲୋଡିବାକୁ ଓଡିଶା ଆସିଥିଲେ ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ । ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭିନ୍ନ ସାଂସଦ ଓ ବିଧାୟକମାନଙ୍କୁ ଭେଟିବାରେ ଫେରିଯାଇଛନ୍ତି ଶ୍ରୀମତୀ ମୁର୍ମୁ। ଭୁବନେଶ୍ୱରରୁ ଶ୍ରୀମତୀ ମୁର୍ମୁ ଉତରପ୍ରଦେଶ ଯାଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଭେଟିଛନ୍ତି। ତେବେ ଉତରପ୍ରଦେଶ ଯିବା ପୂର୍ବରୁ ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାସଭବନ ନବୀନ ନିବାସକୁ ନିମନ୍ତ୍ରିତ ହୋଇ ଯାଇଥିଲେ। ସେଠାରେ ନବୀନଙ୍କ ସହ କିଛି ସମୟ ଆଲୋଚନା କରିଥିଲେ। ଏହାପରେ ଭଉଣୀ ଦ୍ରୌପଦୀ ମୁର୍ମୁଙ୍କୁ ମଧାହ୍ନ ଭୋଜନରେ ଆପ୍ୟାୟିତ କରିଥିଲେ ଭାଇ ନବୀନ। ମଧାହ୍ନ ଭୋଜନରେ ଦ୍ରୌପଦୀଙ୍କୁ ପରଷା ଯାଇଥିଲା ନିରାମିଷ ଭେଜନ। ଏଥିରେ ସ୍ୱାଦିଷ୍ଟ ଓଡ଼ିଆ ଖାଦ୍ୟ ଥିଲା। ଏହି ସମୟରେ ନବୀନ ନିବାସରେ ପାରିବାରିକ ପରିବେଶ ସୃଷ୍ଟି ହୋଇଥିଲା। ଦ୍ରୌପଦୀ ମୁର୍ମୁଙ୍କ ସହ କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଓ ସାଂସଦ ପିନାକୀ ମିଶ୍ରଙ୍କୁ ମଧାହ୍ନ ଭୋଜନରେ ଆପ୍ୟାୟିତ କରାଯାଇଥିଲା। ଦ୍ରୌପଦୀ ମୁର୍ମୁ ଦିନିକିଆ ଓଡ଼ିଶା ଗସ୍ତ ଶେଷ କରି ନବୀନ ନିବାସରୁ ବିମାନବନ୍ଦର ଅଭିମୁଖେ ବାହାରିଥିଲେ। ଏହାପୂର୍ବରୁ ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ଶୁକ୍ରବାର ଦିନିକିଆ ଓଡ଼ିଶା ଗସ୍ତରେ ଆସି ବିଧାନସଭାରେ ବିଜେଡି ବିଧାୟକ ଓ ସାଂସଦମାନଙ୍କୁ ଭେଟିଥିଲେ। ବିଧାନସଭାର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ କରିଥିଲେ। ଏଥିରେ ଦ୍ରୌପଦୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବିଜେଡିର ସାଂସଦ ଓ ବିଧାୟକମାନଙ୍କୁ ସମର୍ଥନ ଲୋଡ଼ିଥିଲେ। ନବୀନଙ୍କୁ ଭାଇ ସମ୍ବୋଧନ କରି ଦ୍ରୌପଦୀଭାବପ୍ରବଣ ହୋଇ କହିଛନ୍ତି, ମୁଁ ସୁଭଦ୍ରା ଭାବରେ ନବୀନ ଭାଇଙ୍କୁ ଜଗନ୍ନାଥ କରି ରାଖି ବାନ୍ଧିଛି। ଭଉଣୀ କିଛି ମାଗିବା ପୂର୍ବରୁ ଭାଇ ମୋ ମନଚାହିଁ ତାଙ୍କ ସମର୍ଥନ ଓ ସହଯୋଗର ହାତ ମୋତେ ଦେଇଛନ୍ତି। ରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା ପରେ ବିଦେଶରେ ଥାଇ ବି ନବୀନ ଭାଇ ମୋତେ ଫୋନ୍ କରିଥିଲେ। ଏଥିରେ ମୁଖ୍ୟମନ୍ତ୍ରୀ ଦ୍ରୌପଦୀ ମୁର୍ମୁଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ମାନିତ କରିଥିଲେ।

## ଆଜି ମୁଁ ଯାହା ହୋଇଛି, ବିଜେପି ପାଇଁ ହୋଇଛି: ଦ୍ରୌପଦୀ ମୁର୍ମୁ



ଭୁବନେଶ୍ୱର, ୦୮ ଜୁଲାଇ – ଓଡ଼ିଶାକୁ ନିର୍ବାଚନ ପ୍ରଚାରରେ ଆସିଥିବା ଏନଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଶୁକ୍ରବାର ରାଜ୍ୟ ଅତିଥି ଭବନରେ ବିଜେପି ସାଂସଦ ଓ ବିଧାୟକମାନଙ୍କୁ ସମ୍ବୋଧିତ କଲା ବେଳେ ଭାବବିହ୍ୱଳ ହୋଇଛନ୍ତି। ଭାଷଣ ଆରମ୍ଭରୁ ବିଜେପିର କାର୍ଯ୍ୟକର୍ତାଙ୍କ ଉଦ୍ଦେଶ୍ୟରେ 'ମୁଁ ଆପଣ ମାନଙ୍କ ଭିତରୁ ଜଣେ' କହି ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ଶ୍ରୀମତୀ ମୁର୍ମୁ କହିଛନ୍ତି ଯେ ଆଜି ମୁଁ ଯାହା ବି ହୋଇଛି, ଏଭାରତୀୟ ଜନତା ପାର୍ଟି ପାଇଁ ହୋଇଛି । ମୋର ପରିଚୟ ବିଜେପି। ମୋ ପରି ଜଣେ ଉପାନ୍ତ ଅଂଚଳର ସାଧାରଣ ମହିଳାଙ୍କୁ କାଉନସିଲରରୁ ବିଧାୟକ, ମନ୍ତ୍ରୀ, ରାଜ୍ୟପାଳ ଏବଂ ଏବେ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ରାଷ୍ଟ୍ରପତି ପାଇଁ ପ୍ରାର୍ଥୀ ଭାବେ ମନୋନୟନ ମୋ ପାଇଁ ଅବର୍ଣ୍ଣନୀୟ। ରାଷ୍ଟ୍ରପତି ପ୍ରାର୍ଥୀ ପାଇଁ ମୋ ଭଳି ସାଧାରଣ ଲୋକଙ୍କୁ ମନୋନୀତ କରିଥିବାରୁ ପ୍ରଧାନମନ୍ତ୍ରୀ ଓ ପାର୍ଟିର କୋଟି କୋଟି କାର୍ଯ୍ୟକର୍ତାଙ୍କ ପାଖରେ କୃତଜ୍ଞତା ଜ୍ଞାପନ କରୁଛି। ଘରକୁ ଝିଅ ଆସିଲେ ଘର ଯେଭଳି ଉତ୍ସବ ମୁଖର ହୁଏ ସେହିଭଳି ଆଜି ଉତ୍ସବମୁଖର ବାତାବରଣ ଥିଲା, ଏଥିପାଇଁ ମୁଁ ଓଡ଼ିଶା ନିକଟରେ କୃତଜ୍ଞ। ଦେଶର ବିଭିନ୍ନ ରାଜ୍ୟ ବୁଲିବା ବେଳେ ଆଶାରୁ ଅଧିକ ଜନସମର୍ଥନ ଓ ଭଲ ପାଇବା ଦେଖି ଅନୁଭବ ହେଉଛି, ଆମ ପାର୍ଟି ପ୍ରତି ଲୋକଙ୍କର ଅନେକ ଅପେକ୍ଷା ଅଛି, ସେଥିପାଇଁ ଆମକୁ ଅଧିକରୁ ଅଧିକ ପରିଶ୍ରମ କରି ଲୋକଙ୍କ ସେବାରେ ନିୟୋଜିତ ହେବାକୁ ପଡ଼ିବ। ସେହିପରି ରାଜ୍ୟ ଅତିଥି ଭବନରେ ସାଂସଦ ଓ ବିଧାୟକ ଦଳ ବୈଠକରେ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ଦେଶର ପ୍ରଧାନ ସେବକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସର୍ବଦା ଓଡ଼ିଶାକୁ ଗୁରୁତ୍ୱ ଦେଇଛନ୍ତି। ଦେଶର ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଓଡ଼ିଆ ଲୋକ ମୁଖ୍ୟ ଭୂମିକା ନେଇଛନ୍ତି। ରାଜ୍ୟପାଳଠାରୁ ଆରମ୍ଭ କରି କେନ୍ଦ୍ରମନ୍ତ୍ରୀ ପଦବୀରେ ଆଜି ଓଡ଼ିଆ ସମ୍ମାନିତ। ମୋଦି ସରକାରରେ ପଦ୍ମ ପୁରସ୍କାର ସମେତ ଓଡ଼ିଶାର ମାଣବସା ଗୁରୁବାର, ରାବଣ ଛାୟା, ଛଉ ନୃତ୍ୟ ଆଜି ଜାତୀୟ ସ୍ତରରେ ପରିଚୟ ପାଇଛି। ଆଜି ଓଡ଼ିଶାର ଏକ ସାଧାରଣ ଆଦିବାସୀ ପରିବାରରୁ ଦ୍ରୌପଦୀ ମୁର୍ମୁ ଗରିମାମୟ ରାଷ୍ଟ୍ରପତି ପଦବୀ ପାଇଁ ମନୋନୀତ ହୋଇଛନ୍ତି। ଓଡ଼ିଶାକୁ ଏହି ସର୍ବୋଚ୍ଚ ସମ୍ମାନ ପ୍ରଦାନ କରିଥିବାରୁ ଶ୍ରୀ ମହାନ୍ତି ଓଡ଼ିଶା ତରଫରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଉଲ୍ଲେଖନୀୟ ଯେ, ରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରଚାର କରିବାକୁ ଆସିଥିବା ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଭୁବନେଶ୍ୱର ବିମାନବନ୍ଦରରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପାରମ୍ପରିକ କଳା, ବାଦ୍ୟ, ଯନ୍ତ୍ର, ନୃତ୍ୟ ସହ ହଜାର ହଜାର ଶୁଭେଚ୍ଛୁଙ୍କ ଜନସମାଗମରେ ଭୁବନେଶ୍ୱର ବିମାନବନ୍ଦର କମ୍ପିଥିଲା।

## ପରଲୋକରେ ସିଞ୍ଜୋ ଆବେ



ନୂଆଦିଲ୍ଲୀ ୦୮/୦୭ : ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କ ଦେହାନ୍ତ । ଶୁକ୍ରବାର ସକାଳେ ତାଙ୍କୁ ଗୁଳିମାଡ କରାଯାଇଥିଲା । ଯେଉଁଥିରେ ସେ ପ୍ରାଣ ହରାଇଛନ୍ତି । ସେ ଏକ ଭାଷଣ ଦେଉଥିବା ବେଳେ ଗୁଳିମାଡର ଶିକାର ହୋଇଥିଲେ । ଏହାପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିଲା । ଏପରିକି ହୃଦୟ ମଧ କାମ କରୁନଥିଲା । ସୂଚନାନୁସାରେ, ସିଞ୍ଜୋ ଆବେ ସକାଳେ ନାରା ସହରର ଏକ ସଭାରେ ଭାଷଣ ଦେଉଥିଲେ । ଏହି ସମୟରେ ତାଙ୍କୁ ଗୁଳିମାଡ ହୋଇଥିଲା । ତେବେ ତାଙ୍କୁ ଗୁଳିମାଡ କରିଥିବା ଆତତାୟୀକୁ ଅଟକ ରଖାଯାଇଛି । ଏହି ଘଟଣାକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ଜୋର୍ ଧରିଛି । କାରଣ ସିଞ୍ଜୋ ଆବେ ଜଣେ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଥିଲେ । ଭାରତରେ ବୁଲେଟ୍ ଟ୍ରେନ୍ ପରିଯୋଜନାରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ତାଙ୍କ ମୃତ୍ୟୁକୁ ନେଇ ଚାରିଆଡେ ଶୋକର ଛାୟା ଖେଳିଯାଇଛି । ତେବେ ସିଞ୍ଜୋଙ୍କ ଉପରେ ଗୁଳିମାଡ ଘଟଣାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିନ୍ଦା କରିବା ସହ ଭାରତୀୟଙ୍କ ପ୍ରାର୍ଥନା ଆବେଙ୍କ ସହ କହିଥିଲେ । ସେହିପରି ହ୍ୱାଇଟ୍ ହାଉସ୍ ପକ୍ଷରୁ ମଧ ଘଟଣାକୁ ନିନ୍ଦା କରାଯାଇଛି । ସୂଚନାଯୋଗ୍ୟ, ସିଞ୍ଜୋଙ୍କୁ ଗୁଳିମାଡ କରିଥିବା ବ୍ୟକ୍ତି ୪୧ବର୍ଷର ଜଣେ ଯୁବକ ବୋଲି ଜଣାପଡିଛି । ତାଙ୍କୁ ଅଟକ ରଖି ସୁରକ୍ଷାକର୍ମୀ ପଚ଼ରାଉଚୁରା କରୁଛନ୍ତି । କଣ ପାଇଁ ସିଞ୍ଜୋଙ୍କୁ ଗୁଳିମାଡ କରାଯାଇଥିଲା ତାହା ଏବେସୁଦ୍ଧା ସ୍ପଷ୍ଟ ହୋଇପାରିନାହିଁ ।

## ବିଜେଡି ବିଧାୟକ ଓ ସାଂସଦଙ୍କୁ ଭେଟି ସମର୍ଥନ ମାଗିଲେ ଦ୍ରୌପଦୀ

ଭୁବନେଶ୍ୱର,୦୮ ଜୁଲାଇ – ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ଶୁକ୍ରବାର ଦିନିକିଆ ଓଡ଼ିଶା ଗସ୍ତରେ ଆସି ବିଧାନସଭାରେ ବିଜେଡି ବିଧାୟକ ଓ ସାଂସଦମାନଙ୍କୁ ଭେଟି ଆଗାମୀ ନିର୍ବାଚନ ପାଇଁ ସମର୍ଥନ ମାଗିଛନ୍ତି । ବିଧାନସଭାର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ କରିଥିଲେ। ଏଥିରେ ଦ୍ରୌପଦୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବିଜେଡିର ସାଂସଦ ଓ ବିଧାୟକମାନଙ୍କୁ ସମର୍ଥନ ଲୋଡ଼ିଛନ୍ତି। ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବା ପରେ ସେ କିଛି ସମୟ ପାଇଁ ରାଜ୍ୟ ଅତିଥି ଗୃହରେ ବିଶ୍ରାମ କରିବା ପରେ ବିଧାନସଭାରେ ପହଂଚିଥିଲେ ।

# ଆଜି ବାହୁଡ଼ିବେ ବାହୁଡ଼ାବ୍ରହ୍ମ



ପୁରୀ, ୦୮ ଜୁଲାଇ : ନବଦିନାତ୍ମକ ଯାତ୍ରା ଶେଷ କରି ଆଜି ବାହୁଡ଼ାଯାତ୍ରାରେ ବାହୁଡ଼ିବେ ଚତୁର୍ଦ୍ଧାମୂର୍ତି। ସଂଧ୍ୟା ଦର୍ଶନରେ ଲକ୍ଷାଧିକ ଭକ୍ତ ଆଡ଼ପ ମଣ୍ଡପରେ ଦର୍ଶନ କରି ଆନନ୍ଦିତ ହୋଇଛନ୍ତି। ଜୁଲାଇ ୧ରେ ଶ୍ରୀଗୁଣ୍ଡିଚାଯାତ୍ରାରେ ଚତୁର୍ଦ୍ଧାମୂର୍ତି ତିନିରଥରେ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ । ୨ ତାରିଖରେ ଆଡ଼ପ ମଣ୍ଡପକୁ ବିଜେ କରିଥିଲେ । ୩ ତାରିଖରେ ଆଡ଼ପ ଅବଢା ଭକ୍ତ ପାଇଥିଲେ । ୪ ତାରିଖରେ ସାଧାରଣ ଦର୍ଶନ ଅନୁଷ୍ଠିତ ହୋଇଥିଲା । ୫ ତାରିଖରେ ପବିତ୍ର ହେରାପଂଚମୀ ପାଇଁ ମାହାଲକ୍ଷ୍ମୀଙ୍କ ଦର୍ଶନ ସହ ନନ୍ଦିଘୋଷ ରଥର ଏକ ଅଂଶ ଭାଙ୍ଗିଥବଲେ । ୬ ତାରିଖ ଦିନ ତିନିରଥର ଦକ୍ଷିଣମୋଡ଼ ହୋଇ ନାକଚଣା ଦ୍ୱାରରେ ଲାଗିଥିଲା । ୭ ତାରିଖରେ ଦର୍ଶନ ପାଇଁ ପ୍ରବଳ ଭିଡ଼ ଜମିଥିଲା । ୮ ତାରିଖରେ ସଂଧ୍ୟା ଦର୍ଶନ କରି ଭକ୍ତମାନେ ଆନନ୍ଦିତ ହୋଇଥିଲେ । ୯ ତାରିଖ ଶନିବାରରେ ପବିତ୍ର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ । ଶ୍ରୀମନ୍ଦିର ପ୍ରଶାସନ ନୀତି ନିର୍ଘଂଟ ଅନୁଯାୟୀ ଦ୍ୱାରଫିଟା ପରେ ପ୍ରାତଃ ୪ଟାରୁ ମଙ୍ଗଳାଆଳତି ହୋଇ ସକାଳ ୭ଟାରେ ସେନାପଟା ଲାଗି ହେବା ପରେ ୧୧ଟା ୪୫ରେ ମଙ୍ଗଳା ଅର୍ପଣ ଓ ୧୨ଟାରେ ବାହୁଡ଼ା ପହଣ୍ଡି ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି । କିନ୍ତୁ ସଅଳ ପହଣ୍ଡି କରିବା ପାଇଁ ପ୍ରଶାସନ ଓ ଦଇତାପତିଙ୍କ ମଧରେ ଆଲୋଚନା ହୋଇଛି । ଶ୍ରୀଗୁଣ୍ଡିଚାରେ ତିନିରଥର ୪୨ ଚକ ଗୁଣ୍ଡିଚା ମନ୍ଦିରକୁ ଗଡ଼ିଥିବା ବେଳେ ବାହୁଡ଼ାରେ ୪୨ ଚକ ସିଂହଦ୍ୱାରକୁ ଗଡ଼ିଛି । ଗୁଣ୍ଡିଚା ଓ ବାହୁଡ଼ାରେ ୮୪ ଚକ ଦର୍ଶନ କଲେ ୮୪ ଜନ୍ମରୁ ମୁକ୍ତି ମିଳିବ ବୋଲି ବିଶ୍ୱାସ ରହିଛି ।

## ଅମରନାଥରେ ବାଦଲଫଟା ବର୍ଷା , ଶ୍ରଦ୍ଧାଳୁ ମୃତ



ଶ୍ରୀନଗର , ୦୮ ଜୁଲାଇ ( ହି. ସ.)- ଅମରନାଧ ଗୁମ୍ଫା ପାଖରେ ଶୁକ୍ରବାର ସନ୍ଧ୍ୟାରେ ବାଦଲଫଟା ବର୍ଷା ହୋଇଛି ଯେଉଁଥି ପାଇଁ କେତେକ ଶ୍ରଦ୍ଧାଳୁ ମୃତାହତ ହୋଇଥିବା ସୂଚନା ମିଳିଛି। କୁହାଯାଉଛି ଯେ ଏହି କାରଣ ପାଇଁ କିଛି ଶ୍ରଦ୍ଧାଳୁଙ୍କର ମୃତ ହୋଇଛି କିନ୍ତୁ ପ୍ରଶାସନ ତରଫରୁ ଏହାର କିଛି ସ୍ପଷ୍ଟ କରା ଯାଇ ନାହିଁ । ଜୁଲାଇ ମାସର ପ୍ରଥମ ସପ୍ତାହରେ ଶ୍ରଦ୍ଧାଳୁ ମାନଙ୍କ ପ୍ରଥମ ସମୁହ ଗୃପ ଦର୍ଶନ କରିଥିଲେ ଏବଂ ୭ ଜୁଲାଇ ପର୍ଯ୍ୟନ୍ତ ଏହି ଅଙ୍କ ଏକ ଲକ୍ଷ ପାରି ହୋଇ ଯାଇଥିଲା। ଏହି ଅବସରରେ ଗୋଟିଏ ଦିନ ଖରାପ ପାଗ ପାଇଁ ଯାତ୍ରାକୁ ମଧ୍ୟ ସ୍ଥଗିତ ରଖାଯାଇଛି। ଏନ୍ ଡି ଆର ଏଫ୍ ଏବଂ ଏସ୍ ଡି ଆର ଏଫ୍‌ର ଟିମ ସହିତ ସୁରକ୍ଷା କର୍ମୀ ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି।

## ଭିଜିଲାନ୍ସ ଜାଲରେ ରରୁଆଁ ତହସିଲଦାର ଓ ଅମିନ

ଭୁବନେଶ୍ୱର, ୦୮ ଜୁଲାଇ – ଜମି ପଟ୍ଟା କରିବା ପାଇଁ ଲାଂଚ ନେଉଥିବା ଅଭିଯୋଗରେ ମୟୂରଭଞ୍ଜ ଜିଲ୍ଲା ରରୁଆଁ ତହସିଲର ତହସିଲଦାର ସତ୍ୟ ସୁନ୍ଦର ରାଉତ ଭିଜିଲାନ୍ସ ଦ୍ୱାରା ଧରାପଡିଛନ୍ତି। ତାଙ୍କ ସହ ଅମିନ କମଳ ଲୋଚନ ପାତ୍ର ମଧ୍ୟ ଭିଜିଲାନ୍ସ ଜାଲରେ ପଡିଛନ୍ତି। ଜମି ପଟ୍ଟା କରିଦେବା ପାଇଁ ଭଞ୍ଜକିଆର ଚକ୍ରଧର ମହାନ୍ତଙ୍କ ଠାରୁ ୧୫ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ବିଭାଗ ତାଙ୍କୁ ଧରିଛି। ମୋଟ ୪୦ ହଜାର ଟଙ୍କା କଥାବାର୍ତା ହେଇଥିବା ବେଳେ ପୂର୍ବରୁ ୨୫ ହଜାର ଟଙ୍କା ଅମିନ କମଳ ପାତ୍ରଙ୍କ ଜରିଆରେ ନେଇଥିଲେ । ଆଜି ବାକି ୧୫ ହଜାର ଟଙ୍କା ନେଲାବେଳେ ଭିଜିଲାନ୍ସ ମାଡି ବସିଥିଲା। ଏହାପରେ ଶ୍ରୀ ରାଉତ ଏବଂ ଶ୍ରୀ ପାତ୍ରଙ୍କ ସମ୍ପତି ଯାଂଚ କରାଯାଉଛି। ତହସିଲଦାର ସତ୍ୟସୁନ୍ଦରଙ୍କ ୪ଟି ସ୍ଥାନରେ ଏବଂ ଅମିନ କମଳଲୋଚନଙ୍କ ଗୋଟିଏ ଜାଗାରେ ଚଢ଼ଉ ଜାରୀ ରହିଛି । ଚଢ଼ଉ ଚାଲିଥିବାରୁ ଏନେଇ ସବିଶେଷ ତଥ୍ୟ ମିଳିପାରିନାହିଁ । ଏନେଇ ବାଲେଶ୍ୱର ଭିଜିଲାନ୍ସ କେସ୍ ନଂ ୧୯/୨୨ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

# ବ୍ଲକ ପ୍ରଶାସନ କଥାକୁ ଶୁଣୁନାହାନ୍ତି ସରପଞ୍ଚ

## ଚତୁର୍ଥ ଦିନରେ ଧାରଣା ଜାରି ରଖିଲେ ପୂର୍ବତନ ସରପଞ୍ଚ



ନିଆଳୀ,୦୮।୦୭(ନି.ପ୍ର.): କଣ୍ଟାପଡା ବ୍ଲକ କାର୍ଯ୍ୟାଳୟ ଆଗରେ ପୂର୍ବତନ ସରପଞ୍ଚଙ୍କ ଧାରଣା ଚତୁର୍ଥ ଦିନରେ ପହଞ୍ଚିଛି। ଉନ୍ନୟନ କାର୍ଯ୍ୟର ପ୍ରାପ୍ୟ ମିଳି ନଥିବାରୁ ଏହି ଧାରଣାକୁ ସେ ଜାରି ରଖିଛନ୍ତି। ବ୍ଲକ ପ୍ରଶାସନ କଥାକୁ ବର୍ତ୍ତମାନର ସରପଞ୍ଚ ମାନୁ ନଥିବା ବେଳେ ବ୍ଲକ ପଞ୍ଚାୟତ ନିର୍ବାହୀ ଅଧିକାରୀ ସମାପିକା ମହାନ୍ତି ପୂର୍ବ ବକେୟା ଟଙ୍କା ଦେବା ନିମନ୍ତେ ତତ୍ପରତା ପ୍ରକାଶ କରିଥିବା ସତ୍ତ୍ୱେ ନୂତନ ସରପଞ୍ଚ ରାଜନୈତିକ ଉଦ୍ଦେଶ୍ୟ ରଖି ଏଥିରେ ସହଯୋଗ କରୁ ନଥିବାରୁ ବ୍ଲକ ପ୍ରଶାସନ ଏବେ ହରଡ ଘଣାରେ ପଡିଛି। ପ୍ରଶାସନ ନିଜ ତରଫରୁ କିଭଳି ବ୍ୟବସ୍ଥା କରାଯାଇ ଟଙ୍କା ଦିଆଯାଇ ପାରିବ ସେଥିପାଇଁ ଉଦ୍ୟମ ଜାରି ରଖିଥିବା ବେଳେ ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ପତି କହିଛନ୍ତି। ଅପର ପକ୍ଷରେ ପୂର୍ବତନ ସରପଞ୍ଚ ଲଲାଟେନ୍ଦୁ ପ୍ରସାଦ ଦାସ ଧାରଣା ଜାରି ରଖିଥିବାରୁ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଦିନକୁ ଦିନ ବିଗିଡିବାରେ ଲାଗିଛି। ଏଥିରେ ଯଦି କୌଣସି ଅଘଟଣ ଘଟେ ତେବେ ବ୍ଲକ ପ୍ରଶାସନ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ତାଙ୍କ ପରିବାର ତରଫରୁ ସୂଚନା ଦିଆ ଯାଇଛି। ଏଠାରେ ସୂଚନା ଥାଉକି ବ୍ଲକ ପ୍ରଶାସନ ଓ ସରପଞ୍ଚଙ୍କ ଟାଳଟୁଳ ନିତି ଯୋଗୁଁ ଆଗାମୀ ଦିନରେ ରାଜନୈତିକ ହିଂସା ଉଗ୍ରରୂପ ନେବାର ଦେଖାଦେଇଛି।

# ବ୍ରାହ୍ମଣ ସାଇଲୋ ସେବା ସମବାୟ ସମିତିର ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ସୁରେନ୍ଦ୍ର ପାତ୍ର



ନିଆଳୀ,୦୮।୦୭(ନି.ପ୍ର.): କଣ୍ଟାପଡା ବ୍ଲକ ଅଧିନସ୍ଥ ବ୍ରାହ୍ମଣ ସାଇଲୋ ସେବା ସମବାୟ ସମିତିରେ ସଭାପତି ଭାବେ ନିଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି ସୁରେନ୍ଦ୍ର ପାତ୍ର। ସେ ଏକମାତ୍ର ପ୍ରାର୍ଥି ଭାବେ ନାମାଙ୍କନ ଭରିଥିବା ବେଳେ ସେବା ସମବାୟ ସମିତିର ନିର୍ବାଚନ ଅଧିକାରୀ ନୃସିଂହ ଚରଣ ନାୟକ ଏକମାତ୍ର ପ୍ରାର୍ଥି ସୁରେନ୍ଦ୍ର ନାମାଙ୍କନ ଭରିଥିବାରୁ ତାଙ୍କୁ ସବାପତି ଭାବେ ଘୋଷଣା କରିଥିଲେ। ସେଠାରେ ଉପସ୍ଥିତ ଥିଲେ ଶରତ ଚନ୍ଦ୍ର ପାଢୀ, ବୁଦ୍ଧନାଥ ଆର୍ଚ୍ଚର୍ଯ୍ୟ, ପ୍ରମୋଦ କୁମାର ପାଢୀ, କଟକ ଜିଲ୍ଲା ବିଜେଡି ଉପସଭାପରି ବଳରାମ ପାତ୍ର, ବ୍ରାହ୍ମଣ ବାଟୀ ସରପଞ୍ଚ ସଞ୍ଜୟ ରାଉତରାୟ, ପୋସ୍ତଳ ପଞ୍ଚଯଚାୟତର ବିଜେଡି ନେତା ସିତିକାନ୍ତ ପ୍ରଧାନ, ପ୍ରକାଶ ବେହେରା, ବାବୁ ବେହେରା, ଅଭୟ ପାତ୍ର, ମାନସ ପାତ୍ର, ଜୟଦେବ ପାତ୍ର, ଅନୁରୋଧ ଭୋଇ, କୈଳାସ ଚନ୍ଦ୍ର ବେହେରା, ଗୋବିନ୍ଦ ରାଉତରାୟ, ବିଭୂତି ବେହେରା, କୈଳାସ ଭୋଇ ଓ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ। ବ୍ରାହ୍ମଣ ସାଇଲୋ ସେବା ସମବାୟ ସମିତିର ସେକ୍ରେଟାରୀ ଗଙ୍ଗାଧର ସାହୁ, ଅରବିନ୍ଦ ସ୍ୱାଇଁ ଓ ରାଜକିଶୋର ମାହାଳି ପରିଚ୍ଚଳନା କରିଥିଲେ।

# ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ; ଘରୋଇ ବିଦ୍ୟାଳୟ ଆଗରେ

ରାଉରକେଲା, ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ରାଉରକେଲାରେ ଘରୋଇ ବିଦ୍ୟାଳୟଗୁଡ଼ିକ ସରକାରୀ ବିଦ୍ୟାଳୟ ଠାରୁ ଆଗରେ ରହିଥିବା ଜଣାପଡ଼ିଛି। ପୂର୍ବଥର ଭଳି ସରସ୍ୱତୀ ବିଦ୍ୟାମନ୍ଦିର ଆଗୁଆ ରହିଛି। ସେକ୍ଟର-୭ ଚିନ୍ମୟ ବିଦ୍ୟାଳୟ ମଧ୍ୟ ସଫଳତାକୁ ଅବ୍ୟାହତ ରଖିଛି। ତେବେ ଚଳିତ ବର୍ଷ ଏ-୧ ତାଲିକାରେ ମଧୁସୂଦନ ଶିକ୍ଷାନିବାସ ଆଗରେ ରହିଥିବା ବେଳେ ଏହା ପଛରେ ରହିଛି ବାଜିରାଉତ ଶିକ୍ଷା ନିକେତନ।

ସେକ୍ଟର-୬ ସରସ୍ୱତୀ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀ ପୂର୍ବଥର ଭଳି ସଫଳତାକୁ ଅବ୍ୟାହତ ରଖିଛନ୍ତି। ଏହି ବିଦ୍ୟାଳୟରୁ ସମସ୍ତ ୧୫୩ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏ-୧ ତାଲିକାରେ ୪୪ ଜଣ ଛାତ୍ରଛାତ୍ରୀ ରହିଛନ୍ତି। ସେହିପରି ଏ-୨ରେ ୭୭ ଜଣ ବି-୧ରେ ୨୪, ବି-୨ରେ ୭ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ସେକ୍ଟର-୭ ଚିନ୍ମୟ ବିଦ୍ୟାଳୟରେ ସମସ୍ତ ୧୧୯ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଏ-୧ ତାଲିକାରେ ୧୦ ଜଣ ସାମିଲ ହୋଇଛନ୍ତି। ଉକ୍ତ ବିଦ୍ୟାଳୟର ଏ-୨ରେ ୨୨ ଜଣ, ବି-୧ରେ ୩୯ ଜଣ, ବି-୨ରେ ୩୭, ସି ଏବଂ ଡିରେ ଅବଶିଷ୍ଟ ଉତ୍ତୀର୍ଣ୍ଣ ହୋଇଛନ୍ତି।

ସେକ୍ଟର-୧୭ ମଧୁସୂଦନ ଶିକ୍ଷାନିବାସର ସମସ୍ତ ୨୫୨ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏ-୧ ତାଲିକାରେ ୭ ଜଣ ରହିଥିବା ବେଳେ ଏ-୨ରେ ୪୩ ଜଣ, ବି-୧ରେ ୪୭ ଜଣ, ବି-୨ରେ ୭୩ ଜଣ, ସି'ରେ ୬୩ ଜଣ ଓ ଡି'ରେ ୧୯ ଜଣ ସାମିଲ ହୋଇଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୋଭାଗିନୀ ମୁଦାଲିଙ୍କ ସମେତ ବିଦ୍ୟାଳୟର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ସଫଳ ଛାତ୍ରଛାତ୍ରୀଙ୍କୁ ମିଠା ଖୁଆଇ ଶୁଭେଚ୍ଛା ଦିଆଯାଇଛି। ସେକ୍ଟର-୩ ସ୍ଥିତ ବାଜିରାଉତ ଶିକ୍ଷା ନିକେତନରେ ପରୀକ୍ଷା ଦେଇଥିବା ସମସ୍ତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏ-୧ରେ ୩ ଜଣ ସ୍ଥାନ ପାଇଥିବା ବେଳେ ଏ-୨ରେ ୧୫ ଜଣ, ବି-୧ରେ ୧୫ ଜଣ, ବି-୨ରେ ୨୬ ଜଣ, ସିରେ ୧୩ ଜଣ, ଡିରେ ୭ ଜଣ ଏହିପରି ମୋଟ ୭୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ଶତ ପ୍ରତିଶତ ଫଳାଫଳରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୌଦାମିନୀ ମୁଦାଲିଙ୍କ ସମେତ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା କର୍ତ୍ତୃପକ୍ଷ ସନ୍ତୋଷ ପ୍ରକାଶ କରିବା ସହ ସଫଳ ଛାତ୍ରଛାତ୍ରୀଙ୍କୁ ମିଠା ଖୁଆଇ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ଛେଣ୍ଡ ହାଉସିଂ କଲୋନୀ ଉଚ୍ଚ ବିଦ୍ୟାଳୟରେ ଏ-୧ ତାଲିକାରେ ୨ ଜଣ ସ୍ଥାନ ପାଇଛନ୍ତି। ଶକ୍ତିନଗର ସରକାରୀ ଉଚ୍ଚ ବିଦ୍ୟାଳୟର ୩ ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଏ-୨, ବି-୧, ବି-୨, ସି ଏବଂ ଡିରେ ଅବଶିଷ୍ଟ ସମସ୍ତ ଛାତ୍ରଛାତ୍ରୀ ପାସ୍ କରିଛନ୍ତି ଯାହା ଶତ ପ୍ରତିଶତ ଫଳାଫଳ ହୋଇଥିବା ଜଣାପଡ଼ିଛି।

# ସ୍ତ୍ରୀର ଅନୈତିକ ସମ୍ପର୍କ ଦେଖି ସ୍ୱାମୀର ଆତ୍ମହତ୍ୟା

## ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ

ନିଆଳୀ,୦୮।୦୭(ନି.ପ୍ର.): ଗୋବିନ୍ଦପୁର ଥାନା ଅଧିନସ୍ଥ ଉକ୍ତ ଅଞ୍ଚଳରେ ଜନେ ପୂଜକ ଛଦ୍ମନାମ ଆଲୋକ ପଣ୍ଡା, ବୟସ - ୪୬ ବର୍ଷ, ନିଜ ସ୍ତ୍ରୀର ବହୁ ପୁରୁଷଙ୍କ ସହିତ ଅନୈତିକ ସମ୍ପର୍କ ବିଷୟରେ ଅବଗତ ଥିଲେ। ଯାହାକୁ ନେଇ ପରିବାର ଭିତରେ ପ୍ରତ୍ୟେକ ଦିନ ଝଗଡା ସୃଷ୍ଟି ହେଉଥିଲା। ସ୍ତ୍ରୀର ବାପଘର ସଦର ଥାନା ଅଞ୍ଚଳରେ ଜଣେ ଯୁବକଙ୍କ ସହିତ ସମ୍ପର୍କ ଥିବାରୁ ସେ ବହୁ ସମୟ ବାପଘରେ ରହୁଥିଲା। ଏଥିରେ ଉତକ୍ଷିପ୍ତ ହୋଇ ବାପଘରୁ ସ୍ତ୍ରୀକୁ ନିଜଘରକୁ ଆଲୋକ ନେଇ ଆସିଥିଲେ। ଆଲୋକ ଘରେ ନଥିବାର ସୁଯୋଗ ନେଇ ସଂପୃକ୍ତ ଯୁବକ ଜଣକ ଏଠାରେ ପହଞ୍ଚି ଥିଲେ। ଆଲୋକଙ୍କ ସ୍ତ୍ରୀ ସହିତ ଅସଂଜତ ଅବସ୍ଥାରେ ଥିବା ଅବସ୍ଥାରେ ଦେଖି ଦେବାରୁ ଗତ ୪ଦିନ ତଳେ ଦାନାଦାର ଖାଇ ଦେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କଟକ ବଡ ମେଡିକାଲକୁ ନେଇଥିଲେ। ଆଜି ତାଙ୍କର ମୃତ୍ୟୁ ହୋଇଯାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସେ ଜଣେ ଭଲ ପୂଜକ ଥିଲେ।

# ରଥଯାତ୍ରା ଉପଲକ୍ଷେ ଭଜନ ଓ ନୃତ୍ୟ ପରିବେଷଣ



ରାୟଗଡ:- ୮/୭(ନି.ପ୍ର) ପବିତ୍ର ରଥଯାତ୍ରା ଅବସରରେ ସ୍ଥାନୀୟ ମାଉଁସି ମାଆ ପରିସରରେ ବିଭିନ୍ନ ସଂକ୍ଷସ୍କୃତିକ ଅନୁଷ୍ଠାନ ତରଫରୁ ଭଜନ ଓ ନୃତ୍ୟ ପରିବେଷଣ କରିଥିଲେ । ପ୍ରଥମ ଦିନରେ ନେତାଜୀ ୟୁଥ ଆସୋସିଏସନ, ଦ୍ୱିତୀୟ ଦିନରେ ସ୍ୱରସାଗର ସଂସ୍କୃତିକ ଅନୁଷ୍ଠାନ ତରଫରୁ ସୋନାମ ଧନ୍ୟ କଣ୍ଠ ଶିଳ୍ପୀ ମାନଙ୍କ ଦ୍ୱାରା ଭୋଜନ ପରିବେଷଣ କରିଥିଲେ । ସେହିପରି ତୃତୀୟ ଦିନରେ ଗାୟତ୍ରୀ ସଂଘଠନ ତରଫରୁ ନୃତ୍ୟ ପରିବେଷଣ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଧର୍ମାନନ୍ଦ ବେହେରା ଯୋଗଦନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଏଥିରେ ସମ୍ମାନିତ ଅତିଥି ଭାବରେ ଉପଜିଲ୍ଲାପାଳ ରାୟଗଡ ଭୀମସେନ ଶବର,ତହସିଲଦାର ରାୟଗଡ,ତାପସ କୁମାର ରାଉତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ବସନ୍ତ କୁମାର ପ୍ରଧାନ,ଜିଲ୍ଲା ସଂସ୍କୃତି ଅଧିକାରୀ ସସ୍ମିତା ବାଉରୀ ପ୍ରମୁଖ ଯୋଗଦାନ କରି କଳାକକ୍ଷର ମାନଙ୍କୁ ଉତ୍ସାହିତ କରିଥିଲେ । ଗାୟତ୍ରୀ ସଂଘଠନର ସଭାପତି ଯେ.ସୁକାନ୍ତ ଉଦ୍ୟମରେ ଏହି ନୃତ୍ୟ କାର୍ଯ୍ୟକ୍ରମରେ ୧୮ଟି ନୃତ୍ୟ ଶିଳ୍ପୀ ଆକର୍ଷଣୀୟ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମୁଗଦ୍ଧ କରିଥିଲେ ।

# ଅବକାରୀ ବିଭାଗର ଚଢ଼ାଉ, ବିପୁଳ ପରିମାଣରେ ଦେଶୀ ମଦ ଜବତ, ବହୁ ଅଭିଯୁକ୍ତ ଗିରଫ

ରାୟଗଡ:-ତା.୮/୦୭(ନି.ପ୍ର) ଅବକାରୀ କମିଶନର ଆଶିଷ କୁମାର ସିଂହ ଓ ରାୟଗଡ ଜିଲ୍ଲାପାଳ ସ୍ୱଧା ଦ୍ୱେ ସିଂହଙ୍କ ନିର୍ଦ୍ଦେଶରେ ଅବକାରୀ ଅଧିକ୍ଷକ ରାୟଗଡ଼ ଅଭିରାମ ବେହେରାଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ବ୍ୟାପକ ଅବକାରୀ ଚଢ଼ାଉ କରାଯାଇଛି । ଜିଲ୍ଲାର ରାୟଗଡ, ଗୁଣୁପୁର,ଗୁଡାରି,ବିଷମ କଟକ,କଲ୍ୟାଣସିଂପୁର ଅବକାରୀ ଥାନା ଅଞ୍ଚଳରେ ଅବକାରୀ ଦଳ ତା.୪/୦୭/୨୨ ରୁ ୭/୦୭/୨୨ରିଖ ୪(ଚାରି)ଦିନ ଧରି ବିଭିନ୍ନ ସ୍ଥାନରେ ବ୍ୟାପକ ଚଢ଼ାଉ କରି ୪୦ଟି ଅବକାରୀ କେସ ରଜୁକରି ଓ ୨୩ଜଣ ଅଭିଯୁକ୍ତକୁ ଗିରଫ କରିଛନ୍ତି । ଗତ ୪ଦିନ ଧରି ଲଗାତାର ଭାବରେ ଜିଲ୍ଲାର ବିଭିନ୍ନ ଦୁର୍ଘମ ଇଲାକାରେ,ଗଳିକନ୍ଦି ଅଞ୍ଚଳରେ ଲୁକାୟତ ଭାବେ ଚୋରା ମଦ ପ୍ରସ୍ତୁତ କରୁଥିବା ଆଡ୍ଡା ଉପରେ ଅତର୍କିତ ଚଢ଼ାଉ କରି ୧୧୧୮୦ଲିଟର ପୋଚ୍ଚ,୧୨୭୦ ଲିଟର ଦେଶୀମଦ ଜବତ କରି ବହୁ ମଦରନ୍ଧା ସାମଗ୍ରୀ ନଷ୍ଟ କରାଯାଇଥିବା ଜିଲ୍ଲା ଅବକାରୀ ଅଧିକ୍ଷକ ଶ୍ରୀ ବେହେରା ସୂଚନା ଦେଇଥିଛନ୍ତି । ଚୋରା ମଦ କାରବାର ରୋକିବା ନିମନ୍ତେ ଜିଲା ଅବକାରୀ ବିଭାଗର ବିଭିନ୍ନ ଥାନା ଯଥା ରାୟଗଡ, ବିଷମକଟକ, ଗୁଡାରି, ଗୁଣପୁର, କଲ୍ୟାଣ ସିଂପୁର ସଦଳବଳ ରିତିମତ ଚଢ଼ାଉ ଜାରି ରହିଛି ।

# ସରକାରୀ ନିୟମାନୁସାରେ ନିଯୁକ୍ତି , କର୍ମୀ ନିଯୁକ୍ତିରେ ଅନିୟମିତତା ଅଭିଯୋଗ ଭିତ୍ତିହୀନ



ଭଦ୍ରକ, ୦୮।୦୭(ନି.ପ୍ର.): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଅର୍ନ୍ତଗତ ଗୋପିନାଥପୁର ପଂଚାୟତ ଅଧିନ ତାଜିପୁର ଅଙ୍ଗନୱାଡି କେନ୍ଦ୍ରରେ ଗତ କିଛି ଦିନ ତଳେ କର୍ମୀ ନିଯୁକ୍ତିରେ ଅନିୟମିତତାକୁ ନେଇ କିଛି ଗ୍ରାମବାସୀ ଉପଜିଲ୍ଲାପାଳ,ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ,ବ୍ଲକ ଉନ୍ନୟନ ଅଧିକାରୀ ଏବଂ ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ସେମାନଙ୍କ ଅଭିଯୋଗ ଅନୁଯାୟୀ; ୨୦୨୧ଡ଼ିସେମ୍ବର ମାସରେ ଉକ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ କାର୍ଯ୍ୟରତ କର୍ମୀ କୌଣସି କାରଣରୁ ତାଙ୍କ ପଦରୁ ଇସ୍ତଫା ଦେବା ପରେ ବିଭାଗ ତରଫରୁ ଉକ୍ତ କେନ୍ଦ୍ରରେ କାର୍ଯ୍ୟରତ ସହାୟିକାଙ୍କୁ କର୍ମୀ ପଦବୀରେ ଅବସ୍ଥାପିତ କରାଯାଇ ସହାୟିକା ପଦବୀ ପାଇଁ ଗତ ଜୁନ୍ ୨୭ ତାରିଖରେ ଆବେଦନ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏହା ଜାଣିବାପରେ ଗ୍ରାମବାସୀମାନେ କେଉଁ ଆଧାରରେ ସହାୟିକାଙ୍କୁ କର୍ମୀ ପଦବୀରେ ଅବସ୍ଥାପିତ କରାଗଲା ସେ ନେଇ ଏହାର ନିରପେକ୍ଷ ତଦନ୍ତ ଦାବୀ କରିଥିଲେ । ଅପର ପକ୍ଷରେ ଅଭିଯୋଗକୁ ନେଇ ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ଆମ ପ୍ରତିନିଧି ଯୋଗାଯୋଗ କରିବାରୁ ସେ ସମସ୍ତ ସରକାରୀ ନିୟମାନୁସାରେ କର୍ମୀ ନିଯୁକ୍ତି ହୋଇଥିବାର କହିବା ସହ ଅଭିଯୋଗ ଭିତ୍ତିହୀନ ବୋଲି ପ୍ରକାଶ କରିଥିଲେ । ତାଙ୍କ କହିବାନୁଯାୟୀ; ସରକାରଙ୍କ ନିମାନୁସାରେ ଯଦି କୌଣସି ଅଙ୍ଗନୱାଡି କେନ୍ଦ୍ରରେ ଜଣେ ସହାୟିକା ଶିକ୍ଷାଗତ ଯୋଗ୍ୟତା ଥାଇ ୫ବର୍ଷରୁ ଉର୍ଦ୍ଧ ସମୟ କାର୍ଯ୍ୟକରିବା ସହ କୌଣସି ଏସସି ଓ ଏସଟି ଶ୍ରେଣୀର ହୋଇନଥିବେ ତେବେ ସେ କର୍ମୀ ଭାବେ ପଦୋନ୍ନତି ପାଇପାରିବେ । ତେଣୁ ଉକ୍ତ କେନ୍ଦ୍ର ସହାୟିକାଙ୍କ କ୍ଷେତ୍ରରେ ସରକାରଙ୍କ ପ୍ରଦତ୍ତ ସମସ୍ତ ନିୟମ ଲାଗୁ ହେଉଥିବାରୁ ତାଙ୍କୁ କର୍ମୀ ପଦବୀରେ ଅବସ୍ଥାପିତ କରାଯାଇଛି । ଏବଂ କାର୍ଯ୍ୟରତ କର୍ମୀ କୌଣସି କାରଣରୁ ତାଙ୍କ ପଦରୁ ଇସ୍ତଫା ଦେବା ପରେ ଗତ ଜୁନ ମାସ ୧୭ ତାରିଖରେ ଉପଜିଲ୍ଲାପାଳ,ଭଦ୍ରକ ସହାୟିକାଙ୍କୁ କର୍ମୀ ପଦବୀରେ ନିଯୁକ୍ତି ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତି ମୁହୁର୍ତ୍ତରେ ଗତ ଜୁନ ମାସ ୨୪ ତାରିଖରେ ବନ୍ତ ବ୍ଲକ ଉନ୍ନୟନ ଅଧିକାରୀଙ୍କ ପ୍ରକୋଷ୍ଠରେ ନିଯୁକ୍ତି ସମିତି ସଦସ୍ୟ ଉପଜିଲ୍ଲାପାଳ ଭଦ୍ରକଙ୍କ ଅଧ୍ୟକ୍ଷତାରେ ବ୍ଲକ ଉନ୍ନୟନ ଅଧିକାରୀ ବନ୍ତ, ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ବିଏସଏସଓ ,ବନ୍ତ ଏବଂ ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ଉପସ୍ଥିତରେ ଏକ ବୈଠକ ଅନୁଷ୍ଠିତ ହୋଇ ସହାୟିକାଙ୍କୁ କର୍ମୀ ରୂପେ ଚୟନ କରାଯାଇଥିଲା । ତେଣୁ ଉକ୍ତ ସହାୟିକାଙ୍କୁ କର୍ମୀ ରୂପେ ନିଯୁକ୍ତି କ୍ଷେତ୍ରରେ ଅନିୟମିତତା ଅଭିଯୋଗ ଭିତ୍ତି ହୀନ ବୋଲି ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପ୍ରକାଶ କରିଛନ୍ତି ।

# ବାଲ୍ୟବିବାହ ଓ ଶିଶୁ ଅପରାଧ ରୋକିବା ନିମନ୍ତେ ଗଡ଼ିଲା ଭ୍ରାମ୍ୟମାଣ ସଚେତନା ରଥ



ଭଦ୍ରକ, ୦୮।୦୭(ନି.ପ୍ର.):ବାଲ୍ୟ ବିବାହ ନିଷେଦ୍ଧ ଓ ଶିଶୁ ଅପରାଧ ବନ୍ଦ କରିବା ନିମନ୍ତେ ଜନ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପ୍ରସ୍ତୁତ ଭ୍ରାମ୍ୟମାଣ ସଚେତନତା ରଥକୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବଂ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁକୁମାର ମହାନ୍ତି ସବୁଜ ପତାକା ହଲାଇ ଶୁଭାରମ୍ଭ କରିଥିଲେ । ବାଲ୍ୟ ବିବାହକୁ ନା ସ୍କୁଲ ଯିବାକୁ ହଁ କହିବା, ବାଲ୍ୟ ବିବାହ ଏକ ଅପରାଧ, ବାଲ୍ୟ ବିବାହ ବନ୍ଦ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ଆଦି ବାର୍ତ୍ତା ବହନ କରୁଥିବା ଏହି ସଚେତନତା ରଥ ଜିଲ୍ଲାର ସମସ୍ତ ବ୍ଲକର ପରିକ୍ରମା କରିବ । ଝିଅର ବିବାହ ୧୮ ବର୍ଷ ପୂର୍ବରୁ ପୁଅର ବିବାହ ୨୧ ବର୍ଷ ପୂର୍ବରୁ କରାଯାଇ ପାରିବ ନାହିଁ । ବାଲ୍ୟ ବିବାହ ଅପରାଧ ନେଇ ଦଣ୍ଡ ଓ ଜୋରିମାନାର ଭାଗିଦାରୀ ନହେବା ପାଇଁ ଏଥିରେ ସଚେତନ କରାଯାଇଛି । କର୍ମକ୍ଷେତ୍ରରେ ଯୌନ ଅତ୍ୟାଚାର, ଲିଙ୍ଗ ନିରୂପଣ, ଲିଙ୍ଗ ପରୀକ୍ଷା, ଲିଙ୍ଗଗତ ଭେଦଭାବ, ଦୁର୍ବ୍ୟବହାର, ଘରୋଇ ହିଂସା ଆଦି ଘଟଣା ସମୟରେ ଚୁପ୍ ନ ରହିବା ନେଇ ମଧ୍ୟ ସଚେତନ କରାଯାଇଛି । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଜିଲ୍ଲା ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ବାଲ୍ୟ ବିବାହ ନିଷେଦ୍ଧ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଅସୀମ ଅମିତାଭ ଦାସ ପ୍ରମୁଖଙ୍କ ସହ ସିଡ଼ିପିଓ, ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଜଗତା ଘାଇ ପୁନରୁଦ୍ଧାର କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ଅଭିଯୋଗ

## *ଖବର ସଂଗ୍ରହରେ ଯାଇଥିବା ସାମ୍ବାଦିକଙ୍କୁ କାଳିମେଘି ପଚାଂୟତ ସରପଂଚଙ୍କ ସ୍ୱାମୀଙ୍କ ଦବଙ୍ଗଗିରି*

ଗଞ୍ଜାମ, ୦୮।୦୭(ନି.ପ୍ର.):ଦିନକୁ ଦିନ ସମ୍ବିଧାନର ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ଗଣମାଧ୍ୟମର ସାମ୍ବାଦିକଙ୍କ ଉପରେ ଠିକାଦାର, ସରପଂଚ ଓ ମାଫିଆଙ୍କ ଆକ୍ରମଣ ବୃଦ୍ଧି ପାଇବାରେ ଲାଗିଛି । କେଉଁଠି ଖବର ସଂଗ୍ରହ ପାଇଁ ଯାଇଥିବା ସାମ୍ବାଦିକଙ୍କ ଉପରେ ମରଣାନ୍ତକ ଆକ୍ରମଣ ହେଉଛି ତ ଆଉ କେଉଁଠି ସଠିକ୍ ଖବର ପ୍ରସାରଣ କଲେ ସାମ୍ବାଦିକଙ୍କୁ ମିଳୁଛି ହତ୍ୟା ଧମକ । ସେହିଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ବେଗୁନିଆପଡା ବ୍ଲକ ଅନ୍ତର୍ଗତ କାଳିମେଘି ପଚାଂୟତରେ । ପଚାଂୟତର ଜଗତା ଘାଇରେ ଚାଲିଥିବା କାର୍ଯ୍ୟରେ ବ୍ୟାପକ ଅନିୟମିତତା ନେଇ ଅଭିଯୋଗ ପାଇବା ପରେ ଖବର ସଂଗ୍ରହ ପାଇଁ ପହଂଚିଥିବା ସାମ୍ବାଦିକଙ୍କ ସହ ପଚାଂୟତର ସରପଂଚଙ୍କ ସ୍ୱାମୀ ତଥା ଠିକାଦାର ବିଶ୍ୱାମିତ୍ର ତ୍ରିପାଠୀ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ ଦେଖାଇଛନ୍ତି ଦବଙ୍ଗଗିରି । ଚାଷୀଙ୍କ ଜମିକୁ ଜଳସେଚନ ସାଙ୍ଗକୁ ଗୋଟିଏ ଗୋଟିଏ ଟୁରିଜିମ ସ୍ପଟ କରିବା ଉଦେଶ୍ୟ ନେଇ କବିସୂର୍ଯ୍ୟନଗର ବିଧାୟିକାଙ୍କ ପ୍ରଚେଷ୍ଟାରେ କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ୨ କୋଟି ୮୬ ଲକ୍ଷ ଟଙ୍କା ବ୍ୟୟରେ ଜଗତା ଘାଇର ଉନ୍ନତିକରଣ କାର୍ଯ୍ୟ ଗତ ଏପ୍ରିଲ ମାସଠାରୁ ଆରମ୍ଭ ହୋଇଛି । ଏହି ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଅନିୟମିତତା କରାଯାଇଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି । ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ନିମ୍ନମାନର କାର୍ଯ୍ୟ କରାଯାଇଥିବା ଅଭିଯୋଗ ହୋଇଛି । ଯନ୍ତ୍ରୀଙ୍କ ଦାମିକା ଗାଡ଼ିରେ ଠିକାଦାର ବୁଲି ମଜା ମଜଲିସ ଚଳାଇଥିବା ବେଳେ କାର୍ଯ୍ୟର ତଦାରଖ କରିବାକୁ ଘଟଣାସ୍ଥଳରେ ଉପସ୍ଥିତ ରହୁନାହାନ୍ତି ଯନ୍ତ୍ରୀ । କୋଦଳାରେ ରହିଥିବା କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟରେ ପ୍ରାୟତଃ ଅନୁପସ୍ଥିତ ରହୁଛନ୍ତି ଯନ୍ତ୍ରୀ । ଫଳରେ ଠିକାଦାର ମନଇଛା ନିମ୍ନମାନର କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି । ଅନ୍ୟପଟେ ଏହି କାର୍ଯ୍ୟର ଅଟକଳ ମୂଲ୍ୟ କିମ୍ବା କାର୍ଯ୍ୟ ଶେଷ ତାରିଖ କହିପାରୁନାହାନ୍ତି ଯନ୍ତ୍ରୀ । ଜନସାଧାରଣଙ୍କ ଅବଗତି ନିମନ୍ତେ ଏଠାରେ ଲାଗିନି ସୂଚନା ଫଳକ । କାର୍ଯ୍ୟ ସମ୍ବନ୍ଧରେ ପଚାରିଲେ ଯନ୍ତ୍ରୀ ସାମ୍ବାଦିକ ମାନଙ୍କୁ ଗୁଣ୍ଡାର ଆକ୍ଷା ଦେବା ସହିତ ଠିକାଦାର ଦ୍ୱାରା କରାଇଛନ୍ତି ଦୁର୍ବ୍ୟବହାର । ହେଲେ ଏଠି ପ୍ରଶ୍ନ ଉଠୁଛି ସତ୍ୟର ସନ୍ଧାନ କଲେ ଜଣେ ସାମ୍ବାଦିକ କେବେ ଗୁଣ୍ଡା ହୋଇଯାଏ କି ? ସରକାରୀ ବାବୁ ଯାହା କରିବେ ତାହା ଠିକ୍, ଦୁର୍ନୀତି ପଦାକୁ ଆଣିବା ଭୁଲ୍ କି ।

# ବନ୍ୟପ୍ରାଣୀଙ୍କ ନିମନ୍ତେ ନିର୍ମିତ କାନୋପି ବ୍ରିଜ୍‌ର ଶୁଭ ଉଦ୍‌ଘାଟନ

ରାଉରକେଲା,୦୮।୦୭(ନି.ପ୍ର.): ବଣାଇଁ ବନଖଣ୍ଡର ବରସୁଆଁ ରେଞ୍ଜ ଅନ୍ତର୍ଗତ, ବରସୁଆଁ ଠାରୁ ଟେନସାକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ଘାଟି ରାସ୍ତାରେ ବନ୍ୟ ପ୍ରାଣୀଙ୍କ ନିମନ୍ତେ ନିର୍ମିତ ଓଡ଼ିଶାର ପ୍ରଥମ କାନୋପି ସେତୁ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଉରକେଲା ଆଂଚଳିକ ମୁଖ୍ୟ ବନ ସଂରକ୍ଷକ ଡଃ ଅରୁଣ କୁମାର ମିଶ୍ର ଯୋଗଦେଇ ସେତୁର ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଟେନସା (ସେଲ) ଲୌହଖଣିର ଜିଏମଙ୍କ ସହିତ ଜିନ୍ଦଲ ଷ୍ଟିଲ ଆଣ୍ଡ ମାଇନ୍‌ସ୍‌ର ମୁଖ୍ୟ ପ୍ରମୋଦ କୁମାର ପାତ୍ର, ରଜନିଶ ଚତୁର୍ବେଦୀ, ଅନୁପମ ନାୟକ ପ୍ରମୁଖ ଅଧିକାରୀମାନେ ଯୋଗଦେଇଥିଲେ।



ଏହି ରାସ୍ତାଟି ଘଂଚ ଜଙ୍ଗଲରେ ପରିପୂର୍ଣ୍ଣ ଥିବାବେଳେ ବିଭିନ୍ନ ସମୟରେ ସରୀସୃପ, ଗୁଣ୍ଡୁଚି ମୂଷା ତଥା ମାଙ୍କଡ଼ମାନଙ୍କର ଭାରୀଯାନ ଦ୍ୱାରା ଦୁର୍ଘଟଣାର ସମ୍ମୁଖୀନ ହୋଇ ପ୍ରାଣହାନୀ ଘଟୁଥିଲା। ଏହି ସମସ୍ୟାର ସମାଧାନକୁ ଦୃଷ୍ଟିରେ ରଖି ମୁଖ୍ୟ ଅତିଥିଙ୍କ ପରିକଳ୍ପନାରେ ଓଡ଼ିଶାରେ ପ୍ରଥମ ଥର ପାଇଁ ସେଲ୍‌ର ସହଯୋଗରେ ପରୀକ୍ଷାମୂଳକ ଭାବେ ଏହି ସେତୁ ନିର୍ମିତ ହୋଇଛି, ଯାହାଫଳରେ ଆଗାମୀ ଦିନରେ ସରୀସୃପ, ଗୁଣ୍ଡୁଚି ମୂଷା, ମାଙ୍କଡ଼ ଇତ୍ୟାଦି ରାସ୍ତା ଅତିକ୍ରମ ନକରି କାନୋପି ସେତୁରେ ଏ ପାଖରୁ ସେ ପାଖକୁ ଚଳ ପ୍ରଚଳ କରିବା ଦ୍ୱାରା ଦୁର୍ଘଟଣାର ସମ୍ମୁଖୀନ ନହୋଇ ମୃତ୍ୟୁମୁଖରୁ ରକ୍ଷା ପାଇପାରିବେ ବୋଲି ଆଂଚଳିକ ମୁଖ୍ୟ ସଂରକ୍ଷକ ଡଃ ମିଶ୍ର ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବଣାଇଁର ଅତିରିକ୍ତ ବନ ସଂରକ୍ଷକ ସମୀର ପ୍ରକାଶ ତିର୍କୀ, ବରସୁଆଁ ରେଞ୍ଜ ଅଧିକାରୀ ନବୀନ ଚନ୍ଦ୍ର ପ୍ରଧାନ, ଫରେଷ୍ଟର କୈଳାସ କିସାନଙ୍କ ସମେତ ଅନ୍ୟାନ୍ୟ ବନ କର୍ମଚାରୀ ଉପସ୍ଥିତ ଥିଲେ।

# ଓଲଟପୁର ନିରତାରକୁ ଦୁଇଥାକିଆ ରାସ୍ତାପାଇଁ ଜମି ମାପଚୁପ ଶେଷ



ନିଆଳୀ,୦୮।୦୭(ନି.ପ୍ର.):କଣ୍ଟାପଡା ତହସିଲ ଅଧିନସ୍ଥ ୬୦ନଂ ରାଜ୍ୟ ରାଜପଥ ବାଇରୋଇ ଛକରୁ ଓଲଟପୁର ନିରତାରକୁ ଦୁଇଥାକିଆ ରାସ୍ତା ନିମନ୍ତେ କଣ୍ଟାପଡା ତହସିଲ ପକ୍ଷରୁ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଦୋକାନ ଗୁଡିକ ଉଚ୍ଛେଦ ପାଇଁ ମାପଚୁପ କାର୍ଯ୍ୟ ଶେଷ ହୋଇଛି। ଏଥିରେ କଣ୍ଟାପଡା ତହସିଲଦାର ମିତାଞ୍ଜଳୀ ଦାସ, ଅତିରିକ୍ତ ତହସିଲଦାର ଶୁଭ୍ରାଂଶୁ ସାହୁ, ସୁପର ଭାଇଜର ବିଜୟ ବେହେରା, ଆର.ଆଇ. ଜ୍ଞାନରଞ୍ଜନ ମଲ୍ଲିକ, କିଷ୍ଟାପଡା ଜଳସେଚନ ବିଭାଗ ଏସ.ଡି.ଓ. ବିଷ୍ଣୁ ବାହିନୀ ପତି ଉପସ୍ଥିତ ରହି କାର୍ଯ୍ୟ ଶେଷ କରିଛନ୍ତି।

# ଅଣ୍ଡା ପାଇଁ ମହାଭାରତ; ଖେରସ ଅଙ୍ଗନୱାଡି କେନ୍ଦ୍ର ବନ୍ଦ

ନିଆଳୀ,୦୮।୦୭(ନି.ପ୍ର.): କଣ୍ଟାପଡା ବ୍ଲକ ଅଧିନସ୍ଥ ବ୍ରାହ୍ମଣ ସାଇଲୋ ପଞ୍ଚାୟତ ଖେରସ ଗ୍ରାମର ୧ନଂ ଅଙ୍ଗନୱାଡି କେନ୍ଦ୍ରଟି ଦିନ ଘ.୧୧.୩୦ମି. ସୁଦ୍ଧା ବନ୍ଦ ରହିଥିଲା। ଏହି ସେଣ୍ଟରର ଦିଦି ମନ୍ଦାକିନୀ ପାଢୀଙ୍କ ନାମରେ ବହୁ ଅଭିଯୋଗ ପୂର୍ବରୁ ଆସିଥିଲେ ମଧ ସେ ଏହାକୁ କର୍ଣ୍ଣପାତ କରୁ ନଥିଲେ। ଆଜି ଦିନ ଘ.୧୧.୩୦ମି. ସୁଦ୍ଧା ସେଣ୍ଟର ବନ୍ଦ ଥିବା ବେଳେ ଗଣମାଧ୍ୟମ ପ୍ରତିନିଧି ଆସିଥିବା ଖବର ପାଇ ସେଠାରେ ପହଞ୍ଚି ସେଣ୍ଟର ଖୋଲିଥିଲେ। ବର୍ଷାଯୋଗୁଁ ୨ଟି ପିଲା ଆସିଥିଲେ, ଅଣ୍ଡା ଦୁଇଟା ଦେଇ ତାଙ୍କୁ ବିଦା କରିଦେଇଥିଲି। ରୋଷେଇ କରି ନଥିଲି ବୋଲି ସେ କହିଥିଲେ। ଏହି ସମୟରେ ସହାୟିକା ଥିବା ଲକ୍ଷ୍ମୀପ୍ରିୟା ବେହେରା ବିନା ଡ୍ରେସ୍ କୋର୍ଡରେ ପହଞ୍ଚିଥିଲେ। ୪ଟା ଛୁଆ ଆସିଥିଲେ ମୁଁ ସିଝାଇକରି ୪ଟି ଅଣ୍ଡା ଦେଇଥିବା କଥା ସେ କହିଥିଲେ। ଉଭୟଙ୍କ କଥାରେ ତାଳମେଳ ରହୁ ନଥିବାରୁ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏ ନେଇ ଉକ୍ତ ସେଣ୍ଟର ଦାୟୀତ୍ୱରେ ଥିବା ସୁପର ଭାଇଜରଙ୍କୁ ପଚାରିବାରୁ ସେ ତାଙ୍କ ଦରମା ବନ୍ଦ କରିବା ସହ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି। ଏଠାରେ ସୂଚନା ଥାଉକି ଏହି ସେଣ୍ଟର ଦାୟୀତ୍ୱରେ ଦିଦି ଗାଁ





କଲ୍ୟାଣ ସମିତି ନାମରେ ଆସିଥିବା ଟଙ୍କା ହଡପ କରିବା ନେଇ ଅଭିଯୋଗ ଆସିଥିଲା। ତାଙ୍କ ଉପରେ କଣ୍ଟାପଡା ସି.ଡି.ପି.ଓ. କି କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ତାହା ଆଗାମୀ ଦିନରେ ଜଣା ପଡିବ।

# ଶ୍ରୀକାନ୍ତ ଶେଖରଙ୍କୁ ନ୍ୟାୟପ୍ରଦାନ ପାଇଁ ଅଣ୍ଟାଭିଡ଼ିଲେ ଦ୍ୱୀପାଞ୍ଚଳବାସୀ

ନିଆଳୀ,୦୮।୦୭(ନି.ପ୍ର.): ଅନ୍ତର୍ଜାତୀୟ ଖ୍ୟାତି ସମ୍ପର୍ଣ୍ଣ ମାର୍ଶାଲଆର୍ଟ ଓ ବକ୍ସର ଶ୍ରୀକାନ୍ତ ଶେଖରଙ୍କୁ ଦିଲ୍ଲୀର ସିରକୋଟ ଷ୍ଟାଡିୟମରେ ଆଫଗାନି ସ୍ଥାନ ଖେଳାଳି ଓ ଦର୍ଶକ ମାନଙ୍କ ଦ୍ୱାରା ମରଣାତ୍ମକ ଆକ୍ରମଣ ପ୍ରତିବାଦରେ ଏକ ପ୍ରତିବାଦ ଶୋଭାଯାତ୍ରା ନିଆଳୀ ବ୍ଲକ ଦେବୀ କନ୍ଦଳ ଦ୍ୱୀପାଞ୍ଚଳ ଅନ୍ତର୍ଗତ ଶିଠାଳୋ ବଜାରରୁ ବାହାରି କୁମାର କୁଳ, ଶେଳଦା, ଉଇଚନ୍ଦା, ବିଳାଶୁଣୀ, ଓଳାଶଂ, ମଝିଖଣ୍ଡ ଦେଇ ନିଆଳୀ ଥାନା ଛକଠାରେ ପହଞ୍ଚି ଥିଲା। ତୁହାକୁ ତୁହା ବର୍ଷାକୁ ଖାତିର ନ କରି ଦ୍ୱୀପାଞ୍ଚଳରୁ ଆସିଥିବା ଶଥାଧିକ ଯୁବକ, ଛାତ୍ର, କ୍ରୀଡାପ୍ରେମୀ ଓ ଜନସାଧାରଣ ନିଆଳୀ ଥାନା ଛକରେ ଏକ ସୁସଜ୍ଜିତ ଶୋଭାଯାତ୍ରାରେ ବାହାରି ନିଆଳୀ ତହସିଲ ଛକରେ ପହଞ୍ଚି ଥିଲେ। ନିଆଳୀ ତହସିଲଦାର ବିଦ୍ୟାଧର ପତିଙ୍କୁ ଏକ ଦାବିପତ୍ର ମହାମହିମ ରାଜ୍ୟପାଳ ଓଡିଶା ଓ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଦ୍ୱୀପାଞ୍ଚଳ




ସଚେତନ ନାଗରିକ ମଞ୍ଚର ସଂଯୋଜକ ଅନ୍ତର୍ଯ୍ୟାମୀ ବଡୁ, ସିରିଶ ଚନ୍ଦ୍ର ମହାପାତ୍ର, ସଂଗ୍ରାମ କିଶୋର ବଡୁ, ନିରଞ୍ଜନ ବେହେରା ଶଗଡାଇଲର ପ୍ରାକ୍ତନ ସରପଞ୍ଚ ଅନୁରାଧା ମଲ୍ଲିକ, ରାଜକିଶୋର ମହାନ୍ତି, ବିକାଶ ସେନାପତୀ, ବୁଲୁ ମଲ୍ଲିକ, ଦିଲ୍ଲିପ ଯଯାତୀ ଓ ସ୍ୱେଚ୍ଛାସେବୀ ସଂଗଠନ ନିଆଳୀ ଛାତ୍ର ଯୁବ ବିକାଶ ପରିଷଦ (ସିବିପି) ର ଛାତ୍ର ନେତା ବିଶ୍ୱଜିତ୍ ପୁହାଣ, ରଞ୍ଜନ ଡାଳୁଆ, ଅକ୍ଷୟ ମଲ୍ଲିକ ଓ ରଞ୍ଜନ ମୁଦୁଲି ପ୍ରମୁଖ ଏହି ବିକ୍ଷୋଭ ସଭାରେ ଯୋଗଦେଇ ଶ୍ରୀକାନ୍ତ ଶେଖରଙ୍କୁ କଡା ସୁରକ୍ଷା, ଉନ୍ନତ ମାନର ଚିକିତ୍ସା, ତାଙ୍କୁ ମରଣାତ୍ମକ ଆକ୍ରମଣ କରିଥିବା ଆଫଗାନିସ୍ଥାନର ଖେଳାଳୀ ଓ ଦର୍ଶକଙ୍କୁ ଗିରଫ ଆଦି ୩ ଦଫା ଦାବି ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀକାନ୍ତ ଶେଖରଙ୍କ ପିତା ତଥା ନାଲକୋ ଅଧିକାରୀ ସଦାନନ୍ଦ ମାଝି ଉପସ୍ଥିତ ରହିଥିଲେ।

# ମହିଳା ମାନଙ୍କ ପାଇଁ ଯୁଗାନ୍ତକାରୀ ପଦକ୍ଷେପ

## *ଓଡ଼ିଆ ଝିଅ ଏବେ ବିଶ୍ୱ ଦରବାର ରେ ..... !*

ଓଡିଶାର ରଞ୍ଜିତା ପ୍ରିୟଦର୍ଶିନୀ ଭାରତର ସମସ୍ତ ମହିଳା ଶ୍ରମିକଙ୍କ ସକାଶେ ଋତୁସ୍ରାବ ବେଳେ ଗୋଟିଏ ଦିନ ଛୁଟି ପାଇଁ ଏକ ଯୁଗାନ୍ତକାରୀ ଅଭିଯାନ ଆରମ୍ଭ କରିଛନ୍ତି । ତାଙ୍କର ଅଭିଯାନର ଏକ ମାସ ମଧ୍ୟରେ ସେ କେବଳ ଜାତୀୟ ଅନ୍ତର୍ଜାତୀୟରୁ ନୁହେଁ ବରଂ ବଲିଉଡରୁ ମଧ ସମର୍ଥନ ପାଇଛନ୍ତି । ଜଣେ ଏଲଏଲଏମ ଛାତ୍ରୀ ହୋଇ ସେ ଉଭୟ ଅଧ୍ୟୟନ ସାଙ୍ଗକୁ ସାମାଜିକ କାର୍ଯ୍ୟ ରେ ଲିପ୍ତ ରହନ୍ତି । ସେ କହନ୍ତି ଯେ ସୋସିଆଲ ମିଡିଆରେ ସେ କିଛି ବ୍ୟକ୍ତି ଙ୍କ ଉପହାସ ର ଶିକାର ହୋଇଛନ୍ତି ଯେ କେବଳ ମହିଳାମାନେ କାହିଁକି ଏହି ସୁବିଧା ପାଇବେ ? ଆପଣ ଏଥିପାଇଁ କାହିଁକି କାମ କରୁଛନ୍ତି ?କିନ୍ତୁ ସେ ଏହି ସବୁ କଥାକୁ ନଶୁଣି ଆଗେଇ ଯାଆନ୍ତି ପୁଣି ଦୁଇପାଦ ଆଗକୁ ଆଗକୁ । କାରଣ ସେ ବାକି ୩୦% ମହିଳା ଶ୍ରମିକଙ୍କ ପାଇଁ ଲଢୁଛନ୍ତି । ସେ ବେଳେବେଳେ ହତୋତ୍ସାହିତ ହୋଇ ପଡନ୍ତି,ହେଲେ ପୁଣି ଥରେ ସେ ମହିଳା ଶ୍ରମିକଙ୍କ କଲ୍ୟାଣ ପାଇଁ ସଂଗ୍ରାମ କରିବାକୁ ଅଣ୍ଟାଭିଡି ଆଗେଇ ଯାଆନ୍ତି । ସମ୍ପ୍ରତି







ଗୁଗୁଲରେ ତାଙ୍କର ପେଡ୍ ପିରିୟଡ୍ ଛୁଟିର କାହାଣୀ ଭାରତରୁ ସ୍ପେନ ନ୍ୟୁଜ୍ ଏବଂ ୱାଶିଂଟନ୍ ପୋଷ୍ଟ ସହିତ ବିଶ୍ୱ ଋତୁସ୍ରାବ(ମାସିକ ଧର୍ମ) ଦିନ ଠାରୁ ୫ ଦିନ ପର୍ଯ୍ୟନ୍ତ ରହିଥିଲା ତାଙ୍କୁ ବହୁ ଆନ୍ତର୍ଜାତୀୟ ସଂଗଠନ ତଥା ବ୍ୟକ୍ତିବିଶେଷଙ୍କ ପ୍ରତିନିଧୀ, କାଠମାଣ୍ଡୁ, କେଜିଏସ୍ ଲିଓ କ୍ଲବ କେନିଆ, ଜିଞ୍ଜା ମଡେଲ୍ ଉଗାଣ୍ଡା, ଆଇସିଆରଡବ୍ଲୁ ୱାଶିଂଟନ, ପିରିୟଡ ମ୍ୟାଗେଜିନ ନେଦରଲ୍ୟାଣ୍ଡ, ଚେଞ୍ଜ୍ ଅର୍ଗାନାଇଜେସନ ଏବଂ ଅନ୍ୟାନ୍ୟଙ୍କ ଠାରୁ ତାଙ୍କୁ ସମର୍ଥନ ମିଳିଥିଲା ??। ଗତ ତା.୨୫/୦୬/୨୦୨୨ରିଖ ରେ ଏମ.ପି ମନୋଜ ତିୱାରୀ, ଆନ୍ତର୍ଜାତୀୟ ଆଥଲେଟ୍ ଦୀପା ମଲ୍ଲିକ୍, ଦିଲ୍ଲୀ ସରକାରଙ୍କ ସୂଚନା ଏବଂ ପ୍ରସାରଣ ବିଭାଗର ନିର୍ଦ୍ଦେଶକ,ବରିଷ୍ଠ ସାମ୍ବାଦିକ ଅବିନାଶ ସିଂଙ୍କ ଦ୍ୱାରା ତାଙ୍କ ଅଭିଯାନରେ ସମସ୍ତ ମହିଳା ଶ୍ରମିକଙ୍କ ପାଇଁ ଛୁଟି ସକାଶେ ତାଙ୍କୁ ଶ୍ରମିକସାଥୀ ଭାବରେ ସଂବିଧାନ କ୍ଲବ ନୂଆଦିଲ୍ଲୀ ଠାରେ ସମ୍ମାନିତ କରାଯାଇଥିଲା। ବର୍ତ୍ତମାନ ସେ ଏହି ଅଭିଯାନ ପାଇଁ ଦିଲ୍ଲୀରେ ଅଛନ୍ତି । ସେ ଗାନ୍ଧୀ ସ୍ମୃତିର ଉପାଧକ୍ଷ ଶ୍ରୀ ବିଜୟ ଗୋଏଲ ଜୀ, ନିର୍ଦ୍ଦେଶକ ଜାତୀୟ ସଫେଇ କର୍ମଚାରୀ ଅର୍ଥ ଓ ବିକାଶ, ଭାରତ ସରକାର ଙ୍କୁ ଭେଟିଛନ୍ତି । ତା ୦୨/୦୭/୨୦୨୨ରିଖ ରେ ସେ ବଲିଉଡରୁ ପ୍ରଥମ ସମର୍ଥନ ପାଇଥିଲେ ଏବଂ ନୋଏଡା ଫିଲ୍ମ ସିଟିରେ ଥିବା ଶ୍ରୀ ସନ୍ଦୀପ ମାରୱା ଙ୍କୁ ଭେଟିବାର ସୁଯୋଗ ପାଇଥିଲେ । ଯିଏକି ଭାରତୀୟ ଚଳଚ୍ଚିତ୍ର ନିର୍ମାତା, ନିର୍ଦ୍ଦେଶକ, ଏସିଆନ୍ ଏକାଡେମୀ ପ୍ରତିଷ୍ଠାତା ଅନୀଲ କପୁରଙ୍କ ଶଳା । ଚଳଚ୍ଚିତ୍ର ଏବଂ ଟେଲିଭିଜନ ଏବଂ ନୋଏଡା ଚଳଚ୍ଚିତ୍ର ସହର ଏବଂ ମିସ୍ ଆର୍ଥ ଇଣ୍ଡିଆର ପରାମର୍ଶଦାତା କମିଟିର ଅଧ୍ୟକ୍ଷ । ତା. ୦୬/୦୭/୨୦୨୨ରିଖ ରେ ରେଡିଓ ନୋଏଡା ୧୦୭.୪ ଏଫଏମ ରେ ପେଡ୍ ପିରିୟଡ୍ ଛୁଟି ବିଷୟରେ ରଞ୍ଜିତା ଙ୍କ ପ୍ରଥମ ସାକ୍ଷାତକାର । ସାକ୍ଷାତକାର ରେ କାହିଁକି ପେଡ୍ ପିରିୟଡରେ କାମ କରୁଛନ୍ତି ସେଥିପାଇଁ ସେ ଜାତୀୟ ପ୍ଲାଟଫର୍ମରେ ବହୁତ ପ୍ରଶଂସା ପାଇଲେ କାରଣ ସେ ସେହି ରେଡିଓରେ ହେଉଛନ୍ତି ପ୍ରଥମ ଓଡିଆ । ମହିଳା ଶ୍ରମିକମାନଙ୍କ ପାଇଁ ସେ Change.org/ paidperiodleavର ରୁ ତାଙ୍କ ଆବେଦନ ଉପରେ ଦସ୍ତଖତ କରିବାକୁ ଆହ୍ୱାନ କରିଛନ୍ତି ।

# ଧୂମ୍ ଫିଲ୍ମ ଷ୍ଟାଇଲରେ ଚୋରି



ନବରଙ୍ଗପୁର, ଚୋରୀ କଲେ ଯଦି ଧରି ପାରୁଛ ହେଲେ ଧର ବୋଲି ଖୋଲା ଚ୍ୟାଲେଞ୍ଜ କରି ଧୁମ୍ ଫିଲ୍ମ ଷ୍ଟାଇଲରେ ଚୋରି କରି ଚୋର ଲେଖିଲେ ଧୁମ୍ ୪ , ସାମଗ୍ରୀ ଚୋରି କରି ଯିବା ପୁର୍ବରୁ ବ୍ଲାକ୍? ବୋର୍ଡରେ ଇଟ୍?ସ ମି ଧୁମ-୪, କମିଙ୍ଗ୍? ଶୁନ୍? କ୍ଷ 'ସ୍କୁଲ ପିଲା ଧରିପାରିଲେ ଧର ' । ଯାହା ଚର୍ଚ୍ଚା ପାଲଟିଛି ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡ଼ା ଠାରେ । ଗତ ଶୁକ୍ରବାର ଦିନ ରଥଯାତ୍ରା ପାଇଁ ସ୍କୁଲ ଛୁଟି ଥିବାରୁ ସ୍କୁଲ ବନ୍ଦ ରହିଥିଲା ତେବେ ସେଦିନ ତା ପରଦିନ ଅର୍ଥାତ୍ ଶନିବାର ଦିନ ସ୍କୁଲ ଫାଟକ ଖୋଲିବା ବେଳେ ବିଦ୍ୟାଳୟର ମୁଖ୍ୟ ଫାଟକର ଚାବି ଭାଙ୍ଗି ହୋଇ ପ୍ରଧାନଶିକ୍ଷକଙ୍କ କକ୍ଷରେ ଥିବା ୨ଟି ତାଲା ଭାଙ୍ଗି କମ୍ପ୍ୟୁଟର, ପ୍ରିଣ୍ଟର୍ କମ୍? ଜେରକ୍ସ ମେସିନ୍?, ଏବଂ ସାଉଣ୍ଡ ବକ୍ସ, ଆମ୍ପ୍ଲିଫାୟାର ତାର, କୋଡ, ମାଉଥ ମେସିନ ଚୋରି କରିଥିଲେ। ଚୋରି କରି ଚମ୍ପଟ ମାରିବା ପୂର୍ବରୁ ଦୁର୍ବୃତ୍ତ ପୁଲିସ ତଥା ସ୍କୁଲ କର୍ତ୍ତୃପକ୍ଷଙ୍କୁ ଚ୍ୟାଲେଞ୍ଜ ଦେବା ପାଇଁ ବ୍ଲାକ୍? ବୋର୍ଡରେ ?ଇଟ୍?ସ ମି ଧୁମ-୪ ଲେଖିଥିଲେ। ଏପରିକି ଦୁର୍ବୃତ୍ତମାନେ କମିଙ୍ଗ୍? ଶୁନ୍?, ସ୍କୁଲ ପିଲା ଧରିପାରିଲେ ଧର ଏବଂ ଆମେ ପୁଣି ଆସିବୁ ବୋଲି ଲେଖି ଚାଲି ଯାଇଥିଲେ କ୍ଷ ଏଥିସହ ବ୍ଲାକ ବୋର୍ଡ ରେ କିଛି ମୋବାଇଲ ନମ୍ବର୍ ଲେଖିଛନ୍ତି । ଯେଉଁଥିରେ ସ୍କୁଲ ଶିକ୍ଷକ ଙ୍କ ନମ୍ବର୍ ମଧ୍ୟ ରହିଛି । ଏନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଖାତିଗୁଡ଼ା ଥାନାରେ ଅଭିଯୋଗ କରିବା ପରେ ପୁଲିସ ପହଞ୍ଚି ତଦନ୍ତ କରୁଛି କ୍ଷ କିନ୍ତୁ ଦୁର୍ବୃତ୍ତମାନେ ଖୋଲାଖୋଲି ଚ୍ୟାଲେଞ୍ଜ କରିଥିବା ବେଳେ ସେମାନଙ୍କୁ ଖୋଜି ବାହାର କରିବା ବର୍ତ୍ତମାନ ପୁଲିସ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇଥିବା ବେଳେ ଏଭଳି ଘଟଣା ଲୋକଲୋଚନ କୁ ଆସିଲା ପରେ ସମଗ୍ର ଜିଲ୍ଲାରେ ଚର୍ଚ୍ଚାର ବି?ଷୟ ପାଲଟିଛି। ବର୍ତ୍ତମାନ ଖାତିଗୁଡା ଥାନା ତରଫରୁ ତଦନ୍ତ ଚାଲିଛି ଓ ଘଟଣା ସ୍ଥଳରେ ସାଇଁଟିଫିକ ଟିମ ଓ ପୋଲିସ ସନ୍ଧାନୀ କୁକୁର ର ସାହାଯ୍ୟ ନେଇ ତଦନ୍ତ ଜାରିରଖିଛି ।

# ସୁବର୍ଣ୍ଣପୁର ଜିଲ୍ଲାର ପ୍ରଥମ ସର୍ବ ଭାରତୀୟ ପ୍ରଶାସନିକ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ

ସୁବର୍ଣ୍ଣପୁର, ତା.୦୮/୦୭(ସ୍ୱ.ପ୍ର)ସଚେତନ ନାଗରିକ ମଞ୍ଚ ସୁବର୍ଣ୍ଣପୁର ପକ୍ଷରୁ ସୁବର୍ଣ୍ଣପୁର ଜିଲ୍ଲାର ପ୍ରଥମ ସର୍ବ ଭାରତୀୟ ପ୍ରଶାସନିକ ଅଧିକାରୀ ହେବାର ଗୌରବ ଆଣିଥିବା କାର୍ତ୍ତିକ ପାଣିଗ୍ରାହୀଙ୍କୁ ମେହେରପାର୍କଠାରେ ଉପଢୌକନ, ଫୁଲତୋଡା ଓ ମାନପତ୍ର ଦେଇ ସୁନାମାଟିର ସୁନାପୁଅକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମୟରେ ତାଙ୍କର ପରିବାର ସଦସ୍ୟ ବୃନ୍ଦ ବଡ଼ ବାପା ଆର୍ତ୍ତତ୍ରାଣ ପାଣିଗ୍ରାହୀ, ବାପା ଶିବନାରାୟଣ ପାଣିଗ୍ରାହୀଙ୍କ ସହ ଅନ୍ୟମାନେ ମଧ ଉପସ୍ଥିତ ରହିଥିଲେ। କାର୍ତ୍ତିକ ପାଣିଗ୍ରାହୀ ଦେବଭୂମିର ଅଧିଷ୍ଠାତ୍ରୀ ଦେବୀ ମାତା ସୁରେଶ୍ୱରୀ ,ଦ୍ୱେଦ୍ୱେ ମହାଦେବ ସୁବର୍ଣ୍ଣମେରୁଙ୍କ



କୃପା ତଥା ସୁବର୍ଣ୍ଣପୁର ଜନସାଧାରଣଙ୍କ ଆଶୀର୍ବାଦକୁ ପାଥେୟ କରି କାର୍ଯ୍ୟ କରିବି ବୋଲି କହିଥିଲେ। ବର୍ତ୍ତମାନ ବିଶ୍ୱ ଜଳବାୟୁ ପରିବର୍ତ୍ତନ ସମସ୍ତ ବିଶ୍ୱ ବାସୀଙ୍କ ସକାଶେ ଚିନ୍ତାର ବିଷୟ ହୋଇଛି। ଏବେ ତାରି ଉପରେ ମଧ କିଛି କାର୍ଯ୍ୟକ୍ରମର ଲକ୍ଷ ବୋଲି ସୂଚନା ଦେଇଥିଲେ। ଯୋଉ ସ୍ଥାନରେ ରହିଥିଲେ ମଧ ସୁବର୍ଣ୍ଣପୁର ମୋ ସହିତ ରହିଥିବ।ସୁବର୍ଣ୍ଣପୁରକୁ ଭଗବାନଙ୍କ ଅବଦାନ ଅତୁଳନୀୟ ଅଟେ।ଏହାର ସୁବିନିଯୋଗ ଉପରେ ଗୁରୁତ୍ୱାରୋପ ରହିବା ଉଚିତବୋଲି ମତପ୍ରକାଶ କରିଥିଲେ। ମାତା ସୁରେଶ୍ୱରୀ ଓ ବାବା ସୁବର୍ଣ୍ଣମେରୁଙ୍କୁ ପ୍ରଣାମ ଓ ଜନସାଧାରଣଙ୍କ ଆଶୀର୍ବାଦ କଥାରୁ ଆରମ୍ଭ କରି ମାତା ସୁରେଶ୍ୱରୀ ଓ ବାବା ସୁବର୍ଣ୍ଣମେରୁଙ୍କୁ ପ୍ରଣାମ ସହ ଜିଲ୍ଲାଜନସାଧାରଣଙ୍କ ଆଶୀର୍ବାଦ କାମନାକରି ବକ୍ତବ୍ୟ ସାରିଥିଲେ। ଯାହାକି ସମସ୍ତ ପରିବେଶକୁ ଗମ୍ଭୀର କରିଦେଇଥିଲା। ମଞ୍ଚର ବରିଷ୍ଠ ସଦସ୍ୟ ପ୍ରଦୀପ ପୁରୋହିତଙ୍କ ଚମତ୍କାର ଭାଷଣକୁ ଶୁଣି କାର୍ତ୍ତିକ ପାଣିଗ୍ରାହୀ ପୁରୋହିତ ବାବୁଙ୍କୁ ପ୍ରଶଂସା କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ସଚେତନ ନାଗରିକ ମଞ୍ଚର ସଭାପତି ସିତାଂଶୁ ଶେଖର ମିଶ୍ର ସମ୍ପାଦକ ଗୁଣନିଧି ମେହେରଙ୍କ ସମେତଉଦ୍ୟୋଗପତି ଶଙ୍କର ମେହେର,ଧୀରେନ୍ଦ୍ର କୁମାର ପଟ୍ଟନାୟକ, ବିନୋଦ ମେହେର,ନୀଳମାଧୁ ଗୁରୁ, ମାନଭଞ୍ଜନ ବହିଦାର ,ପ୍ରଦୀପପୁରୋହିତ,ଦୁଃଖି ରାମ ନାୟକ, ପ୍ରକାଶ ଚନ୍ଦ୍ର ସାହୁ,ମହେଶ ପୂଜାହାରୀ,ବାଙ୍କାନିଧି ରାୟଗୁରୁ,ସୂର୍ଯ୍ୟ ନାରାୟଣ ଦାସ,ନବଘନ ସାଣ୍ଡ,ପଞ୍ଚାନନ ବାରିକ, ସଚିତା ନନ୍ଦ ଦାସ, ଗଦାଧର ବାରିକ,ବଳଦେବ ପ୍ରସାଦ ବେଦବାକ,ସୁରେଶ ପାତ୍ର, ସଞ୍ଜୟ ମହାପାତ୍ର, ତାରିଣୀ ମେହେର, ନରସିଂହ ପାତ୍ର,ଜନ୍ମେଜୟ ପାତ୍ର ,ସୁରେନ୍ଦ୍ର ମେହେର,ଚନ୍ଦ୍ର କୁମାର ଦର୍ଜି, ତାପସମହାନ୍ତିପ୍ରମୁଖ ଉପସ୍ଥିତ ରହିଥିଲେ। ଶେଷରେ ପ୍ରଦୀପ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଟ୍ରିକ ପରୀକ୍ଷା ଫଳରେ ରେକର୍ଡ କଲା ବ୍ରଜମୋହନ ହାଇସ୍କୁଲ

କଳାହାଣ୍ଡି ୦୮।୦୭(ନି.ପ୍ର.): ଚଳିତ ବର୍ଷର ମାଟ୍ରିକ ପରୀକ୍ଷାଫଳ ପ୍ରକାଶ ପାଇସାରିଛି। ଏଥିରେ କଳାହାଣ୍ଡି ଜିଲ୍ଲାର ସର୍ବପୁରାତନ ବ୍ରଜମୋହନ ହାଇସ୍କୁଲ ରେକର୍ଡ ପରିମାଣର ପାସ ହାର ହାସଲ କରିଛି। ବିଦ୍ୟାଳୟର ୧୦୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୧୦୬ଜଣ ପାସ କରିଛନ୍ତି, ଯାହାକି ୯୮.୧୪ ପ୍ରତିଶତ। ବିଭିନ୍ନ ଗ୍ରେଡରେ ଛାତ୍ରଛାତ୍ରୀ ମାନେ ପାସ ହୋଇଥିବାବେଳେ ଜଣେ ଏ୧, ୩୫ଜଣ ଏ୨, ୫୦ଜଣ ବି୧, ୧୬ଜଣ ବି୨, ୩ଜଣ ସି ଏବଂ ଜଣେ ଛାତ୍ର ଡି ଗ୍ରେଡ ପାଇଛନ୍ତି। ତେବେ କୋଭିଡ ସମୟ ଚାଲୁଥିଲେ ମଧ ଶିକ୍ଷକ ମାନଙ୍କ ଶିକ୍ଷାଦାନ ଓ ଦାୟିତ୍ୱବୋଧ ଛାତ୍ରଛାତ୍ରୀ ମାନଙ୍କୁ ଏହି ସଫଳତା ହାସଲ ଦିଗରେ ସହାୟକ ହୋଇଛି। ନିରନ୍ତର ପ୍ରୟାସ, ଛାତ୍ରଛାତ୍ରୀଙ୍କ ଉଦ୍ୟମ ଓ ଶିକ୍ଷକମାନଙ୍କ କର୍ମ ତତ୍ପରତା ଯୋଗୁ ଏହା ସମ୍ଭବ ହୋଇଛି ପ୍ରଧାନ ଶିକ୍ଷକ ଷଷ୍ଠୀ ଝାଙ୍କର ନିଜ ପ୍ରତିକ୍ରିୟାରେ କହିଛନ୍ତି। ବିଦ୍ୟାଳୟର ଏହି ସଫଳତାକୁ ସାଧାରଣ ମହଲରେ ବେଶ ପ୍ରଶଂସା କରାଯାଉଛି।

## ସଂପାଦକୀୟ

# ରାଜଦ୍ରୋହ

ଗତବର୍ଷ ଦେଶରେ ପାଂଚଟି ରାଜ୍ୟର ନିର୍ବାଚନ ପୂର୍ବରୁ ବରିଷ୍ଠ ସାମ୍ବାଦିକ ଶ୍ରୀ ବିନୋଦ ଦୁଆ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ଭର୍ତ୍ସନା କରିଥିଲେ । ଶ୍ରୀ ଦୁଆ ପାଂଚ ମିନିଟ୍ ଫଂଇଚାଳିସ ସେକେଣ୍ଡର ଏକ ୟୁଟ୍ୟୁବ ଭିଡିଓ ଜାରିକରି ପ୍ରଚାର କରିଥିଲେ ଯେ ଦେଶର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି କରୋନା ସଂକ୍ରମଣକୁ ପ୍ରତିହତ କରିବାରେ ସଂପୁର୍ଣ ବିଫଳ ହୋଇଛନ୍ତି । ଦେଶର ଚିକିତ୍ସାଳୟ ଗୁଡିକରେ ସଠିକ କରୋନା ପରୀକ୍ଷା କରାଯାଉ ନାହିଁ, ଚିକିତ୍ସକଙ୍କ ନିକଟରେ ଯଥେଷ୍ଟ ପରିମାଣରେ ପିପିଇ କିଟ ନାହିଁ, ଚିକିତ୍ସାଳୟ ଗୁଡିକରେ ଭେଂଟିଲେଟରର ସୁବିଧା ନାହିଁ, କରୋନାରେ ସଂକ୍ରମିତ ରୋଗୀମାନେ ଉପଯୁକ୍ତ ସ୍ୱାସ୍ଥ୍ୟ ସେବାରୁ ବଂଚିତ ହେଉଛନ୍ତି, ଫଳରେ ବହୁ ବ୍ୟକ୍ତି ମୃତ୍ୟୁବରଣ କରୁଛନ୍ତି । ଏପରି ସ୍ଥଳେ ପ୍ରଧାନମନ୍ତ୍ରୀ ଶବର କୁଢା ଉପରେ ଦଣ୍ଡାୟମାନ ହୋଇ ଭୋଟ ଭିକ୍ଷା କରିବା ଲଜ୍ଜାଜନକ କଥା । ପ୍ରଧାନମନ୍ତ୍ରୀ ମୃତ୍ୟୁର ଆତଙ୍କ ସୃଷ୍ଟି କରୁଛନ୍ତି । ଏହି ପ୍ରକାରର ଦୃଶ୍ୟଶ୍ରାବ୍ୟ ଜାରିକରିବା ଆଦୌ ଶୋଭନୀୟ ନୁହେଁ ବୋଲି କହି ସଚେତନ ନାଗରିକ ମତପୋଷଣ କରିଥିଲେ । ଏହାଦ୍ୱାରା ସରକାରଙ୍କର ବିରୁଦ୍ଧରେ ଜନସାଧାରଣ ହିଂସା ଆଚରଣ କରିବା ପାଇଁ ପ୍ରୋତ୍ସାହିତ ହେବେ । ଏଣୁ ବିନୋଦ ଦୁଆଙ୍କ ବିରୁଦ୍ଧରେ ହିମାଚଳ ପ୍ରଦେଶର ସିମ୍ଲାଠାରେ ଥିବା କୁମାରସେଁ ଥାନାରେ ଶ୍ରୀ ଅଜୟ ଶ୍ୟାମ ନାମକ ଜନୈକ ବ୍ୟକ୍ତି ଏତଲା ଦାୟର କରିଥିଲେ । ଅଜୟ ଏତଲାରେ ଉଲ୍ଲେଖ କରିଥିଲେ ଯେ ବିନୋଦ ଦୁଆଙ୍କ ଆରୋପ ମିଥ୍ୟା, ଭିତିହୀନ ଓ କପୋଳକଳ୍ପିତ । ପ୍ରଧାନମନ୍ତ୍ରୀଙ୍କ ପ୍ରତି କେବଳ ଅସୂୟା ପ୍ରଣୋଦିତ ହୋଇ ଏପରି ଏକ କୁତ୍ସିତ ଦୃଶ୍ୟଶ୍ରାବ୍ୟ ପ୍ରଚଳନ କରାଯାଇଛି । ଏହା ଏକ ରାଜଦ୍ରୋହ ମାମଲା । ଏଣୁ ଶ୍ରୀ ବିନୋଦ ଦୁଆଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ସଂପୃକ୍ତ ଥାନାର ତଦନ୍ତକାରୀ ପୋଲିସ ଅଧିକାରି ଶ୍ରୀ ବିନୋଦ ଦୁଆଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡର ଧାରା ୧୨୪ (କ), ୨୬୮, ୫୦୧ ଓ ୫୦୫ ରେ ମୋକଦ୍ଦମା ରୁଜୁ କରି ତାଙ୍କୁ ଥାନାରେ ହାଜର ହୋଇ ତଦନ୍ତରେ ସହଯୋଗ କରିବା ପାଇଁ ନୋଟିସ ଜାରି କରିଥିଲେ ।

ଏହି ନୋଟିସ ବିରୁଦ୍ଧରେ ବିନୋଦ ଦୁଆ ସର୍ବୋଚ୍ଚ ନ୍ୟାୟଳୟର ଦ୍ୱାରସ୍ଥ ହୋଇଥିଲେ । କେନ୍ଦ୍ର ସରକାରଙ୍କୁ ପକ୍ଷ କରି ସେ ଦରଖାସ୍ତରେ ଉଲ୍ଲେଖ କରିଥିଲେ, ସେ କୌଣସି ରାଜଦ୍ରୋହ କରିନାହାନ୍ତି । ଦେଶର ନାଗରିକ ତଥା ସାମ୍ବାଦିକ ମାନଙ୍କର ସ୍ୱାଧୀନ ମତପୋଷଣ କରିବାର ଅଧିକାର ଅଛି । ଏଣୁ ତାଙ୍କ ବିରୁଦ୍ଧରେ ଯେଉଁ ରାଜଦ୍ରୋହ ମାମଲା ରୁଜୁ କରାଯାଇଛି ତାହାକୁ ରଦ୍ଦ କରାଯାଉ । ବିନୋଦ ଦୁଆଙ୍କ ସହିତ ଅନ୍ୟ କେତେ ଜଣ ସାମାଜିକ କର୍ମି ମଧ୍ୟ ସର୍ବୋଚ୍ଚ ନ୍ୟାୟଳୟରେ ଜନହିତ ଦରଖାସ୍ତ ଦାୟର କରି ୧୨୪(କ) ଧାରାର ସାମ୍ବିଧାନିକ ଔଚିତ୍ୟକୁ ସମାପ୍ତ କରିବା ପାଇଁ ଆବେଦନ କରିଥିଲେ । ସେମାନଙ୍କ ମତରେ ଏହି ଧାରା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୯(୧) (କ) ରେ ପ୍ରଦତ୍ତ ଅଭିବ୍ୟକ୍ତିର ସ୍ୱାଧୀନତାକୁ ଉଲ୍ଲଙ୍ଘନ କରୁଛି । ଏକ ସଭ୍ୟ ସମାଜରେ ଅଭିବ୍ୟକ୍ତିର ସ୍ୱାଧୀନତାକୁ କଣ୍ଠରୋଧ କରାନଯାଉ । ସର୍ବୋଚ୍ଚ ନ୍ୟାୟଳୟର ଖଣ୍ଡପୀଠ ଏହାକୁ ଗ୍ରହଣ କରି କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ନୋଟିସ ଜାରି କରିଥିଲେ । ସର୍ବୋଚ୍ଚ ନ୍ୟାୟଳୟ କେନ୍ଦ୍ର ସରକାରଙ୍କ ଓକିଲ ଆର୍ଟର୍ଣି ଜେନେରାଲଙ୍କୁ ପ୍ରଶ୍ନ କରିଥିଲେ ଯେ ଏହି ୧୨୪(କ) ଧାରା ପରାଧୀନତା କାଳରେ ଇଂରେଜମାନେ ମହାତ୍ମାଗାନ୍ଧୀ, ଗୋଖଲେ, ତିଳକ ଆଦିଙ୍କ ବିରୁଦ୍ଧରେ ରୁଜୁକରି ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଆନ୍ଦୋଳନକୁ ରାଜଦ୍ରୋହ ବିବେଚନା କରିଥିଲେ ଓ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ସ୍ୱାଧୀନତାର ୭୫ ବର୍ଷ ପରେ ଏହି ଧାରା ବଳବତର ରହିବା କେତେଦୂର ରହିବା ଯଥାର୍ଥ ?

ଆର୍ଟର୍ଣି ଜେନେରାଲ ଶ୍ରୀ ବେଣୁଗୋପାଳ ଏହି ଧାରାର ଔଚିତ୍ୟକୁ ପ୍ରତିପାଦନ କରି କହିଥିଲେ ଯେ କେତେଜଣ ଦେଶ ବିଘଟନ କାରୀ ବ୍ୟକ୍ତି ଅଭିବ୍ୟକ୍ତି ସ୍ୱାଧୀନତା ନାମରେ ସରକାରଙ୍କୁ କୁତ୍ସାରଟନା କରବା ସହିତ ଦେଶ ବିରୋଧୀ କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ଏଣୁ ମାନ୍ୟବର ସର୍ବୋଚ୍ଚ ନ୍ୟାୟଳୟ ଏହି ଧାରାର ଅପପ୍ରୟୋଗ ଉପରେ ଅଙ୍କୁଶ ଲଗାଇବା ପାଇଁ ମାର୍ଗଦର୍ଶିକା ଜାରିକରିପାରିବେ । ସର୍ବୋଚ୍ଚ ନ୍ୟାୟଳୟ ଉଭୟ ପକ୍ଷରୁ ଶୁଣାଣି କରି ୧୯୬୨ ମସିହା ଜାନୁଆରୀ ୨୦ ତାରିଖରେ ପ୍ରକାଶ ପାଇଥିବା ସର୍ବୋଚ୍ଚ ନ୍ୟାୟଳୟ ପାଂଚ ସଦସ୍ୟ ବିଶିଷ୍ଟ ସାମ୍ବିଧାନିକ ଖଣ୍ଡପୀଠ କେଦାରନାଥ ସିଂହ ବନାମ ବିହାର ସରକାର ର ରାୟକୁ ଉଦ୍ଧୃତ କରିଥିଲେ । ଏହି ରାୟରେ ସ୍ପଷ୍ଟ ଉଲ୍ଲେଖ ଥିଲା ଯେ ଯେଉଁମାନେ ସମାଜରେ ହିଂସାକୁ ଉସକାଇବେ ତଥା ସାର୍ବଜନୀନ ଶାନ୍ତି ଭଙ୍ଗ କରିବେ ସେମାନଙ୍କ ବିରୁଦ୍ଧରେ ଏହି ପିଙ୍ଗଳ କୋଡ ଧାରା ୧୨୪(କ) ରାଜଦ୍ରୋହ ମାମଲା ରୁଜୁ ହୋଇପାରିବ । କିନ୍ତୁ ସରକାରଙ୍କ କାର୍ଯ୍ୟକୁ ସମାଲୋଚନା କରିବା ବ୍ୟକ୍ତି ବିରୁଦ୍ଧରେ ରାଜଦ୍ରୋହ ମାମଲା ରୁଜୁ ହୋଇପାରିବ ନାହିଁ । ଏହା ବ୍ୟକ୍ତିର ଅଭିବ୍ୟକ୍ତିର ସ୍ୱାଧୀନତାକୁ ବିରୁଦ୍ଧାଚରଣ କରୁଛି । ମାନ୍ୟବର ସର୍ବୋଚ୍ଚ ନ୍ୟାୟଳୟ ଏହି ପରିପେକ୍ଷିରେ ଜାମ୍ମୁକାଶ୍ମିର ପୂର୍ବତନ ମୁଖ୍ୟମନ୍ତ୍ରୀ ଡଃ ଫାରୁକ ଅବଦୁଲ୍ଲାଙ୍କ ବିରୁଦ୍ଧରେ ରାଜଦ୍ରୋହ ମାମଲାକୁ ଖାରଜ କରିଦେଇଥିଲେ । ଶେଷରେ ବିନୋଦ ଦୁଆଙ୍କ ଦରଖାସ୍ତ ଉପରେ ଶୁଣାଣି କରି ମାନ୍ୟବର ଅଦାଲତ ଦରଖାସ୍ତକୁ ମଞ୍ଜୁର କରିଥିଲେ ।

ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଏହିପରି ରାଜଦ୍ରୋହ ଆଇନକୁ ରଦ୍ଦ କରିଦେଇଛନ୍ତି । ପ୍ରକାଶ ଥାଉକି ଏହି ରାଜଦ୍ରୋହ ମାମଲା ପରିଚାଳନା ସମୟରେ ଆର୍ଟର୍ଣି ଜେନେରାଲ ଯେଉଁ ମହତ୍ୱପୂର୍ଣ ଜବାବ ସୁଆଲ କରିଥିଲେ ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ । କେତେଜଣ ଦେଶ ବିଘଟନ କାରି ବ୍ୟକ୍ତି ବା ସଂଗଠନର ମୁଖିଆମାନେ ସରକାରଙ୍କୁ କୁତ୍ସାରଟନା କରିବା ସହିତ ଦେଶବିରୋଧୀ କାର୍ଯ୍ୟରେ ଲିପ୍ତ ରହୁଛନ୍ତି, ସେମାନଙ୍କ ବିରୁଦ୍ଧରେ କେଉଁ ମାମଲା ରୁଜୁ ହେବ? ଦେଶର କେତେକ ସ୍ଥାନରେ ବିଘଟନକାରି ଶକ୍ତିମାନେ ପଡୋଶୀ ଶତ୍ରୁ ଦେଶକୁ ମୁକ୍ତ କଣ୍ଠରେ ପ୍ରଶଂସା କରୁଛନ୍ତି, ସେହି ଦେଶ ସପକ୍ଷରେ ଶ୍ଲୋଗାନ ଦେଉଛନ୍ତି ଓ ଭାରତ ବିରେଧୀ କାର୍ଯ୍ୟରେ ଲିପ୍ତ ରହିଛନ୍ତି । ପଡୋଶୀ ଶତ୍ରୁ ଦେଶର ବିଜୟରେ ଏଠାରେ ବାଣ ଫୁଟାଯାଇ ଉତ୍ସବ ଆୟୋଜନ ହେଉଛି । ତାହା କଣ ରାଜଦ୍ରୋହ ନୁହେଁ ? ଗତ ୭୫ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଏହି ଧାରା ବଳରେ ଅନେକ ମୋକଦ୍ଦମା ରୁଜୁ କରିଛନ୍ତି । କେବଳ ଗତ ଦଶନ୍ଧି ମଧ୍ୟରେ ଦେଶରେ ସର୍ବମୋଟ ୮୩୮ ଟି ରାଜଦ୍ରୋହ ମାମଲା ରୁଜୁ ହୋଇଛି । ୨୦୧୦ ରୁ ୨୦୧୪ ମଧ୍ୟରେ ଉପା ସରକାର ଅମଳରେ ୨୭୯ ମାକଦ୍ଦମା ଓ ୨୦୧୪ ରୁ ୨୦୨୦ ମଧ୍ୟରେ ୫୫୯ ରାଜଦ୍ରୋହ ମୋକଦ୍ଦମା ରୁଜୁ ହୋଇଛି । ଏଥିରୁ ଏପର୍ଯ୍ୟନ୍ତ କେବଳ ୧୦ ଟି ମୋକଦ୍ଦମାରେ ଅଭିଯୁକ୍ତ ଦଣ୍ଡନୀୟ ହୋଇଛନ୍ତି ।

# ଜଙ୍ଗଲ ସୁରକ୍ଷା-ଜୀବନ ରକ୍ଷା

**ଅକ୍ଷୟ କୁମାର ରାଉତ**

ଈଶ୍ୱରଙ୍କ ସୃଷ୍ଟି ସୁନ୍ଦର ପ୍ରକୃତି, ତାର ପଚଂଭୂତ, ଜଳ, ସ୍ଥଳ, ବାୟୁ, ପ୍ରାଣୀ, ଉଦ୍ଭିଦ ଜଗତ ଆଦିଙ୍କ ସମଷ୍ଟିରେ ଆମର ପରିବେଶ । କେତେ ବେଳେ ଗ୍ରୀଷ୍ମର ରୌଦ୍ର ପଚଣ୍ଡତା ତ ମେଘର ମନ୍ଦ୍ରଧ୍ୱନି, ଶରତର ଶୁଭ୍ର ଶୋଭାତ ତ ହେମନ୍ତର କାକର, ଶୀତର ଶୀତଳତା ଓ ଋତୁରାଜ ବସନ୍ତର ମଳୟ ପବନ ବହି ଆଣେ କୋଇଲିର କୁହୁକୁହୁ ତାନ, ଷଡ଼ଋତୁ ଲୀଳାରେ ପ୍ରକୃତିର ଜୟଗାନ । ପ୍ରାକୃତିକ ସୁଷମାର ଦିଗନ୍ତବିସ୍ତାରୀ ଶସ୍ୟକ୍ଷେତ୍ର, ତରଙ୍ଗ ଶୋଭିତ ନଦୀ ସକଳ, ଘନବନାନୀ ଆଚ୍ଛାଦିତ ନଭଶ୍ଚୁମ୍ବୀ ପର୍ବତମାଳା, ହଂସ କାରଣ୍ଡକ ଆଦି ବିହଙ୍ଗମ ଶୋଭିତ ହ୍ରଦ ଓ ହ୍ରଦ ତୀର, ଆମ୍ର, ନାରୀକେଳ ପଣସାଦି ବୃକ୍ଷ ପରିପୂର୍ଣ୍ଣ ମାଳ ମାଳ ତୋଟା, ଖଜୁରୀ ଆଦି ବୃକ୍ଷ ଶୋଭିତ ପଥପାର୍ଶ୍ୱ, ଘନସନିବିଷ୍ଟ ତୃଣରାଜି ଓ ସବୁଜ ଦ୍ରୁମଲତା ପରିଶୋଭିତ ପ୍ରକୃତିର ଏକ ନୟନାଭିରାମ ଦୃଶ୍ୟ । ମାତ୍ର ଜନ ସଂଖ୍ୟାର ଅଭିବୃଦ୍ଧି, କଳକାରଖାନାମାନଙ୍କର ଅବିଶ୍ୱାସନୀୟ ପ୍ରଗତି ଫଳରେ ଆମର ଏଇ ସୁନ୍ଦର ପ୍ରାକୃତିକ ପରିବେଶ ଆଜି ବିପର୍ଯ୍ୟୟ ଶିଳ୍ପ ସଂସ୍ଥା ମାନଙ୍କ ଦ୍ୱାରା ମାଟି, ବାୟୁ, ଜଳ, ଶବ୍ଦ ପ୍ରଦୂଷଣ ସାଧାରଣ ଜୀବନ ପ୍ରଣାଳୀରେ ଅନେକ ସମସ୍ୟା ସୃଷ୍ଟି କରିଛି । ସେଥିପାଇଁ ଆଜିର ଜୀବ ଜଗତ ମନୁଷ୍ୟ ଅନେକ ମହାମାରୀ ଓ ମାରାତ୍ମକ ରୋଗର ଶିକାର ହେଉଛି । ମନୁଷ୍ୟର ଉଗ୍ର ଆଧୁନିକବାଦ ଓ ବେପରୁଆ ଆଣବିକ ବିସ୍ଫୋରଣ ପ୍ରକୃତିର ସୌନ୍ଦର୍ଯ୍ୟ ନଷ୍ଟ ଓ ଜଙ୍ଗଲ ର ଧ୍ୱଂସ । ଏହି ଅବକ୍ଷୟ ପ୍ରକୃତିକୁ ରକ୍ଷା ପାଇଁ ପୂର୍ବ ଯୁଗରେ ପଚଂଭୂତର ପୂଜା ସଙ୍ଗେ ସଙ୍ଗେ ରାଜା ମହାରାଜାମାନେ ଅଭୟା ଅରଣ୍ୟ କରୁଥିଲେ । ଆଦିମ ମଣିଷ ତାର ବୃକ୍ଷ ପୂଜାକୁ ଆମ ସଂସ୍କୃତିର ମହାନ ଅଙ୍ଗ ରୂପେ ଧରି ନେଇଥିଲା । ପ୍ରଳୟ ସମୟରେ ଶୁକ୍ଳାମ୍ବର ବିଷ୍ଣୁ ବଟପୁଟ ଉପରେ ଶୟନ କରିଥୁଲେ । ସେଥିପାଇଁ ବଟବୃକ୍ଷକୁ ଆଦ୍ୟ ବୃକ୍ଷ ବୋଲି କୁହାଯାଏ । ହରିବଂଶ ପୁରାଣରେ ଅଚ୍ୟୁତାନନ୍ଦ ବୃକ୍ଷ ପୂଜା ର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି । ମାହାପୁରୁଷ ଅଚ୍ୟୁତାନନ୍ଦ ଅକ୍ଷୟବଟ ମୂଳରେ ସିଦ୍ଧି ଓ ଶୂନ୍ୟ ସମାଧି ନେଇଛନ୍ତି । ଅଶ୍ୱତ୍ ବୃକ୍ଷ ମୂଳରେ ବୁଦ୍ଧଦେବ ଦିବ୍ୟଜ୍ଞ୍ୟାନ ଲାଭ କରିଥିଲେ । ପ୍ରତ୍ୟେକ ଜୈନ ତୀର୍ଥଙ୍କର ଗୋଟିଏ ଲେଖାଏଁ ଦିବ୍ୟତରୁ ମୂଳରେ ତପସ୍ୟାରତ ହୋଇ ଜ୍ଞାନ ପ୍ରାପ୍ତ ହୋଇଥିଲେ । ଜୈନ ଶାସ୍ତ୍ର ମତରେ ବଟ, ସପ୍ତପର୍ଣ୍ଣ, ଶାଳ, ପ୍ରିୟଙ୍ଗୁ, ଶିରିଷ, ନାଗକେଶର, ତମ୍ବୁର, ପାଟଳିକ, ଜାମୁ ଅଶ୍ୱତଥ, ଦଧିପର୍ଣ୍ଣ, ନନ୍ଦୀବୃକ୍ଷ, ତୀଳକ ତରୁ, ଚୂତ, ଅଶୋକ, ଚମ୍ପକ, ବକୁଳ ଆଦି ବୃକ୍ଷକୁ ବିଭିନ୍ନ ଜୈନ ତୀର୍ଥଙ୍କର ସହିତ ଅବତାରଣା କରା ଯାଇଛି । ଉଦୟଗିରି ଓ ଖଣ୍ଡଗିରିରେ ବୃକ୍ଷ ପୂଜାର ପାରମ୍ପରା ବର୍ଣ୍ଣନା କରାଯାଇଛି । ନବକଳେବରରେ ନିମ୍ବବୃକ୍ଷରୁ ଦାରୁ ଦେବତା ଓ ଦେବୀ ଦୁର୍ଗା ପୂଜାରେ ନବପତ୍ରିକା ପ୍ରଚଳନ ବୃକ୍ଷ ପୂଜାକୁ ଆହୁରି ଋଦ୍ଧି ମନ୍ତ କରିଥାଏ, ତୁଳସୀ ହେଉ କି ଚନ୍ଦନ ହେଉ କି କଳସୀ ପୂଜାର ପଚଂପଲ୍ଲବ କି ଖମ୍ବେଶ୍ୱରୀ ଦେବୀ ପୂଜା ହେଉ କି ସବୁତ ବୃକ୍ଷ । ପ୍ରତି ବୃକ୍ଷଲତା ଗୋଟିଏ ଗୋଟିଏ ଦେବତା ଙ୍କର ପ୍ରତିନିଧି ରୂପେ ପୂଜା ପାଇଥାଆନ୍ତି । ଇନ୍ଦ୍ର ଦେବତାଙ୍କ ର ଖାଣ୍ଡବବନ, ରାବଣର ଅଶୋକ ବାଟିକା, ବାଳିର ମଧୁବନ, ଶ୍ରୀକୃଷ୍ଣଙ୍କର ଗିରିଗୋବର୍ଦ୍ଧନ ପୂଜା ସବୁ ତ ବନ ମହୋତ୍ସବ । ତେଣୁ ସାରା ଦେଶରେ ସରକାର ୧୯୫୦ ମସିହା ଠାରୁ ପ୍ରତି ଜୁଲାଇ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ବନ ମହୋତ୍ସବ ପାଳନ କରି ଆସୁଛନ୍ତି । ଆମ ପରିବେଶ ଓ ପ୍ରାଣୀ ଜଗତକୁ ସୁସ୍ଥ ନିରାମୟ ରଖିବାରି ବୃକ୍ଷଲତା ଏକ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ଜଳଚକ୍ରର ପ୍ରମୁଖ ଭୂମିକା ଗ୍ରହଣ କରନ୍ତି ଆମ ଚତୁଃପାର୍ଶ୍ୱରେ ଥିବା ବୃକ୍ଷ ଲତା ମାନେ । ଆକଶରୁ ମେଘକୁ ବର୍ଷା କରାଇବାରେ ଏବଂ ପ୍ରାଣୀଜଗତ ପାଇଁ ବିରଳ ଔଷଧ ପ୍ରସ୍ତୁତ କରିବାରେ ବୃକ୍ଷଲତା ମାନଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ । ତେଣୁ ବୃକ୍ଷ ଆଦିମକାଳରୁ ମଣିଷର ପରମମିତ୍ର ।

ଆଗକାଳେ ଯିଏ ଘରଟି କରୁଥିଲା ସେ ପ୍ରଥମେ ଶୁଭବୃକ୍ଷ ତୁଳସି, ଗୁଆ, କଦଳୀ, ବେଲ, ନଡ଼ିଆ ଆଦି ବୃକ୍ଷ ଲଗାଉଥିଲା । ଘରର ଅନତି ଦୂରରେ ବଜ୍ରପାତରୁ ରକ୍ଷା ପାଇଁ ତାଳଗଛ ଲଗା ଯାଉଥିଲା । ଗ୍ରହଦୋଷ ନିବାରଣ ନିମନ୍ତେ ବିଭିନ୍ନ ବୃକ୍ଷର ସାହାଯ୍ୟ ଆଦିମ ଅଧିବାସି ମାନେ ନେଉଥିଲେ । କିନ୍ତୁ ବର୍ତମାନ ପରିବେଷ ଅସନ୍ତୁଳନରେ ମାନବଜାତି ଅତିଷ୍ଠ ହୋଇ ପଡ଼ିଛି । ବଣଜଙ୍ଗଲ ଘେରା ଦେଶ ଆଜି ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ଆମ କେନ୍ଦ୍ର ଓ ରାଜ୍ୟ ସରକାର ବନ ମାନଙ୍କର ସୁରକ୍ଷା ନିମନ୍ତେ ଅନେକ ପଦକ୍ଷେପ ହାତକୁ ନେଇଛନ୍ତି । ବୃକ୍ଷଲତା ମାନଙ୍କର ଉଚିତ୍ ଦେଖାଶୁଣା ତଥା ରକ୍ଷଣବେକ୍ଷଣ ନିମନ୍ତେ ଏହି ବନଦିବସ ବା ବନ ମହୋତ୍ସବ ସର୍ବତ୍ର ପାଳନ କରା ଯାଉଛି । ବୃକ୍ଷକଟା ଓ ଜୀବଜନ୍ତୁ ଶିକାର ଉପରେ ସରକାରି କଟକଣା ରହିଛି । ସରକାର ଙ୍କ ସାମାଜିକ ବନ ଯୋଜନା ଏକ ମହତ୍ୱପୂର୍ଣ୍ଣ ଯୋଜନା ଅଟେ । ଏହି ଯୋଜନା ପରିବେଶର ସୁରକ୍ଷା ସହିତ କିଛିଟା ବେକାରୀ ସମସ୍ୟା ଦୂର କରି ପାରୁଛି । ବନମହୋତ୍ସବ ସଫଳ ହେଲେ ସବୁଜ ସୁନ୍ଦର ଧରା ହସି ଉଠିବ ।

କଲେ ଆମେ ମିଶି ଜଙ୍ଗଲ ସୁରକ୍ଷା
ଜୀବ ଜଗତ ସର୍ବେ ହୋଇବେ ରକ୍ଷା

**ପାରାଦ୍ୱୀପ ଗଡ଼ , କୁଜଙ୍ଗ,ଜଗତସିଂହପୁର**

# କାଳର ବଂଶୀରେ ଅକାଳର ଧ୍ୱନି

**ଡ. କିଶୋର ମହାନ୍ତି**

ଦୁଇ ମିନିଟ୍‌ର ନୀରବ ପ୍ରାର୍ଥନା, ଅଶ୍ରୁଳ ଶ୍ରଦ୍ଧାଞ୍ଜଳି, 'ରେଷ୍ଟ ଇନ ପିସ୍', ଓଁ ଶାନ୍ତି ଆଉ 'ଅମର ଆତ୍ମା ଶାନ୍ତିରେ ରହୁ' ଏହି ଶବ୍ଦ ସହିତ ଏବେ ଆମେ ଅତି ଆବେଗରେ ସଂପର୍କ ଯୋଡ଼ି ବସିଛୁ ଯାହା ଆମକୁ ଏ ଅକାଳରେ ଆତ୍ମଘାତୀ କରୋନା ଶିଖାଇ ଦେଇଛି । ଖବର କାଗଜରେ ଶ୍ରଦ୍ଧାଞ୍ଜଳିରେ ପ୍ରକାଶିତ ଫଟୋ ଆଉ ଶୋକ ଖବର ଆମକୁ ଗଭୀର ଭାବରେ ସତରେ ମର୍ମାହତ କରି ଦେଇଛି । ପରିବାରରୁ କେହି ଜଣେ ଅନ୍ତର୍ହିତ ହୋଇଗଲେ ଆମେ ପରିବାର ସଦସ୍ୟ ଆଉ ବନ୍ଧୁ ବାନ୍ଧବମାନେ ଶୋକାକୁଳ ହେଇଯାଉ, ଆତ୍ମୀୟମାନେ ଅନ୍ତର ଫଟାଇ କାନ୍ଦନ୍ତି, ଆଉ ଶୋକରେ ଭସାଇ ଚାଲିଗଲେ ବୋଲି କହୁ– ସେ ବେଳର ଆଖିର ଲୁହ, ଅନ୍ୟବେଳର ଲୁହ ଗଡ଼ିବା ଭିତରେ ଆକାଶ ପାତାଳ ତଫାତ, କିନ୍ତୁ ଘର ଭିତରେ ଜଣକର ଅନୁପସ୍ଥିତି ବେଶ୍ ବାଧେ । ବେଳେବେଳେ ମନକୁ ଉଦ୍‌ବୋଧନ ଦିଏ ଏଇ ମଣିଷ ଯେଉଁ ନିରନ୍ତର ନିଷ୍ଠୁର ସତ୍ୟକୁ କେହି ଏଡ଼ାଇପାରେ ନାହିଁ । ଭାବିନେଉ ଆଉ ମନକୁ ସାନ୍ତ୍ୱନା ଦେଇ ଏମିତି 'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି ଦେବତା ହୋଇଲେ ମରଇ...' କହୁ ଏଇ ବିପଦ କାଳରେ ସ୍ୱର୍ଗାରୋହଣ କରୁଥିବା ବ୍ୟକ୍ତିମାନେ ଯେଉଁମାନଙ୍କର ଆକସ୍ମିତ ବିୟୋଗ ଘଟୁଛି ସେମାନେ ନିଜେ ପରିବାରର ମୁହଁ ନ ଦେଖି ଚାଲିଯାଉଛନ୍ତି, ତା'ର ହିସାବ କିଏ ବା ରଖିଛି । କେବଳ ତାଙ୍କ ପ୍ରତି ଦୁଇଟୋପା ଲୁହ ଗଡ଼ାଇବା ସହ ମଣିଷ ନିଜକୁ କେମିତି କାଷ୍ଠ ପାଷାଣ ଭଳି ଏ ଖବର ଶୁଣି ଜଡ଼ ପାଲଟି ଯାଉଛି ।

ଏ କାଳଖଣ୍ଡରେ ବାସ୍ତବିକ ଏପରି ଅଭାବନୀୟ ଘଟଣା, ଚହଲି ଯାଉଛି ମାଟି, ମୁଣ୍ଡ ଉପରେ ବଜ୍ରପାତ ହେଲା ପରି ଲାଗୁଛି । କୁଢ଼ କୁଢ଼ ଶବ ସତ୍କାର ଅପେକ୍ଷାରେ ଏହା କ'ଣ ସତରେ କାଳର କୁଟିଳ ଗତି ? ପ୍ରକୃତରେ କ'ଣ ଏହା ମହାକାଳର ଇଙ୍ଗିତରେ ଚାଲିଛି ସାରା ବିଶ୍ୱରେ ମୃତ୍ୟୁର ମହୋତ୍ସବ ? ଆଉ ଯେଉଁଥିରେ ଶୀକାର ହେଉଛନ୍ତି ଭଗବାନଙ୍କ ହାତରେ ଗଢ଼ା ଅମୃତସ୍ୟ ପୁତ୍ରମାନେ ! ଆଉ 'ଅମୃତ' ନାହିଁ– ଭୂତାଣୁ ଦଂଶିଥିବା ଗରଳରେ ଡହଳ ବିକଳ ହେଉଛି ଆଉ କାହାର କେଉଁ ମୁହୂର୍ତରେ ପାଳି ପଡ଼ିବ ଏକଥା କିଏ ବା ଜାଣେ ? ଏ ବେଳରେ ଅଧିକ ଆଶା ଆଶଙ୍କା ଭିତରେ ଜୀବନ ସ୍ରୋତ ଧାଉଁଛି କିପରି ! ସତେ କ'ଣ ଭେଟିବାକୁ ମୃତ୍ୟୁସିନ୍ଧୁ କରାଳ ଲହରୀ ? ତେବେ ଏ ମଣିଷ କିଏ କି ? ପ୍ରାଣୀମାନେ ମାନସିକତାର ଅଧିକାରୀ ହୋଇ ମାନବ ହୋଇଗଲେ । ଆଉ ଆଜିର ତଥାକଥିତ ମଣିଷ ହେଉଛନ୍ତି ମନୁଙ୍କ ପୁତ୍ର । ତେଣୁ ସେ ସକଳ ପ୍ରାଣୀଠାରୁ ସର୍ବଶ୍ରେଷ୍ଠ । ଯେବେଠାରୁ ମାନବର ବିଶ୍ୱ ପ୍ରତି ଆତ୍ମୀୟତା ବଢ଼ିଛି ସେ ହୋଇଛି ତା'ର ଅତି ନିଜର । ବିଶ୍ୱ ହେଉଛି ଆମର ପରିବାର । ଏ କଥା ବି ସତ୍ୟ ଯେ ଏ ବିଶ୍ୱ କାହା ପାଇଁ ଚିରଦିନ ଆଶ୍ରୟସ୍ଥଳୀ ହୋଇ ନପାରେ, ତେଣୁ କୁହାଯାଇଛି– "ଚିରଦିନ ଲାଗି କାହାରି ନୁହଁନ୍ତି କର୍ମ ଭୂମି ବସୁନ୍ଧରା ।"

କିନ୍ତୁ ଏ ଜୀବ ଓ ଜୀନର ମୂଳାଧାର ହେଉଛନ୍ତି ବିଶ୍ୱ ନିୟନ୍ତା ଭଗବାନ, ତାଙ୍କର ଦୁଇଟି ପ୍ରକୃତି ଅଛି ଗୋଟିଏ ପରା ଓ ଅନ୍ୟଟି ଅପରା ପ୍ରକୃତି– ମହାସମରରେ ଅର୍ଜୁନଙ୍କୁ ସେ କହନ୍ତି– ଶ୍ରୀମଦ୍ ଭାଗବତଗୀତାର ସପ୍ତମ ଅଧ୍ୟାୟ । ଶ୍ଳୋକ ସଂଖ୍ୟା ୫ରେ ବର୍ଣ୍ଣିତ ହୋଇଛି, "ହେ ମହାବାହୁ, ମୋର ଏହି ଅପରା ପ୍ରକୃତି ବା ନିଚତର ଶକ୍ତି ବ୍ୟତୀତ ମୋର ଏକ ପରା ପ୍ରକୃତି ବା ଉଚ୍ଚତର ଶକ୍ତି ଅଛି । ସେଗୁଡ଼ିକ ହେଉଛନ୍ତି ସମସ୍ତ ଜୀବ । ସେମାନେ ଭୂତପ୍ରକୃତି ସହିତ ଯୁଦ୍ଧ କରୁଛନ୍ତି ଏବଂ ଏ ଜଗତକୁ ଜୀବିତ ରଖିଛନ୍ତି । ଯିଏ ଯେଉଁ ସିଦ୍ଧାନ୍ତରେ ପହଂଚୁନା କାହିଁକି, ଏକଲା ଆମକୁ ମାନିନେବାକୁ ହେବ ଯେ ଜୀବନର ଶେଷବିନ୍ଦୁ ଯେଉଁଠି ଛୁଏଁ ସେଇଟି ଘଟେ ବିରାମ । ଶେଷଯାତ୍ରାଥାଏ ମୃତ୍ୟୁ ଆଡ଼କୁ । ଯେଉଁଠି ପ୍ରବେଶ ଥାଏ ସେଇଠି ମଧ୍ୟ ପ୍ରସ୍ଥାନ ଥାଏ । ଉଦୟ ଓ ଅସ୍ତର ରଙ୍ଗରେ ବର୍ଣ୍ଣିଳ ଏ ଜୀବନ– ଉଦୟ ହେଇଥିବା ଜୀବନ ଭେଟେ ଶେଷ ସୂର୍ଯ୍ୟାସ୍ତକୁ ।

ଗତିଶୀଳ ଜୀବନର ଏକାନ୍ତ ସତ୍ୟକୁ ମଣିଷ ଭୁଲି ଯାଇଥିଲେ ବି ତାକୁ ସ୍ମରଣ କରିଦିଏ କିଏ ପଛପଟୁ । ଯେଉଁ କାଳ ଆସେ ସେ ବଡ଼ କ୍ରୂରକାଳ, ମୃତ୍ୟୁ କେଉଁ ପଥ ଦେଇ ଆସେ କେହି ଜାଣିପାରେନା । ଏହି ରହସ୍ୟମୟ ଚେତନା ଭିତରେ ଉଙ୍କିମାରେ ଜୀବନ ଓ ମୃତ୍ୟୁ । ମୃତ୍ୟୁ ଆସେ କିନ୍ତୁ ଏପରି ବିରହ ରୂପ ଧରି ନୁହେଁ । କାଳ ବଡ଼ କୁଟିଳ, କାଳକୁ କେବଳ ଜୟ କରି ପାରିଛନ୍ତି ତ୍ରିକାଳଦର୍ଶୀ । ସାଧାରଣ ମାନବ ପାଖରେ ଏହା ସଂପୂର୍ଣ୍ଣ ଅସମ୍ଭବ । ଏହା ହେଇପାରେ ଆତ୍ମା ଓ ପରମାତ୍ମାଙ୍କର ଏକତାର ସୁମଧୁର ସଂଗୀତ । ଏଇ ପରିପ୍ରେକ୍ଷୀରେ ଗୋଟିଏ ଉକ୍ତି ମନକୁ ବେଶ୍ ଆନ୍ଦୋଳିତ କରେ– "ତୋର ମଙ୍ଗଳ ବିଧାନ, କରି ଅଛି ମରଣକୁ ଅମୃତ ସୋପାନ ।"

ସତ କହିବାକୁ ଗଲେ କରୋନା କାଳ ବଡ଼ କ୍ରୂର କାଳ । କେତେ ଯେ ପ୍ରାଣ ବିନା କାରଣରେ ଭୂମିରେ ଲୋଟିଗଲାଣି ତା'ର ଇୟତା ନାହିଁ । କେଉଁଠି ମା' ହରାଇଛି ତା' ଜନ୍ମିତ ଅବିହାଡ଼ା ଯବାନ ପୁଅକୁ, କୋଉଠି ମଥାରୁ ସିନ୍ଦୂର ପୋଛି ଦେଇଛି ସଧବାଟିଏ, ବିଧବା ସାଜିବାକୁ । କେଉଁଠି ବାଳୁତ ପୁଅଝିଅ ପିତୃମାତୃହରା ହୋଇ ବେସାହାରା ହୋଇ ରାଜରାସ୍ତାରେ ବୁଲୁଛନ୍ତି, ସେମାନଙ୍କର ଭବିଷ୍ୟତ କ'ଣ ସତରେ ଭାଗ୍ୟ ଲେଖିଛି । ଏହାକୁ କ'ଣ ମୃତ୍ୟୁ ସହ୍ୟ କରିପାରୁଛି । ସୃଷ୍ଟିକର୍ତାଙ୍କୁ ଗୋଟିଏ ପ୍ରଶ୍ନ କ'ଣ ପାଇଁ ଏମାନଙ୍କୁ ଏ ପୃଥିବୀରେ ଜନ୍ମ ଦେଇଥିଲେ କ'ଣ ଦୁଃଖକଷ୍ଟରେ ସନ୍ତୁଳି ହେବା ପାଇଁ ! ତେଣୁ ଏଇଠିମରଣକୁ ଅମୃତ ସୋପାନ କହିପାରିବା କି ? ମନରେ ଏକପ୍ରକାର ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି । ହେବା ବି ସ୍ୱାଭାବିକ । କେତେ କେତେ ବିଶ୍ୱର ପ୍ରତିଭାଶାଳୀ ବ୍ୟକ୍ତିଙ୍କର ଅକାଳରେ ବିୟୋଗ ହେଲା, ହୁଏତ ସେମାନେ ଆମକୁ ଏ ବିଶ୍ୱକୁ ନିଜର ନବ ନବ ସର୍ଜନାରେ ସବୁଜାୟିତ କରି ଦେଇଥାନ୍ତେ । ନବସ୍ୱର ଓ ସଙ୍ଗୀତରେ ଗୁଞ୍ଜରିତ ହୋଇଥାନ୍ତା ଏ ସସାଗରା ପୃଥିବୀ । କାହିଁ ସେମାନେ ତ ରହିଲେ ନାହିଁ । ଆମେ କ'ଣ ଏ ପୃଥିବୀରୁ ନାନ୍ଦନିକତା ଓ ସୌନ୍ଦର୍ଯ୍ୟବୋଧତାକୁ ଚିରଦିନ ହରଇ ବସିବା ! ବଡ଼ କଷ୍ଟ ଓ ଦୁଃଖ ଯନ୍ତ୍ରଣା ଦେଇଛି ଏହି କରୋନା କାଳ ସତେ ଯେମିତି ଏଠି ମୃତ୍ୟୁର ମହୋତ୍ସବ ହେଉଛି । ଅବା ମୃତ୍ୟୁର ପ୍ରୟୋଗଶାଳା ପାଲଟିଛି ଏ ବିଶ୍ୱ । ମଣିଷ ଭିତରୁ ଧୈର୍ଯ୍ୟ, ସାହସ ସବୁ ଯେମିତି ଅପସରି ଯାଉଛି । ମଣିଷ ନିଜକୁ ସଶକ୍ତ କରି ଛିଡ଼ା ହେବା ବଦଳରେ ନିଜେ ସ୍ଥାଣୁ ପାଲଟିଯାଉଛି । "କେହି ନାହାନ୍ତି ଆଉ ଭଲେ-ସମସ୍ତେ କାଳ ଗ୍ରସ୍ତେ ଗଲେ..." କୁଟିଳ ବଂଶୀସ୍ୱନ । ମରଣ ଯାତ୍ରାର ଆଦ୍ୟ ଝଙ୍କାର । କରୋନା କବଳିତ ମଣିଷ ଆଜି ନିରବ, ନିଥର, ଶ୍ୱାସରୁଦ୍ଧ । ମଣିଷ ପ୍ରତିନିୟତ ଶୁଣୁଛି କରୋନାର ଭୟଙ୍କର ପଦଧ୍ୱନି । ସେ ଆଜି ଆତଙ୍କିତ । ଭୟଭୀତ ଏ ଅନ୍ଧାରୀ ମୃତ୍ୟୁଶଯ୍ୟାରୁ ମୁକୁଳାଇବାକୁ କେହି ନାହିଁ, ଏ ଦୁଃଖଦ ମୁହୂର୍ତରେ । ସେ ଦରଦୀ କଣ୍ଠରେଡାକୁଛି– "ଭୁଜ ତଳେ ମୋତେ ରଖ ମହାବାହୁ, ବାହୁ ତଳେ ମୋତେ ରଖ..." ।

# ଅନ୍ ଲାଇନ୍ ଶିକ୍ଷାଦାନ

**ଅକ୍ଷୟ କୁମାର ମିଶ୍ର**

୨୦୨୦ ମସିହା ମାର୍ଚ୍ଚ ୧୭ ତାରିଖଠାରୁ ରାଜ୍ୟରେ ସମସ୍ତ ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନ ପ୍ରକ୍ରିୟା ବନ୍ଦ ଅଛି । ଏହା ଭିତରେ ମୂଲ୍ୟବାନ ସତର ମାସ ଅତିକ୍ରାନ୍ତ ହେବାକୁ ବସିଲାଣି । ଏମିତି ଆଉ କେତେ ମାସ ଆମ ଶିକ୍ଷା ଜଗତ ଅନ୍ଧକାରାଚ୍ଛନ୍ନ ରହିବ ତା'ର ଉତର ମଧ କାହା ପାଖରେ ନାହିଁ । କରୋନାର ପ୍ରଥମ ଲହର ଯାଇ ଦ୍ୱିତୀୟ ଲହର ଚାଲିଛି । ତୃତୀୟ ଢ଼େଉ ଆସୁଛି ବୋଲି ବିଶେଷଜ୍ଞଙ୍କ ମତ । ପ୍ରଥମ ଲହର ଯେତେ ମାରାତ୍ମକ ଥିଲା ଦ୍ୱିତୀୟଟି ଅଧିକ ପ୍ରାଣଘାତୀ ହୋଇ ଲୋକଙ୍କୁ ଏକ ଅଜଣା ଅକୁହା ଆତଙ୍କ ଭିତରକୁ ଠେଲି ଦେଇଥିବା ବେଳେ ତୃତୀୟ ଲହରର ଆଶଙ୍କା ଏକ ସଂକଟମୟ ସ୍ଥିତି ସୃଷ୍ଟି କରିବ ବୋଲି ଚର୍ଚ୍ଚା ଚାଲିଛି । ଅନୁମାନ ଯଦି ସତ୍ୟ ହୁଏ ତେବେ ପିଲାମାନଙ୍କର ପାଠପଢାରେ ସର୍ବାଧିକ କ୍ଷତି ହେବ । ଏହାକୁ ଦୃଷ୍ଟିରେ ରଖି ଆମ ରାଜ୍ୟରେ ଆରମ୍ଭ ହୋଇଛି ଅନ୍ ଲାଇନ ଶିକ୍ଷାଦାନ । ଏହାର ବିଭିନ୍ନ ଦିଗ ସମ୍ପର୍କରେ ଆସନ୍ତୁ କିଛି ଆଲୋଚନା କରିବା । ପ୍ରଥମେ କୁହାଯାଇପାରେ ଏହା ସାମ୍ପ୍ରତିକ ସମୟର ଆହ୍ୱାନ । ପରିସ୍ଥିତିକୁ ମୁକାବିଲା କରିବାପାଇଁ ସାମୟିକ ପଦକ୍ଷେପ । ନାହିଁ ମାମୁଁ ଠାରୁ କଣା ମାମୁଁ ଭଲ ନ୍ୟାୟରେ କିଛିଟା ଆଶ୍ୱାସନା । ହତାଶା ଭିତରେ ଆଶାର ଝଲକ । ପିଲାଙ୍କ ମନରେ କିଛି ପରିମାଣରେ ଭରସା ଭରିଦେବାର ପ୍ରୟାସ । କିନ୍ତୁ ରାଜ୍ୟର ଭୌଗୋଳିକ ଅବସ୍ଥା, ସାମାଜିକ ସ୍ଥିତି, ଲୋକଙ୍କର ଅର୍ଥନୈତିକ ମାନଦଣ୍ଡ, ଆବଶ୍ୟକୀୟ ଭିତିଭୂମିକୁ ନେଇ ବିଚାର କଲେ ଯୋଜନାର ସଫଳତା ସୁଦୂର ପରାହତ ।

ଜୁନ୍ ମାସ ୨୧ ତାରିଖଠାରୁ ରାଜ୍ୟରେ ୟୁ-ଟ୍ୟୁବ ମାଧମରେ ଆରମ୍ଭ ହୋଇଥିବା ଶିକ୍ଷାଦାନ ପ୍ରଣାଳୀ ଶୈକ୍ଷିକ ପରିବେଶକୁ କିଛିମାତ୍ରାରେ ଯେ ଅମ୍ଳଜାନ ପ୍ରଦାନ କରିଛି କହିବା ଭୁଲ ହେବନାହିଁ । କିନ୍ତୁ ଏହି ଅମ୍ଳଜାନର ସିଲିଣ୍ଡର ସବୁଠି ଉପଲବ୍ଧ ନୁହେଁ । କିଛି ସ୍ଥାନରେ ଉପଲବ୍ଧ କିନ୍ତୁ ବ୍ୟବହାର ପାଇଁ ସରଞ୍ଜାମ ନାହିଁ । ଆଉ କେଉଁଠି ସବୁ ଅଛି କିନ୍ତୁ ସଠିକ ସମୟରେ ଠିକଣା ଜାଗାରେ ପହଞ୍ଚି ପାରୁନି ।

ଯଦି ଅନ୍ ଲାଇନ ମାଧ୍ୟମରେ ଶିକ୍ଷାଦାନକୁ ଗଠନାତ୍ମକ ଦୃଷ୍ଟିରେ ବିଚାର କରାଯାଏ, ତେବେ ଯେଉଁ ଭଲ ଦିଗ ଗୁଡିକ ସାମନାକୁ ଆସେ ସେଗୁଡିକ ହେଲା – (୧) ପିଲାମାନେ ଯେଉଁ ପୂରା ସମୟକୁ ଖେଳକୁଦରେ କଟାଇ ଅମନଯୋଗୀ ହୋଇ ଯାଉଥିଲେ ତାହା ନଘଟି ପାଠରେ ମନ ଦେବେ । (୨) ଉନ୍ନତ ଜ୍ଞାନ କୌଶଳ ସହିତ ସେମାନେ ଯୋଡିହେବେ । (୩) ଭବିଷ୍ୟତରେ ଅନ୍ ଲାଇନ୍ ପରୀକ୍ଷା ପ୍ରତି କୌଣସି ଭୟ ରହିବ ନାହିଁ । ଅପରପକ୍ଷେ ୟୁ-ଟ୍ୟୁବ ଜରିଆରେ ଶିକ୍ଷାଦାନ ପିଲାମାନଙ୍କ ଉପରେ ଯେଉଁ ସବୁ କୁପ୍ରଭାବ ପକାଇବ ସେଗୁଡିକ ହେଲା – (୧) ଛାତ୍ରଛାତ୍ରୀଙ୍କ ଭିତରେ ବୈଷମ୍ୟ ବୃଦ୍ଧି ପାଇବ । (୨) ବହୁ ପିଲା ଏଥିରୁ ବଞ୍ଚିତ ହେବେ । (୩) ଦୀର୍ଘ ସମୟ ମୋବାଇଲ ବ୍ୟବହାର ଦ୍ୱାରା ଚକ୍ଷୁ ଉପରେ ପ୍ରଭାବ ପଡିବ । (୪) ପଠନ ଓ ଲିଖନ ଦକ୍ଷତା ହ୍ରାସ ହେବାର ସମ୍ଭାବନା ଅଛି । (୫) ଛୋଟପିଲାମାନେ ମୋବାଇଲକୁ ଅପବ୍ୟବହାର କରିପାରନ୍ତି । (୬) ସର୍ଜନଶୀଳତା ବାଧାପ୍ରାପ୍ତ ହେବ । (୭) ପରିବାର ଉପରେ ଆର୍ଥିକ ବୋଝ ବଢ଼ିବ । (୮) ପିଲାଙ୍କର ଦକ୍ଷତା ମାପରେ ସ୍ୱଚ୍ଛତା ରହିବ ନାହିଁ । (୯) ଶିକ୍ଷକ ଛାତ୍ର ମଧରେ ଥିବା ପବିତ୍ର ସମ୍ପର୍କ ଦୁର୍ବଳ ହେବ ।

ଏହା ମଧ ସତ୍ୟ ଯେ କୌଣସି କାର୍ଯ୍ୟକ୍ରମରେ କିଛି ଭଲ କିଛି ମନ୍ଦ ଅବଶ୍ୟ ରହିବ । କିନ୍ତୁ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ସାଧିତ ହେବା ଜରୁରୀ । ଏଠାରେ ଅସଲ ଉଦ୍ଦେଶ୍ୟ ହେଲା ଯେତେବେଳେ ଶ୍ରେଣୀ କକ୍ଷରେ ଶିକ୍ଷାଦାନ ସମ୍ଭବ ହୋଇପାରୁନାହିଁ ସେତେବେଳେ ଅନ୍ ଲାଇନ୍ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବା ନିତ୍ୟାନ୍ତ ଅପରିହାର୍ଯ୍ୟ । ଏଇଥିପାଇଁ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଓସେପା ଦ୍ୱାରା ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୟୁ-ଟ୍ୟୁବ ଜରିଆରେ ଶିକ୍ଷାଦାନ ଚାଲିଛି । କିନ୍ତୁ ଉଦବେଗର ବିଷୟ ହେଉଛି ଏହି କାର୍ଯ୍ୟକ୍ରମ ସହିତ ଯୋଡି ହେଉଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅତ୍ୟନ୍ତ ନୈରାଶ୍ୟଜନକ । ମାତ୍ର ୧୦ ରୁ ୧୫ ପ୍ରତିଶତ ଶିକ୍ଷାର୍ଥୀଙ୍କ ନିକଟରେ ଏହି ଆଭାସୀ ଶିକ୍ଷା ପହଂଚିପାରୁଛି । ଅବଶିଷ୍ଟ ପିଲା ବିଭିନ୍ନ କାରଣରୁ ପାଠପଢ଼ାରୁ ବଂଚିତ ହେଉଛନ୍ତି । ଏହାର କାରଣ ଗୁଡିକ ସମ୍ପର୍କରେ ଶାସକ, ପ୍ରଶାସକ, ସାଧାରଣ ଜନତା ପ୍ରାୟ ଊଣା ଅଧିକେ ସମସ୍ତେ ଅବଗତ । ତଥାପି ନଲେଖିଲେ ଆଲେଖ୍ୟଟି ଅପୂର୍ଣ୍ଣାଙ୍ଗ ରହିଯିବ ଭାବି ଉଲ୍ଲେଖ କରିବା ଉଚିତ ମଣୁଛି । ସେଗୁଡ଼ିକ ହେଲା – (୧) ଆବଶ୍ୟକ ଧରଣର ମୋବାଇଲ ଫୋନ୍ ପିଲା କିମ୍ବା ଅବିଭାବକ ନିକଟରେ ନାହିଁ । (୨) ପରିବାରରେ ଆବଶ୍ୟକ ସଂଖ୍ୟକ ଫୋନ୍ ନାହିଁ । (ଧରାଯାଉ ଘରେ ଗୋଟିଏ ଫୋନ୍ ଅଛି କିନ୍ତୁ ଦୁଇଜଣ ପିଲା ଭିନ୍ନ ଭିନ୍ନ ଶ୍ରେଣୀରେ ପଢୁଛନ୍ତି) (୩) ରାଜ୍ୟର ବହୁ ଅଞ୍ଚଳରେ ନେଟୱାର୍କ ଉପଲବ୍ଧ ନୁହେଁ । (୪) ଏବେବି ବହୁ ଗ୍ରାମ ବିଦ୍ୟୁତ୍ ଯୋଗାଣରୁ ବଂଚିତ । (୫) ଛୋଟ ପିଲାଙ୍କୁ ଘରେ ସହାୟତା ପ୍ରଦାନ ପାଇଁ କେହି ନାହାଁନ୍ତି ।

ଏବେ ଆଲୋଚନା କରାଯାଉ ଅନ୍ ଲାଇନ ଶିକ୍ଷାଦାନର ଭବିଷ୍ୟତ ପ୍ରଭାବ ସମ୍ପର୍କରେ – (୧) ଏଥିରେ ସାମିଲ ହୋଇପାରୁନଥିବା ଛାତ୍ରଛାତ୍ରୀଙ୍କ ଭିତରୁ କିଛି ପିଲା ପାଠପଢ଼ା ଛାଡିଦେବାର ସମ୍ଭାବନା ଅଛି । (୨) ଯେଉଁ ଶିକ୍ଷାର୍ଥୀମାନେ ଶିକ୍ଷା ଗ୍ରହଣ କରିପାରିଲେ ସେମାନେ ପାଠରେ ଅନ୍ୟମାନଙ୍କ ଠାରୁ କିଛିଟା ଆଗୁଆ ରହିବେ ଯାହାର ପ୍ରଭାବ ଶ୍ରେଣୀ କକ୍ଷରେ ପ୍ରତ୍ୟେକ୍ଷ ଶିକ୍ଷାଦାନ ସମୟରେ ଅନୁଭୂତ ହେବ । (୩) ପିଲାଙ୍କ ଭିତରେ ସାମାଜିକ ସହାବସ୍ଥାନର ମୂଲ୍ୟବୋଧ ହ୍ରାସ ହେବ । ଉପରୋକ୍ତ ସମସ୍ତ ଭଲମନ୍ଦ, ସୁବିଧା ଅସୁବିଧା, ଉପକାରିତା ଅପକାରିତା, ସୁପ୍ରଭାବ କୁପ୍ରଭାବ ସତ୍ତ୍ୱେ ଅନ୍ ଲାଇନ୍ ଶିକ୍ଷାଦାନ ଯେ, ସମୟ ଓ ପରିସ୍ଥିତିର ଆବଶ୍ୟକତା ଏହା ସ୍ୱୀକାର କରିବାକୁ ପଡିବ । ଏଣୁ ତଦନୁଯାୟୀ ନିଜକୁ ପ୍ରସ୍ତୁତ କରିବା ଜରୁରୀ । କିନ୍ତୁ ବିଡମ୍ବନାର ବିଷୟ ହେଉଛି ଏ ବାବଦରେ ଆମେ ପାଦଟିଏ ମଧ ଆଗକୁ ବଢ଼ାଇଲୁ ନାହିଁ । ଯଥା ପୂର୍ବଂ ତଥା ପରଂ ନୀତିରେ ଦେଢ଼ବର୍ଷ ପୂର୍ବେ ଆମେ ଯେଉଠି ଥିଲୁ ଆଜି ମଧ ସେଇଠି ଅଛୁ । ପ୍ରଥମ ଲହର ସମୟରେ ଅନ୍ ଲାଇନ୍ ମାଧ୍ୟମରେ ଶିକ୍ଷାଦାନ ବ୍ୟବସ୍ଥା କରାଯାଇଥିଲା । ଏଥିରେ କଣ ଅସୁବିଧା ହେଲା ଏବଂ କେତେ ପିଲା ଉପକୃତ ହେଲେ ତାହା ଆମେ ଅଙ୍ଗେ ଲିଭେଇଲେ । ଅଥଚ ଏହି ଅସୁବିଧା ଗୁଡିକ ଦୂରୀକରଣ କରଯାଇ କେମିତି ସବୁ ପିଲାଙ୍କ ପାଖରେ ଶିକ୍ଷାଦାନ ପହଂଚିବ ସେଦିଗରେ ଆମେ କୌଣସି ପଦକ୍ଷେପ ନେଲେ ନାହିଁ । ଡିଜିଟାଲ ଭାରତ କଥା ଶୁଣି ଶୁଣି କାନ ବଧିରା ହେଲାଣି କିନ୍ତୁ ନେଟୱାର୍କ ପାଇବା ପାଇଁ ପାହାଡ ଉପରକୁ ଯିବାକୁ ପଡୁଛି, ଗଛ ଚଢ଼ିବାକୁ ପଡୁଛି, କିଛି ନହେଲେ ଦୁଇ ଚାରି କିଲୋମିଟର ଅନ୍ୱେଷଣରେ ଯିବାକୁ ପଡୁଛି । କୁଟୀର ଜ୍ୟୋତି ଯୋଜନା, ଶୁଣିବାକୁ ଭାରି ମିଠା । ମାତ୍ର ଆଜିବି ଅନକେ ଗାଁ ଅଛି ଯେଉଁଠି ବିଦ୍ୟୁତ ଖୁଂଟ ପୋତାହୋଇନାହିଁ । ବାକି ରହିଲା ସ୍ମାର୍ଟ ଫୋନ୍ କଥା । ଯେଉଁ ରାଜ୍ୟରେ ଜନ ସଂଖ୍ୟାର ୭୨.୬ ପ୍ରତିଶତ ଲୋକଙ୍କର ଦୁର୍ବଳ ଆର୍ଥିକ ସ୍ଥିତିକୁ ବିଚାର କରି ସରକାର ବିଭିନ୍ନ ସହାୟତା ପ୍ରଦାନ କରନ୍ତି ସେହି ଲୋକମାନେ ଏକ ସ୍ୱତନ୍ତ୍ର ଦାମୀ ମୋବାଇଲ୍ କ୍ରୟକରି ତାଙ୍କ ପିଲାଙ୍କ ହାତରେ ଧରାଇଦେଇ ପାରିବେ, ଏହା ଆଶା କରିବା ଯୁକ୍ତି ସଂଗତ ନୁହେଁ । ସରକାର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଲାପଟପ ଦେଉଛନ୍ତି, ନବମ ଶ୍ରେଣୀର ସବୁ ପିଲାଙ୍କୁ ସାଇକେଲ ଦେଉଛନ୍ତି, ବହି, ବ୍ୟାଗ, ପୋଷାକ, ଜୋତା ଦେଉଛନ୍ତି । ତେବେ ଦଶମ ଶ୍ରେଣୀର ବୋର୍ଡ ପରୀକ୍ଷାକୁ ଆଖି ଆଗରେ ରଖି ଏହି ଶ୍ରେଣୀର ପିଲାଙ୍କୁ ମୋବାଇଲ ଦେବା ସମ୍ପର୍କରେ ଉଠୁଥିବା ଦାବୀ ଅମୂଳକ ନୁହେଁ ।

ଉପସଂହାରରେ ଏତିକି କୁହାଯାଇ ପାରେ ଅନଲାଇନ୍ ଶିକ୍ଷାଦାନ ପଦ୍ଧତି ଏକ ସାମୟିକ ଓ ତତ୍କାଳ ବ୍ୟବସ୍ଥା । ଏହା କଦାପି ଶ୍ରେଣୀ କକ୍ଷର ଶିକ୍ଷା ସହିତ ସମତୁଲ ନୁହେଁ । ତଥାପି ଯୋଜନାର ସଫଳ ରୂପାୟନରେ ଯେଉଁସବୁ ପ୍ରତିବନ୍ଧକ ଅଛି ସେଗୁଡିକ ଅତିକ୍ରମ କରିବାକୁ ହେଲେ ଅବିଭାବକ, ଶିକ୍ଷକ, ପ୍ରଶାସନ ଓ ସରକାର ସଭିଏଁ ସକରାତ୍ମକ ଦୃଷ୍ଟିଭଙ୍ଗୀ ସହିତ ନିଜର ଉତରଦାୟିତ୍ୱ ପାଳନ କରିବା ବାଞ୍ଛନୀୟ । ନଚେତ ଅଧ୍ୟୟନ ଜନିତ ଅସଂଗତି ଛାତ୍ରଛାତ୍ରୀଙ୍କ ଭିତରେ ଏକ ବିରାଟ ଫାଙ୍କ ସୃଷ୍ଟି କରିବ । ଏଣୁ ଯେତେଶୀଘ୍ର ପ୍ରତ୍ୟକ୍ଷ ପାଠପଢା ପୁନଃ ପ୍ରସାରଣ ହେବ ଆମ ସମସ୍ତଙ୍କ ପାଇଁ ଶୁଭଙ୍କର ହେବ ।

# ସକାଳୁ ଶୀଘ୍ର ଉଠିବା ସ୍ୱାସ୍ଥ୍ୟ ପ୍ରତି ହିତକର



ଇଂରାଜୀରେ ଗୋଟିଏ ଛୋଟ ପଦ୍ୟ ରହିଛି। ଯାହାର ଅର୍ଥ ଯେଉଁମାନେ ସଅଳ ଶୁଅନ୍ତି ଓ ସଅଳ ଶଯ୍ୟାତ୍ୟାଗ କରିଥାଆନ୍ତି, ସେମାନେ ସ୍ୱାସ୍ଥ୍ୟ, ଧନ ଓ ଜ୍ଞାନବାନ ହୋଇଥାଆନ୍ତି। ଏବେ କିନ୍ତୁ ଅନେକ ପ୍ରାତଃ କାଳରେ ଶଯ୍ୟାତ୍ୟାଗ କରୁନାହାନ୍ତି। ସେମାନେ ଉଠିବା ବେଳକୁ ଖରାପଡି ଦିନ ଆରମ୍ଭ ହୋଇଯାଇଥାଏ। ସେମାନେ କେବେହେଲେ ସୂର୍ଯ୍ୟୋଦୟ ଦେଖିପାରନ୍ତି ନାହିଁ। ଉଦୟ ସମୟରେ ସୂର୍ଯ୍ୟଙ୍କ କିରଣ ସ୍ନିଗ୍ଧ, କୋମଳ ଓ ଶୀତଳ ଥାଏ। ଏହି କିରଣ ଶରୀରର ବିଶେଷ କରି ଚର୍ମ ପାଇଁ ହିତାକରୀ। ଦ୍ୱିପହରର ପ୍ରଖର ସୂର୍ଯ୍ୟକିରଣ ଶରୀର ପ୍ରତି ଅନୁକୂଳ ନୁହେଁ ବରଂ କ୍ଷତିକାରକ। ସୂର୍ଯ୍ୟୋଦୟ ଦେଖିବା ଓ ଉପଭୋଗ କରିବା ଶକ୍ତିବର୍ଦ୍ଧକ ଓ ସ୍ଫୁର୍ତ୍ତି ପ୍ରଦାୟକ ହୋଇଥିବାବେଳେ ସୂର୍ଯ୍ୟାସ୍ତ ଦେଖିବା ସେହିପରି ହିତକାର ନୁହେଁ। ଅନେକ ସୂର୍ଯ୍ୟାସ୍ତ ଦେଖିବା ସେହିପରି ହିତକାର ନୁହେଁ। ଅନେକ ଶାସ୍ତ୍ରରେ 'ସୂର୍ଯ୍ୟାସ୍ତ' ନଦେଖିବା ଉଚିତ ବୋଲି ମତ ରଖାଯାଇଛି। ପ୍ରାତଃ କାଳରେ କେତେବେଳେ ଶଯ୍ୟା ତ୍ୟାଗ କରିବା କଥା, ତାହା ମୁନିଋଷି ଓ ଶାସ୍ତ୍ରବିତ୍ ବହୁ ଆଗରୁ ଠିକ୍ କରିଯାଇଛନ୍ତି। ସୂର୍ଯ୍ୟୋଦୟର ଏକ ଘଣ୍ଟା ପୂର୍ବରୁ ଶଯ୍ୟା ତ୍ୟାଗ ଠିକ୍ ଥିଲେ ମଧ୍ୟ ସୂର୍ଯ୍ୟୋଦୟର ଠିକ୍ ଆଗରୁ ନିଦ ଭାଙ୍ଗିବା ଭଲ। ଦେଖାଯାଇଛି, ସକାଳେ ବାସି ଶେଯରେ ହିଁ ଭଲ ନିଦ ହୋଇଥାଏ। ଫଳରେ ଡେରିରେ ଉଠିବା ଏକ ଅଭ୍ୟାସରେ ପରିଣତ ହୋଇପଡିଛି। ମାତ୍ର ଜଲଦି ଉଠିବା, ସକାଳୁ କାମ ଆରମ୍ଭ କରିବା ଦ୍ୱାରା ଅନେକ ଗୁଡିଏ ଉପକାର ମିଳିଥାଏ।

ପୃଥିବୀର ସବୁ ସଫଳ ବ୍ୟକ୍ତିମାନେ ପ୍ରାୟତଃ ପ୍ରାତଃ ଶଯ୍ୟା ତ୍ୟାଗ କରିଥାଆନ୍ତି। ଏହାର ଅର୍ଥ ନୁହେଁ ଯେ ଡେରିରେ ଉଠୁଥିବା ବ୍ୟକ୍ତି ବିଫଳ। ମାତ୍ର ସକାଳୁ ଜଲଦି ଉଠିବା ଦ୍ୱାରା ଅଧିକ ସମୟ ମିଳିଥାଏ। ଆମ ଦେଶ ଓ ରାଜ୍ୟ ଗ୍ରୀଷ୍ମ ପ୍ରଧାନ ଦେଶ ହୋଇଥିବାରୁ ସକାଳୁ ଉଠି ନିତ୍ୟକର୍ମ କରିବା ଓ ଗାଧୋଇବା ଦ୍ୱାରା ଉତ୍ତମ ଅଭ୍ୟାସ ହୋଇଥାଏ। ଶରୀର ଓ ମନରେ ନୂତନ ଉତ୍ସାହ ଦେଖାଯାଇଥାଏ।

ରାତିରେ ପାଟିରେ, ନାକରେ ଓ ମଳଦ୍ୱାରରେ ଯେତିକି କ୍ଷତିକାରକ ଜୀବାଣୁ ବଢିଥାଆନ୍ତି ସକାଳପରେ ଅଧିକ ବଢିଥାଆନ୍ତି। ପରିସ୍ରା ଓ ମଳ ପରିସ୍ରାଥଳୀ ଓ ମଳାଶୟ ଉପରେ ଚାପ ସୃଷ୍ଟି କରିବା ଦ୍ୱାରା ସେହି ଜନିତ ରୋଗସବୁ ସୃଷ୍ଟି ହୋଇଥାଏ। ପ୍ରାତଃରୁ ଶୌଚ ଓ ପରିସ୍ରା ସମ୍ପାଦନ କଲେ ଶରୀର ହାଲକା ହୋଇଥାଏ।

ଏହା ଜାଣି ରଖିବା ଆବଶ୍ୟକ ଯେ, ପ୍ରାତଃଭ୍ରମଣ କରିବା ପୂର୍ବରୁ ମୁହଁ ଧୋଇବା, ଦାନ୍ତ ଘଷିବା, ପରିସ୍ରା ଓ ମଳତ୍ୟାଗ କରିବା ନିହାତି ଆବଶ୍ୟକ। ନଚେତ୍ ପ୍ରାତଃଭ୍ରମଣର ଉପକାରିତା ମିଳିବା ପରିବର୍ତ୍ତେ ଅପକାର ମିଳିଥାଏ। ଯେଉଁ ପିଲାମାନେ ସକାଳୁ ଜଲ୍‌ଦି ଉଠିଥାଆନ୍ତି, ସେମାନେ ପରୀକ୍ଷାରେ ଅଧିକ ନମ୍ବର ରଖିଥାଆନ୍ତି। ଏହାଛଡା ପାଠ ପଢିବା ସହ ଜୀବନରେ ସଫଳତା ପାଆନ୍ତି। ଟେକ୍ସାସ୍ ବିଶ୍ୱବିଦ୍ୟାଳୟର ଗବେଷକମାନେ ଏହା କହିଛନ୍ତି।

ରାତ୍ରିରେ ଆମର ଖାଇବା ୬ ରୁ ୮ ଘଣ୍ଟା ବନ୍ଦ ହୋଇଥାଏ। ତେଣୁ ସକାଳୁ ଜଲ୍‌ଦି ନ ଉଠିଲେ ଜଳଖିଆ ଖାଇବାରେ ଡେରି ହୋଇଥାଏ। ଏହାଛଡା ସକାଳୁ ଉଠିବା ଦ୍ୱାରା ଆମର କାର୍ଯ୍ୟଦକ୍ଷତାର ଓ ପଟୁତା ବୃଦ୍ଧି ପାଇଥାଏ। ସାଧାରଣ ଅପେକ୍ଷା ଏମାନେ ଅଧିକ କାମ କରିଥାଆନ୍ତି। ସକାଳୁ ଉଠୁଥିବା ଲୋକଙ୍କର ମାନସିକ ସ୍ୱାସ୍ଥ୍ୟ ଭଲ ରହିଥାଏ। ଦିନର ପ୍ରଥମ ଘଣ୍ଟା ଯେଭଳି କଟିଥାଏ, ବାକି ସମୟ ସେହି ଅନୁସାରେ କଟିଥାଏ। ଗବେଷଣାରୁ ଜଣାପଡିଛି ଯେ, ସକାଳୁ ଉଠୁଥିବା ଲୋକମାନେ ଯୁକ୍ତାତ୍ମକ ବ୍ୟକ୍ତିତ୍ୱ, ଅଧିକ ଆଶାବାଦୀ ଏବଂ ଜୀବନରେ ଅଧିକ ସନ୍ତୋଷ ଲାଭ କରିଥାନ୍ତି।



# ହନିମୁନ୍ ହଟ୍ ସ୍ପଟ୍ ରୂପେ ପ୍ରସିଦ୍ଧ

**ସମସ୍ତଙ୍କ ମନ ଭିତରେ ରହିଥାଏ ବିବାହ ପରେ ଏକ ମନୋରମ ସ୍ପଟକୁ ଯାଇ କିଛି ସମୟ ଅତିବାହିତ କରିବାକୁ। କିନ୍ତୁ ଏଥିଲାଗି ପ୍ରି ପ୍ଲାନିଂର ଆବଶ୍ୟକତା ରହିଛି। ଏଠାରେ ଆମେ ଆଜି ଏମିତି ଏକ ସ୍ଥାନ ବିଷୟରେ କହିବାକୁ ଯାଉଛୁ ଯେଉଁଠିକି ସୋଲୋ ଟ୍ରିପ୍ କିମ୍ବା ହନିମୁନ୍ ଟ୍ରିପ୍‌ରେ ଯାଇପାରନ୍ତି। ସେଠାକାର ସୁନ୍ଦର ପରିବେଶ ଛାଡି ଆସିବାକୁ ଇଚ୍ଛା ହେବନି। ହଁ ଯଦି ବି ଯାଉଛନ୍ତି ସମ୍ପୂର୍ଣ୍ଣ ପ୍ରସ୍ତୁତିର ସହିତ ଯାଆନ୍ତୁ...**

**ନୀଳଗିରି:** ଉଟି ଭାରତର ଏକ ପ୍ରମୁଖ ହିଲ୍ ଷ୍ଟେସନ, ଯାହା ହନିମୁନ ହଟ୍ ସ୍ପଟ୍ ରୂପରେ ପ୍ରସିଦ୍ଧ। ଏହି ସହର ତାମିଲନାଡୁର ନୀଳଗିରି ଜିଲ୍ଲାର ଏକ ଅଂଶ। ଚାରିପଟେ ପାହାଡ ଘେରିରହିଥିବାରୁ ଉଟିର ସୌନ୍ଦର୍ଯ୍ୟ ଖୁବ୍ ବଢିଯାଇଥାଏ। ଏହିସବୁ ପାହାଡକୁ ବ୍ଲୁ ମାଉଣ୍ଟେନ (ନୀଳ ପର୍ବତ) ମଧ୍ୟ କୁହାଯାଇଥାଏ। କିଛି ଲୋକ କୁହନ୍ତି ପ୍ରତି ୧୨ ବର୍ଷରେ ଥରେ ଘାଟିଗୁଡିକରେ ଫୁଟିଥାଏ ନୀଳ ରଙ୍ଗର ଫୁଲ କୁରୁଞ୍ଜି। ଏହି ନୀଳରଙ୍ଗ ଫୁଲର ନାମ ଅନୁସାରେ ସ୍ଥାନର ନାମ ନୀଳଗିରି ରଖାଯାଇଛି। ହଁ ଯେବେ ବି ଏହି ଫୁଲ ଫୁଟେ ସେହି ସମୟରେ ପାହାଡଟା ସାରା ନୀଳ ରଙ୍ଗ ଦେଖାଯାଇଥାଏ।

**ଉଟି ଟ୍ରାଭେଲ ଟ୍ରେନ:** ଉଟି ଆସୁଥିବା ଟୁରିଷ୍ଟ ଟୟ ଟ୍ରେନ୍‌ରେ ନିଶ୍ଚିତ ବସିଥାନ୍ତି। ସାଧାରଣ ଟ୍ରେନ୍ ତୁଳନାରେ ଏହି ଟୟ ଟ୍ରେନ୍‌ରେ ବସି ବୁଲିବାର ମଜା ଟିକେ ନିଆରା। ମେଟୁପାଲାୟମରୁ କୁନ୍ନୁର ହୋଇ ଟ୍ରେନ୍‌ଟି ଉଟି ପହଞ୍ଚିଥାଏ। ଉଟି ଯିବାବେଳେ ଆପର ଯଦି କ୍ୟାମେରା ନେଇକି ଯାଉଛନ୍ତି ତ ସେଠାକାର ମନୋରମ ସ୍ପଟକୁ କଏଦ କରିବାକୁ ଜମାରୁ ବି ଭୁଲିବେନି।

**ଆଭଲଞ୍ଚ୍ ଲେକ୍:** ଉଟି ଠାରୁ ୨୮ କିଲୋମିଟର ଦୂରରେ ଅଛି ଆଭଲଞ୍ଚ୍ ଲେକ୍, ଯେଉଁଠି ବୁଲାବୁଲି କରିବା ଲାଗି ଖୁବ୍ ଭଲ ସ୍ଥାନଟିଏ। ହ୍ରଦର ଚାରିପଟେ ଥିବା ସବୁଜ କ୍ଷେତ ଏହାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ। ଏହି ହ୍ରଦ ଏକ ବଡ ଭୂସ୍ଖଳନ ଯୋଗୁ ସୃଷ୍ଟି ହୋଇଥିଲା। ଫିସିଙ୍ଗ ପାଇଁ ଏହି ସ୍ଥାନ ବହୁତ ଭଲ। ଏହା ବ୍ୟତିତ ହ୍ରଦ କୂଳରେ ରହିଥିବା ଜଙ୍ଗଲରେ ବହୁ ବଡ ବଡ ଗଛବୃକ୍ଷ ଏବଂ ବହୁ ଜଙ୍ଗଲୀ ଜୀବଙ୍କୁ ମଧ୍ୟ ଦେଖିବାକୁ ମିଳିଥାଏ। ଏହି ସ୍ଥାନଟି ପିକନିକ ସ୍ପଟ୍ ପାଇଁ ବହୁତ ପ୍ରସିଦ୍ଧ।

**ଉଟି ବଟାନିକାଲ ଗାର୍ଡେନ:** ଉଟିର ବଟାନିକାଲ ଗାର୍ଡେନ ବୁଲାବୁଲି କରିବାକୁ ବହୁତ ସୁନ୍ଦର ସ୍ଥାନଟିଏ। ଏହି ଗାର୍ଡେନରେ ଖାଲି ଯେ ଭଲିକି ଭଳି ରଙ୍ଗ ବେରଙ୍ଗର ଫୁଲସବୁ ଦେଖିବାକୁ ମିଳିଥାଏ ତାହାନୁହେଁ ବରଂ ସେହି ଫୁଲ ବିଷୟରେ ଜାଣିବା ପାଇଁ ତଥ୍ୟ ସବୁ ମଧ୍ୟ ରହିଛି। ଖରାଦିନେ ଏଠାରେ ଫ୍ଲାୱାର ଶୋ' ହୋଇଥାଏ। ଏହି ଗାର୍ଡେନରେ ଏକ ଫସିଲ ଟ୍ରିପ ମଧ୍ୟ ରହିଛି। ଯାହା ଖୁବ୍ ପୁରୁଣା ବୋଲି କୁହାଯାଇଥାଏ।

**ୱାକ୍ସ ୱାର୍ଲ୍ଡ ଉଟି:** ଏଠାରୁ ୨ କିଲୋମିଟର ଦୂରରେ ରହିଛି ଏକ ସ୍ଥାନ ଯାହା ନଦେଖିଲେ ଉଟି ବୁଲା ବ୍ୟର୍ଥ ହୋଇଯିବ। ଏଠାରେ ମହାତ୍ମା ଗାନ୍ଧୀଙ୍କଠୁ ଆରମ୍ଭ କରି ବାଲ ଗଙ୍ଗାଧର ତିଲକ, ଗୋପାଳକୃଷ୍ଣ ଗୋଖଲେ, ଏପିଜେ ଅବଦୁଲ କଲାମ ଏବଂ ଆହୁରି କିଛି ପ୍ରସିଦ୍ଧ ବ୍ୟକ୍ତିଙ୍କ ୱାକ୍ସ ଷ୍ଟାଚ୍ୟୁ ମଧ୍ୟ ରହିଛି।

**ଆହୁରି ମଧ୍ୟ ରହିଛି:** ଡୋବାବେଟ୍ଟା ଉଦ୍ୟାନ, ଉଟି ହ୍ରଦ ଏବଂ ବଲହଟି ପ୍ରପାତ ଭଳି ଆହୁରି ବହୁ ସ୍ଥାନ, ଯେଉଁଥିରେ ଉଟି ସାରା ବିଶ୍ୱରେ ଖ୍ୟାତ। ଏତଦବ୍ୟତିତ ଗ୍ଲେମୋର୍ଗନର ଶାନ୍ତ ଏବଂ ସୁନ୍ଦର ଗାଁ, ମୁକୁର୍ଥି ନ୍ୟାସନାଲ ପାର୍କ ଆଦି ଉଟିର ପ୍ରମୁଖ ଟୁରିଷ୍ଟ ସ୍ପଟ୍।

**କେବେ ଯିବେ:** ଉଟି ଯିବା ଲାଗି ଆପଣ କେବେ ବି ପ୍ଲାନ୍ କରିପାରନ୍ତି। କିନ୍ତୁ ଏପ୍ରିଲ୍‌ରୁ ଜୁନ୍ ଏବଂ ସେପ୍ଟେମ୍ବରରୁ ନଭେମ୍ବର ଏଠାକୁ ଆସିବାକୁ ବେଷ୍ଟ ଟାଇମ। ନଭେମ୍ବରରୁ ମାର୍ଚ୍ଚ ମଧ୍ୟରେ ଏଠାରେ ପ୍ରବଳ ଶୀତ ପଡିଥାଏ।

**ତୋଡାହାଟ:** ଉଟିରେ ତୋଡା ହଟ ଖୁବ୍ ସୁନ୍ଦର ଡେଷ୍ଟିନେସନ ମଧ୍ୟରୁ ଗୋଟିଏ। ତୋଡା ହେଉଛି ଉଟିରେ ଘର ତିଆରି କରୁଥିବା ଏକ ସମ୍ପ୍ରଦାୟ। ସେମାନେ ଯେଉଁ ଘର ତିଆରି କରନ୍ତି ସେଥିରେ ଝରକା ତ ନଥାଏ, ଯେଉଁ ଦୁଆରମୁହଁ ଥାଏ ତାହା ପୁଣି ଛୋଟ। ଦେଖିଲେ ଲାଗେ ଯେମିତି ଏଥିରେ ରହିବା ବଡ ମୁସ୍କିଲ। କିନ୍ତୁ ଭିତରକୁ ଗଲେ ଏଥିରେ ସବୁପ୍ରକାରର ସୁବିଧା ଉପଲବ୍ଧ ଥାଏ।







# ସବୁ ଚର୍ଚ୍ଚା ମିଛ

ଜାହ୍ନବୀ କପୁର ଏବଂ ଇଶାନ ଖଟ୍ଟରଙ୍କ ମଧ୍ୟରେ କିଛି ଗୋଟେ ଚାଲିଛି। ନହେଲେ ଏହାକୁ ନେଇ ସବୁଠି ଚର୍ଚ୍ଚା ହୋଇନଥାନ୍ତା। ଅବଶ୍ୟ ନୁହେଁ କେବେଠାରୁ ସେମାନଙ୍କ ଭିତରେ କିଛି ନାହିଁ ବୋଲି ବାରମ୍ବାର କହିଆସୁଥିଲେ ହେଁ ଯାହା ଜଣାପଡୁଛି ମିଡିଆ ଛଅକୁ ନଅ ଲଗେଇ ଚର୍ଚ୍ଚା କରୁଛି। ଏଠାରେ ସୂଚାଇଦେବା ଜରୁରୀ ଯେ ଫିଲ୍ମ 'ଧଡକ' ପରେ ଇଶାନ ଏବଂ ଜାହ୍ନବୀଙ୍କ ମଧ୍ୟରେ କ୍ଲୋଇନେସ୍ ଢେର ବଢିଯାଇଥିଲା। ସେତେବେଳେ ସେମାନେ ଯେଉଁଭଳି ମିଳାମିଶା କରୁଥିଲେ ଏବେ ବି ସେମାନେ ଯେଉଁଭଳି ମିଳାମିଶା କରୁଥିଲେ ଏବେ ବି ସେମାନେ ଏକଜାଙ୍କୁ ସେହିଭଳି ଏକାଠି ବୁଲୁଥିବାର ଦେଖିବାକୁ ମିଳୁଛି। ଅବଶ୍ୟ ଏହାକୁ ଚାହେଁ ଉଡା ଖବର ବୋଲି କହୁଛନ୍ତି। ତେବେ ନିକଟରେ କରଣ ଜୋହରଙ୍କ ଚାଟ୍ ଶୋ' 'କଫି ଉଇଥ କରଣ' ରେ ବି କରଣ ଇଶାନଙ୍କୁ ପର୍ଟିକୁଲାର ଏହି ପ୍ରଶ୍ନ ପଚାରିଥିଲେ। ସେ ତ ମନା କରିଥିଲେ। କଫି ଉଇଥ କରଣରେ ଅର୍ଜୁନ ଭାଇ ଅର୍ଜୁନଙ୍କ ସହିତ ପହଞ୍ଚିଥିବା ଜାହ୍ନବୀଙ୍କୁ ଯେତେବେଳେ କରଣ ସେଇ ଏଲା କୋଶ୍ଚିନ କରିଥିଲେ ସେ କ'ଣ ଇଶାନଙ୍କୁ ଡେଟ୍ କରୁଛନ୍ତି ? ଏହାର ଉତ୍ତରରେ ମଧ୍ୟ ଜାହ୍ନବୀ କହିଥିଲେ, ଇଶାନ ମୋର ଫ୍ରେଣ୍ଡ। ଯାହାସବୁ ଚର୍ଚ୍ଚା ହେଉଛି ସେସବୁ ମିଛ।

# କୋଲେଷ୍ଟ୍ରେରଲ୍ ସ୍ତରକୁ ନିୟନ୍ତ୍ରଣ ରଖେ ପିଜୁଳି

**ପିଜୁଳିରେ ଯେହେତୁ ବହୁ ସ୍ୱାସ୍ଥ୍ୟ ଉପଯୋଗୀ ଢେର ତତ୍ତ୍ୱ ରହିଛି ତ ଏହାର ସଂସ୍କୃତ ନାମ ଅମୃତ ବୋଲି କୁହାଯାଇଥାଏ। ଏଥିରେ ଭିଟାମିନ୍ - ସି' ପ୍ରଚୁର ମାତ୍ରାରେ ରହିଛି, ଯାହା ମଣିଷକୁ ବହୁ ପ୍ରକାର ରୋଗରୁ ରକ୍ଷା କରିବାରେ ସହାୟକ ହୋଇଥାଏ। ଅନ୍ୟଦିନ ତୁଳନାରେ ଶୀତରେ ପିଜୁଳି ଖାଇବା ବହୁତ ଭଲ...**

-ପିଜୁଳିରେ ମାଙ୍ଗାନିଜ୍ ବହୁଳ ଭାବରେ ରହିବା ସହ ପୋଟାସିୟମ୍ ମଧ୍ୟ ରହିଛି, ଯାହାକି ରକ୍ତଚାପ ସ୍ତରକୁ ସାମାନ୍ୟ କରିଥାଏ। ଏହା ହୃଦୟ ଏବଂ ମାଂସପେଶୀକୁ ଉତ୍ତମ ରଖିବା ସହିତ ବହୁ ରୋଗରୁ ରକ୍ଷା କରିଥାଏ।

-ପିଜୁଳିରେ ପ୍ରାୟ ୮୦ ପ୍ରତିଶତ ପାଣି ରହିଥାଏ, ଯାହାକି ତ୍ୱଚାର ନମନୀୟତାକୁ ବଜାୟ ରଖିଥାଏ। ଏହା ବ୍ୟତିତ ରୋଗ ପ୍ରତିରୋଧକ କ୍ଷମତାକୁ ବଢାଇଥାଏ, ପିଜୁଳିରେ ଫାଇବର ମାତ୍ରା ବହୁତ ଅଧିକ ରହିଥାଏ। ଡାୟବେଟିସ ରୋଗୀଙ୍କ ପାଇଁ ଖୁବ୍ ଲାଭକାରୀ।

-ପିଜୁଳିକୁ ନିୟମିତ ଖାଇବା ଫଳରେ ଏହା ପେଟ ସଫା ରଖିଥାଏ। ପିଜୁଳି ଖାଇବା ଦ୍ୱାରା ମେଟାବଲିଜିମକୁ ସଠିକ ରହିଥାଏ, ଫଳରେ କୋଲେଷ୍ଟ୍ରଲ ସ୍ତରକୁ ନିୟନ୍ତ୍ରିତ ରଖି ତେଣୁ ରେଗୁଲାର ପିଜୁଳି ଖାଇବା ଭଲ।



-ପାଟି ଦୁର୍ଗନ୍ଧ ଦୂର କରିବା ପାଇଁ ପିଜୁଳିର କଅଁଳ ପତ୍ରକୁ ନିୟମତ ଚୋବାନ୍ତୁ ଫଳରେ କମ ଦିନରେ ଏହି ସମସ୍ୟା ଦୂର ହୋଇଯାଇଥାଏ। ପିଜୁଳି ପତ୍ରରେ ଥିବା ଆଣ୍ଟି ବ୍ୟାକ୍ଟେଆଲ କ୍ଷମତା ରହିଥାଏ, ଏହାକୁ ଚୋବାଇବା ଫଳରେ ଦାନ୍ତ ବିନ୍ଧାରୁ ମୁକ୍ତି ମିଳିଥାଏ।

# ବିପଦର ବନ୍ଧୁ ଆଲୋକ

କଟକ, ୦୮।୦୭(ନି.ପ୍ର.): ସ୍ୱଳ୍ପ ସମୟରେ ମାତ୍ର ୨୦ ବର୍ଷ ବୟସରେ କଟକ ମାଟିରେ ସମାଜସେବା କ୍ଷେତ୍ରରେ ହଇଚଇ ସୃଷ୍ଟି କରିଥିବା ଯୁବ ସମାଜସେବୀ ଆଲୋକ ବେହେରା କେବଳ ମେଡିକାଲ ଓ



ସାଧାରଣ ଲୋକଙ୍କ ଛୋଟବଡ଼ ମୌଳିକ ସମସ୍ୟାର ସମାଧାନ କରିବା କ୍ଷେତ୍ରରେ ନୁହେଁ ବରଂ 'ରକ୍ତଦାନ'କୁ ଏକ ପ୍ରମୁଖ ଅଗ୍ରାଧିକାର ସ୍ଥାନ ଦେଇଛନ୍ତି । ସେ ଏଯାବତ୍ ୧୯ ଥର ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିସାରିଛନ୍ତି । କେବଳ ଏତିକି ନୁହେଁ କୋଭିଡ୍ ମହାମାରୀ ସମୟରେ ପାଖାପାଖି ୧୦୦ ରୁ ଉର୍ଦ୍ଧ୍ୱ ଲୋକଙ୍କୁ ରକ୍ତଯୋଗାଡ କରିବାରେ ସାହାର୍ଯ୍ୟ କରିଛନ୍ତି । ୨୦୨୦ ମସିହା ଅଗଷ୍ଟ ମାସ ୧୮ ତାରିଖରେ ତାଙ୍କର ଅତି ଆପଣାର ମା'ଙ୍କୁ ହରାଇଲା ପରେ ସେ ହଠାତ୍ ଭାଙ୍ଗି ପଡିଥିଲେ, ହେଲେ ପରେ ନିଜକୁ ଦୃଢ଼ କରି ସେ ସେହି ସମୟରେ ସମାଜସେବା କରିବାକୁ ମନବଳାଇ ଥିଲେ ଏବଂ ବଞ୍ଚିଥିଲା ପର୍ଯ୍ୟନ୍ତ ଅନ୍ୟର ସୁଖଦୁଃଖ ରେ ଛିଡାହେବା ସହ ବାପା,ମା'ଙ୍କ ସ୍ୱପ୍ନ ପୂରଣ କରିବେ ବୋଲି ସଂକଳ୍ପ ନେଇଥିଲେ । ଜୀବନରେ ନିଜର ଏକ ବଡ଼ ଲକ୍ଷ୍ୟ ରଖି ତାକୁ ହାସଲ କରିବାକୁ ଯୁବ ସମାଜକୁ ଆହ୍ୱାନ ଦେଇଛନ୍ତି । ସେ ତାଙ୍କର ନିଷ୍ଠା ଓ କର୍ତ୍ତବ୍ୟପରାୟଣତା ପାଇଁ ବହୁ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତରଫରୁ ବହୁ ସମ୍ମାନ ପାଇଛନ୍ତି ।କେବଳ ଏତିକି ନୁହେଁ କଟକ ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ-୨୨ ତରଫରୁ ବିଜୁ ଜନତା ଦଳର ଏକ ଦୃଢ଼ ସଂଗଠକ ରୂପେ କାର୍ଯ୍ୟ ମଧ୍ୟ ନିଭାଉଛନ୍ତି ।

# ସହରରେ ବିଭିନ୍ନ ସ୍ଥାନରେ ଟ୍ରାଫିକ ଜାମ୍ : ସବୁ ଯୋଜନା ଫେଲ

ପୁରୀ, ୦୮।୦୭(ନି.ପ୍ର.): ରଥଯାତ୍ରା ଯୋଗୁ ପୁରୀ ସହର ଭିତର ଓ ବାହାର ପ୍ରତିଦିନ ଟ୍ରାଫିକ ଜାମ୍ ଦେଖିବାକୁ ମିଳୁଛି । ତିନି ମାସ ପୂର୍ବରୁ ଟ୍ରାଫିକ ନିୟନ୍ତ୍ରଣ ପାଇଁ ବିଭିନ୍ନ ପ୍ରାକ ପ୍ରସ୍ତୁତି ଡ଼ିଜିଟାଲ ରୁଟଚାଟ ଓ ରୁଟ ଲେଆଉଟ ମ୍ୟାକପ କରାଯାଇଥିଲା । ଶହ ଶହ ପୋଲିସ ବିଭିନ୍ନ ସ୍ଥାନରେ ଡ଼ିୟୁଟି କରୁଥିଲେ ମଧ୍ୟ ଟ୍ରାଫିକ ଜାମ୍ ଯୋଗୁଁ ଶହ ଶହ ଗାଡ଼ି ଫସି ରହୁଛନ୍ତି । ଶ୍ରୀଗୁଣ୍ଡିଚା ଦିନ ଷ୍ଟେସନ ନିକଟ ଗରୁଡ଼ ଛକରେ ଶହ ଶହ ଗାଡ଼ି ଅଟକି ରହିଥିଲା । ସେହି ସ୍ଥାନଟି ଅଣ ଓସାରିଆ ଓ ବଙ୍କେଇ ରହିଥିବା ଯୋଗୁ ଯାନବାହନରେ ଯାଆସରେ ବାଧାସୃଷ୍ଟି ହୋଇଥିଲା । ରେଡ଼କ୍ରସ ରୋଡ଼ରୁ ଦୁଇ,ତିନି ଓ ଚାରି ଚକିଆ ଗାଡ଼ି ଯାଉଥିଲା ଓ ଆସୁଥିଲା । ସର୍ବୋଦୟ ନଗର ନନ୍ଦାଳୟ ଛକ ଠାରୁ ଷ୍ଟେସନ ଗରୁଡ଼ ଛକ ପର୍ଯ୍ୟନ୍ତ୍ ଅନେକ ଗାଡ଼ି ଯାଆସ କରୁଥିଲା । ସେହିପରି ଷ୍ଟେସନ ସମ୍ମୁଖ ରାସ୍ତା ଓ ଝାଡ଼େଶ୍ୱରୀ ଠାରୁ ଗରୁଡ଼ ଛକ ପର୍ଯ୍ୟନ୍ତ ଅନେକ ଗାଡ଼ି ଆସୁଥିବାରୁ ସେହିଠାରେ ପ୍ରାୟ ଦେଢଘଂଟା ଧରି ଟ୍ରାଫିକ ଜାମ୍‌ରେ ଫସିଯାଇଥିଲେ ଯାତ୍ରୀମାନେ । ସେହି ସ୍ଥାନରେ ବିଦ୍ୟୁତ୍ ଅଫିସ ରହିଥିବାରୁ ଯାଗାଟି ସଂକୀର୍ଣ୍ଣ ହୋଇଯାଇଛି । ଏହାସହ ଗରୁଡ଼ ମୂର୍ତିଟି ମଝିରେ ରହିଥିବାରୁ ଗାଡ଼ି ବୁଲାଇବା ପାଇଁ ଅସୁବିଧା ହେଉଛି । ସେହିପରି ମାଟିଆପଡ଼ା ଛକ, ବଡ଼ଶଙ୍ଖ ଛକ, ଅଠରନଳା ଛକ,ରେଳଫାଟକ ଛକ, ହରିହର ଛକ, ଦିଗବାରେଣି ଛକ, ମାର୍କେଟ ଛକ,ଜଟିଆ ବାବାଜି ଛକରେ ଟ୍ରାଫିକ ଜାମ ଦେଖିବାକୁ ମିଳିଥିଲା । ମୁଖ୍ୟ ରାସ୍ତାରେ ପୋଲିସ ଜଗିଥିବାରୁ ଅଟୋରିକ୍ସା ଗୁଡ଼ିକ ବିଭିନ୍ନ ସାହି ଗଳିକନ୍ଦିରେ ବୁଲି ବୁଲି ଯାଆସ କରୁଥିବାରୁ ସେହି ସାହିଗୁଡ଼ିକ ମଧ୍ୟ ଯାଆସରେ ଅସୁବିଧା ସୃଷ୍ଟି ହେଉଛି । ସବୁ ଗଳିରେ ଗାଡ଼ି ଭିଡ଼ ଲାଗିଥିବାରୁ ବାସିନ୍ଦାମାନେ ହନ୍ତସନ୍ତ ହେଉଛନ୍ତି । ସେହିପରି ପାର୍କିଂ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ଥିଲେ ମଧ୍ୟ ଚାରିଚକିଆ ଗାଡ଼ି ଗୁଡ଼ିକ ମେଡ଼ିକାଲ ଛକ ଠାରୁ ମାର୍କେଟ ଛକ ପର୍ଯ୍ୟନ୍ତ ରାସ୍ତା ଉପରେ ରଖିବାରୁ ସାହି ବାସିନ୍ଦାମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ସମସ୍ୟା ପ୍ରତି ଟ୍ରାଫିକ ପୋଲିସ ଦୃଷ୍ଟିଦେବା ପାଇଁ ସହରବାସୀ ଦାବି କରୁଛନ୍ତି ।

# ଭାବରେ ଭିଜିଲେ ଭଗବାନ : ବର୍ଷାରେ ଭିଜିଲେ ଭକ୍ତ

ପୁରୀ, ୦୮।୦୭(ନି.ପ୍ର.): ଦୁଇବର୍ଷ କରୋନା କଟକଣା ପରେ ଚଳିତବର୍ଷ ରଥଯାତ୍ରାରେ ଭକ୍ତଙ୍କ ଭକ୍ତିର ଆବେଗ ଦେଖିବାକୁ ମିଳିଛି । ଭକ୍ତ ଓ ଭଗବାନଙ୍କ ମହାମିଳନ ହୋଇଛି ବଡ଼ଦାଣ୍ଡରେ । ଚଳିତବର୍ଷ ଦୁଇଗୁଣା ଭକ୍ତ ଶ୍ରୀକ୍ଷେତ୍ରକୁ ଆସିଛନ୍ତି । ଗୁଣ୍ଡିଚା ପରଦିନ ପ୍ରଭୁ ଆଡ଼ପ ପହଣ୍ଡିରେ ଯିବା ସମୟରେ ପ୍ରଭୁ ଇନ୍ଦ୍ରଦେବ ବର୍ଷାରୂପକ ପୁଷ୍ପ ବୃଷ୍ଟି କରିଥିଲେ । ପ୍ରଭୁଙ୍କ ଆଡ଼ପ ପହଣ୍ଡିକୁ ଦେବତାମାନେ ଚାହିଁ ରହିଥିଲେ । ଆଜି ପବିତ୍ର ହେରାପଂଚମୀରେ ହଜାର ହଜାର ଭକ୍ତ ଆଡ଼ପ ଦର୍ଶନ କରୁଥିବା ଦେଖିବାକୁ ମିଳିଛି । ଭକ୍ତର ଭାବରେ ଭଗବାନ ଭିଜିଥିବା ବେଳେ ବଡ଼ଦାଣ୍ଡରେ ଭଗବାନଙ୍କ ଦର୍ଶନ ଭକ୍ତ ବର୍ଷାରେ ଭିଜି ଆଡ଼ପ ଦର୍ଶନ କରୁଛନ୍ତି । ଚଳିତବର୍ଷ ରଥଯାତ୍ରାରେ ଭକ୍ତମାନଙ୍କ ମଧ୍ୟରେ ନବ ଉନ୍ମାଦନା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ହଜାର ହଜାର ଭକ୍ତ ଶ୍ରୀକ୍ଷେତ୍ରକୁ ମାଡ଼ିଆସୁଛନ୍ତି କାଳିଆର ଦର୍ଶନ ନିମନ୍ତେ । ଆକୁଳଭରା ନୟନରେ ପ୍ରଭୁଙ୍କୁ ଦର୍ଶନ କରି କୃତ୍ୟ କୃତ୍ୟ ହେଉଛନ୍ତି । ଶ୍ରୀଗୁଣ୍ଡିଚା, ହେରାପଂଚମୀ, ସଂଧ୍ୟାଦର୍ଶନ, ବାହୁଡ଼ାଯାତ୍ରା, ସୁନାବେଶ, ଅଧରପଣା ଓ ନିଳାଦ୍ରି ବିଜେ ପ୍ରାୟ ୨୫ ଲକ୍ଷ ଭକ୍ତ ଆସୁଛନ୍ତି । ଭକ୍ତ ଓ ଭଗବାନଙ୍କ ମହାମିଳନରେ କେହି ବାଧକ ହୋଇନଥିବା ବେଳେ ବର୍ଷାକୁ ଭକ୍ତଙ୍କ ଖାତିରି ନାହିଁ । ଯେଉଁ ଶରଧାବାଲିରେ ନନ୍ଦସୁତ କଳାକହ୍ନେଇ ଖେଳିଥିଲେ ସେହି ବାଲିକୁ ମୁଣ୍ଡଆ ମାରି ଭକ୍ତ କାଳିଆକୁ ଡ଼ାକି ଡ଼ାକି ବାଲିରେ ଶୋଇପଡୁଥିବା ଦେଖିବାକୁ ମିଳିଛି । ରଥଯାତ୍ରାରେ ବିଶ୍ୱସ୍ତରୀୟ ଅନୁଭବ ଭକ୍ତଙ୍କ ମନରେ ସୃଷ୍ଟି ହୋଇଛି । ରଥଯାତ୍ରାରେ ପ୍ରଭୁଙ୍କୁ ଦର୍ଶନ କରି ଭକ୍ତ କିପରି ଖୁସି ମନରେ ଫେରିବେ ସେଥିପାଇଁ ଓଡ଼ିଶାର ଜନପ୍ରିୟ ଜନନାୟକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ବିଦେଶ ଗସ୍ତରେ ମୁଖ୍ୟମନ୍ତ୍ରୀ ଯାଇଥିଲେ ମଧ୍ୟ ପ୍ରଭୁଙ୍କ ଯାତ୍ରା ଯୋଗୁ ଫେରି ଆସିଥିଲେ ବଡ଼ଦାଣ୍ଡକୁ । ଚଳିତବର୍ଷ ରଥଯାତ୍ରା ଭକ୍ତ ଓ ସହରବାସୀଙ୍କୁ ନୂଆ ଉନ୍ମାଦନା ଆଣି ଦେଇଛନ୍ତି ।

# ବଣୁଆ ହାତୀର ଉପଦ୍ରବ ରେ ପଶ୍ଚିମ ବଡଚଣା ରେ ଆତଙ୍କ।।

ଯାଜପୁର, ୦୮।୦୭(ନି.ପ୍ର.):ଗତକାଲି ମଧ୍ୟ ରାତିରେ ଦୁଇଟି ହାତୀ ଅମୀୟଝରୀ ଦେହୁରୀ ସାହିରେ ପଶି ଭରତ ଦେହୁରୀ ଙ୍କ ଚାଳ ଘର ଭାଙ୍ଗିବା ସହିତ ଘରେ ଥିବା ଧାନ ଚାଉଳ ନଷ୍ଟ କରିଦେଇ ଥିଲେ ।ରାତିରେ ନିଜ ଚାଳ ଘରେ ସମସ୍ତେ ନିଘୋଡ଼ ନିଦରେ ଶୋଇ ଥିବା ବେଳେ, ହାତୀ ଆକ୍ରମଣରେ କ୍ଷତିଗ୍ରସ୍ତ ମାଟି କାନ୍ଥ ପଡି ସୋଲି ଦେହୁରୀ (୬୦ )ମୁଣ୍ଡ ଫାଟିବା ସହିତ ଭରତଙ୍କ ପୁଅ କାର୍ତ୍ତିକ ଦେହୁରୀ (୧୨) ପୁଅ ହାତ ଭାଙ୍ଗିଯାଇଛି ।ଯେଉଁ ଘଟଣାରେ ସଂପୂର୍ଣ୍ଣ ପରିବାର ଭୟଭୀତ ହୋଇପଡିଥିବା ଭରତଙ୍କ ଭଉଣୀ ପ୍ରକାଶ କରିଛନ୍ତି ।ଯଦିଓ ଖବର ପାଇବା ପରେ ଆଜି ସକାଳୁ ବୈରୀ ବନ ବିଭାଗ ପକ୍ଷରୁ ଆହତ ଦ୍ୱୟଙ୍କୁ ବଡଚଣା ଡାକ୍ତରଖାନାରେ ଦାଖଲ କରିଥିଲେ ।କିନ୍ତୁ ଗୁରୁତର କାର୍ତ୍ତିକକୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି ।ଅପରପକ୍ଷରେ ବଣୁଆ ହାତୀ ଆକ୍ରମଣ ଘଟଣାରେ ଗ୍ରାମରେ ବେଶ୍ ଉତ୍ତେଜନା ଦେଖାଦେଇଛି ।ଆଖପାଖ ଅଞ୍ଚଳରେ ଛତୁ ଫୁଟିଲା ଭଳି ଛୋଟବଡ ଶିଳ୍ପ ଗୁଡିକ ହାତୀ ମାନଙ୍କ ଚଲାପଥ ଅବରୋଧ କରିବା ସହିତ,ଜଙ୍ଗଲ କ୍ଷୟକ୍ଷତି ଯୋଗୁଁ ଖାଦ୍ୟଭାବ ଫଳରେ ହାତୀ ମାନେ ଜନବସତି ମୁହାଁ ହେଉଛନ୍ତି ବୋଲି ସ୍ଥାନୀୟ ଜଙ୍ଗଲ ଯନ୍ତୁ ସୁରକ୍ଷା ସମିତି ସଭ୍ୟ ଅଭିଯୋଗ କରିଛନ୍ତି ।ରବିବାର ଯୋଗୁଁ ଫରେଷ୍ଟର, ରେଞ୍ଜର ହେଡ୍ କ୍ୱାଟର ବାହାରେ ଛୁଟି କଟୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି ।ସ୍ଥାନୀୟ ଲୋକଙ୍କୁ ବଣୁଆ ହାତୀ କବଳରୁ ରକ୍ଷା କରିବାକୁ ଏକ ଏଲିଫ୍ୟାଣ୍ଟ ସ୍କ୍ୱାଡ୍ ଗଠନ କରାଯାଇଥିଲା ।କିନ୍ତୁ ହଠାତ କୌଣସି କାରଣ ନଥାଇ ବୈରୀ ରେଞ୍ଜର କାହିଁକି ସେମାନଙ୍କୁ କାର୍ଯ୍ୟ ରୁ ନିରନ୍ତର କଲେ ଓଲଟି ପ୍ରଶ୍ନ କରିଛନ୍ତି ସ୍ଥାନୀୟ ପରିବେଶପ୍ରେମୀ। ଅପାରଗତା କୁ ଘୋଡାଇବାକୁ ଯାଇ ଉଭୟ ଶିଳ୍ପ ଓ ସ୍ଥାନୀୟ ଜଙ୍ଗଲ ବିଭାଗ ଅପଚେଷ୍ଟା କରୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି ।ଏନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ବାଧ୍ୟ ହୋଇ ଗ୍ରାମବାସୀ ବୈରୀ ରେଞ୍ଜ ଅଫିସ ଘେରାଉ କରିବାକୁ ଚେତାବନୀ ଦେଇଛନ୍ତି ।

# ଗୋପବନ୍ଧୁଙ୍କ ଶ୍ରାଦ୍ଧଦିବସ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ



କେନ୍ଦ୍ରାପଡ଼ା,୦୮।୦୭(ନି.ପ୍ର.): ପଣ୍ଡିତ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ୯୪ତମ ଶ୍ରାଦ୍ଧଦିବସ ଅବସରରେ ସ୍ଥାନୀୟ ପୌରସଂସ୍ଥା ଟାଉନହଲ ପରିସରରେ ଓଡିଶା ମୋ ପରିବାର ଓ 'ସମାଜ'ର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ଓ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିବା ସହିତ ଗୋପବନ୍ଧୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ଶିବିରରେ ୩୦ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଜିଲ୍ଲା ପରିଷଦ ସଭାପତି ଗିତାଞ୍ଜଳୀ ସେଠୀ, ନଗରପାଳ ସରିତା ସାହୁ, ସମାଜସେବୀ ମୂରଲୀଧର ସେଠୀ, ଅଧ୍ୟାପକ ଅଜୟ ରାଉତ, ବିଶିଷ୍ଟ ସମବାୟବୀତ ପ୍ରମୋଦ ସାହୁ, ପୂର୍ବତନ ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା, ଦୁର୍ଗାଶିଷ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ରଶ୍ମୀରଞ୍ଜନ ରାଉତ, ଭୀଷ୍ମ ମହାନ୍ତି, ମଧୁଛନ୍ଦା ମହାନ୍ତି, ଲିଳିତା ଦାସ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । କାଉନସିଲର କାଳିପ୍ରସାଦ ମିଶ୍ର, ପୂର୍ବତନ କାଉନସିଲର ହିରଣ୍ୟ ପଣ୍ଡା, ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତି, ମହେନ୍ଦ୍ର ମିଶ୍ର, ସୌମେନ୍ଦ୍ର ପୃଷ୍ଟି, ମୀର ମୁର୍ଶିଦ୍, ସାମ୍ବାଦିକ ସୋମନାଥ ସାହୁ, ପରିକ୍ଷିତ ପାତ୍ର, ଚିତ୍ତରଞ୍ଜନ ଦାସ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ଭାଗବତ ପ୍ରସାଦ ମହାନ୍ତିଙ୍କ ଜନ୍ମ ବାର୍ଷିକୀ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା,୦୮।୦୭(ନି.ପ୍ର.):: ଭାଗବତ ପ୍ରସାଦ ମହାନ୍ତି ଟ୍ରଷ୍ଟ ପକ୍ଷରୁ ସ୍ୱର୍ଗତ ମହାନ୍ତିଙ୍କ ୯୫ତମ ଜନ୍ମ ବାର୍ଷିକୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ କେନ୍ଦ୍ରାପଡା ସହରର କାକଟସ୍ଥିତ ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଟ୍ରଷ୍ଟର ଅଧ୍ୟକ୍ଷ ଗୁରୁ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୭ତାରିଖରେ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପରିସରରେ ଜନ୍ମବାର୍ଷିକୀ ପାଳନ ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି । ଏହି ପ୍ରସ୍ତୁତି ବୈଠକରେ ଗାୟତ୍ରୀ ମହାନ୍ତି, ସୁଶିଲ କୁମାର ସାମଲ, ଫକୀର ଚରଣ ଖଟୁଆ, ମହେନ୍ଦ୍ର ପରିଡା, ବିଧୁଭୂଷଣ ମହାପାତ୍ର, ଶ୍ରୀକାନ୍ତ ନାୟକ, ମୁକ୍ତାର ଖାଁ, ତପନ ପ୍ରଧାନ, ଶ୍ରୀଧର ନାଥ, କୃଷ୍ଣ ପ୍ରସାଦ ଦାସ ପ୍ରମୁଖ

# ପବିତ୍ର ରଥଯାତ୍ରା ଉପଲକ୍ଷେ ଶ୍ରୀ ଜଗନ୍ନାଥ ଭକ୍ତି ସଂଗୀତ ସମାରୋହ : 'ଗୁହାରି' ଉଦ୍‌ଘାଟିତ



ଭୁବନେଶ୍ୱର ୦୮।୦୭(ନି.ପ୍ର.): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ଆୟୋଜିତ ଶ୍ରୀ ଜଗନ୍ନାଥ ଭକ୍ତି ସଙ୍ଗୀତ ସମାରୋହ 'ଗୁହାରି'ର ଉଦ୍‌ଘାଟନୀ ଉତ୍ସବ ଭୁବନେଶ୍ୱରର ଭଞ୍ଜ କଳାମଣ୍ଡପରେ ଏକ ବର୍ଣ୍ଣାଢ୍ୟ ଓ ମନୋଜ୍ଞ ପରିବେଶ ଭିତରେ କୋଭିଡ଼୍ ନୟମକୁ ଅନୁସରଣ କରି ଆରମ୍ଭ ହୋଇଯାଇଅଛି । ଏହି ତିନି ଦିନିଆ ସଙ୍ଗୀତ କାର୍ଯ୍ୟକ୍ରମରେ ରାଜ୍ୟର ବିଶିଷ୍ଟ କଣ୍ଠଶିଳ୍ପୀମାନେ ଯୋଗଦାନ କରୁଅଛନ୍ତି । ପବିତ୍ର ରଥଯାତ୍ରା ସମୟରେ ଏହି ଉତ୍ସବ ଆୟୋଜନ କରିବାର ମୂଳ ଉଦ୍ଦେଶ୍ୟ ଶ୍ରୀଜଗନ୍ନାଥଙ୍କ ଭକ୍ତି ସଙ୍ଗୀତକୁ ଲୋକ ଲୋଚନକୁ ଆଣି ତାର ପ୍ରଚାର ଓ ପ୍ରସାର କରିବା । ଉଦ୍‌ଘାଟନୀ ଉତ୍ସବର ଅତିଥିମାନେ ଥିଲେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ପର୍ଯ୍ୟଟନ ଓ ଅବକାରୀ ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର; ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଶ୍ରୀଯୁକ୍ତ ରଞ୍ଜନ କୁମାର ଦାସ; ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସଚିବ ଶ୍ରୀଯୁକ୍ତ ପ୍ରବୋଧ ରଥ ଓ ଓଡ଼ିଶୀ ଗବେଷଣା କେନ୍ଦ୍ରର କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ । ଆର୍ଯ୍ୟ ଅନାର୍ଯ୍ୟ ସଂସ୍କୃତି ଓ ସଭ୍ୟତାର ଦ୍ୱୈତ ମିଳନ ବିନ୍ଦୁରେ ଶ୍ରୀ ଜଗନ୍ନାଥ । ବ୍ରାହ୍ମଣ୍ୟ ଧର୍ମ ଓ ଶାବର ସଂସ୍କୃତି ଏଠି ଏକାକାର । ପରମ ପାବନ ଧାମ ଶ୍ରୀକ୍ଷେତ୍ର, ଯାହା ଶଙ୍ଖକ୍ଷେତ୍ର, ନୀଳାଚଳ, ନୀଳାଦ୍ରି ଓ ପୁରୁଷୋତମ କ୍ଷେତ୍ର ଭାବରେ ବିଶ୍ୱ ବିଦିତ । କୋଟି କୋଟି ବିଶ୍ୱର ଆରାଧ୍ୟ ଓ ଆରାଧନାର ସିଦ୍ଧି ଓ ସାଧନାର ଅମୋଘ ମନ୍ତ୍ର ମହୌଷଧି, ଅଣିମାଦି ଅଷ୍ଟଦାୟୀ, କର୍ମ, ଜ୍ଞାନ, ତନ୍ତ୍ର, ପ୍ରେମର ସିଦ୍ଧିକ୍ଷେତ୍ର କୈବଲ୍ୟ ପ୍ରାପ୍ତିର ମହାମହିମ ରହସ୍ୟମୟ ତପୋଭୂମି ନୀଳାଚଳ । ଆକୁମାରୀ ହିମାଚଳ ବ୍ୟାପି ଯାହାର ପ୍ରଶସ୍ତି ସମୀରଣରେ ଉଦ୍‌ଘୋଷିତ । ସେହି ଜଗନ୍ନାଥଙ୍କ ଉପରେ ଏହି ପବିତ୍ର ରଥଯାତ୍ର ସମୟରେ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ 'ଗୁହାରି' ଅତ୍ୟନ୍ତ ଉଚ୍ଚାଭିଳାଷ ପଦକ୍ଷେପ ।

# ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କଟକ,୦୮।୦୭(ନି.ପ୍ର.):କଟକ ଦୋଳମୁଣ୍ଡାଇସ୍ଥିତ ବାବା ସାଗର ଦାସ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ପୁଷ୍ପରାଣୀ ବିଶ୍ୱାଳଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ସଭା ପ୍ରଧାନ ଶିକ୍ଷକ ନିଗମ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆଜି ଶ୍ରେଣୀ ଗୃହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପୁର୍ବତନ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜନା ମହାପାତ୍ର, ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ଶାନ୍ତିଲତା ସ୍ୱାଇଁ ଯୋଗଦେବା ସହ ବିଦ୍ୟାଳୟର ଶିକ୍ଷୟିତ୍ରୀ ସସ୍ମିତା ବିଶ୍ୱାଳ, ସଂଗୀତା ମୂଳିଆ, ସଂଧ୍ୟାରାଣୀ ଦାସ, ଦୀପ୍ତିମୟୀ ସ୍ୱାଇଁ, ଶ୍ରଦ୍ଧାଞ୍ଜଳି ରାଉତ,କ୍ରୀଡାଶିକ୍ଷକ ଲିଙ୍ଗରାଜ ପୃଷ୍ଟି ,ବିଦ୍ୟାଳୟର ସମସ୍ତ ପାଚିକା ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ଯୁବ ଉଦ୍ୟୋଗୀ ହିମାଂଶୁ ପାଣିଗ୍ରାହୀଙ୍କ କରକମଳରେ ଉଦ୍‌ଘାଟିତ ହେଲା ନୂତନ ମିକ୍ସର ଗ୍ରାଇଣ୍ଡର କମ୍ପାନୀ

କଟକ, ୦୮।୦୭(ନି.ପ୍ର.): କଟକ ସଦର ଅନ୍ତର୍ଗତ ନାଗବାଲି ଠାରେ ପବିତ୍ର ରଥଯାତ୍ରା ଅବସରରେ ଗ୍ଲୋବାଲ ଏଣ୍ଡ କୋର ପ୍ରତିଷ୍ଠାତା ତଥା ଯୁବ ଉଦ୍ୟୋଗୀ ହିମାଂଶୁ ପାଣିଗ୍ରାହୀଙ୍କ କରକମଳରେ ଓଡ଼ିଶାରେ ପ୍ରଥମ ତଥା ନୂତନ ମିକ୍ସର ଗ୍ରାଇଣ୍ଡର କମ୍ପାନୀ ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନୀ ଉତ୍ସବରେ ଯୁବ ଉଦ୍ୟୋଗପତି ହିମାଂଶୁ ପାଣିଗ୍ରାହୀ ଓଡ଼ିଶାର ବେକାର ଯୁବକ ଯୁବତୀମାନଙ୍କ ସମସ୍ୟାକୁ ଗୁରୁତର ସହିତ ବିଚାର ବିମର୍ଶ କରି ଅଞ୍ଚଳର ବେକାର ଯୁବକ



ଯୁବତୀମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଏହି କମ୍ପାନୀ ପ୍ରତିଷ୍ଠା କରିଛନ୍ତି । ୬ ହଜାର ବର୍ଗଫୁଟ ପରିମିତ ଜାଗାରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଥିବା ବିତରକ ମାନଙ୍କର ଚାହିଦାକୁ ନେଇ ଭିନ୍ନ ଭିନ୍ନ ମଡେଲର ଗ୍ରାଇଣ୍ଡର ଏଠାରେ ପ୍ରସ୍ତୁତ କରାଯାଇଥାଏ । ଆଗାମୀ ଦିନରେ ଘରର ସମସ୍ତ ଏଲିକ୍ଟ୍ରୋନିକ୍ସ ଉପକରଣ ପ୍ରସ୍ତୁତ କରିବା ପାଇଁ ଯୋଜନା ରହିଛି ବୋଲି ଯୁବ ଉଦ୍ୟୋଗୀ ହିମାଂଶୁ ପାଣିଗ୍ରାହୀ କହିଛନ୍ତି ।

# କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ନାମରେ ଫେକ୍ ଫେସ୍‌ବୁକ୍ ଆଇଡି

କେନ୍ଦ୍ରାପଡ଼ା, ୦୮।୦୭(ନି.ପ୍ର.): କେନ୍ଦ୍ରାପଡା ଜିଲ୍ଲାପାଳ ଅମୃତ ଋତୁରାଜଙ୍କ ନାମରେ କେହି ଏକ ଫେକ ଫେସବୁକ ଆଇଡି ଖୋଲି ବିଭିନ୍ନ ଲୋକଙ୍କ ଠାରୁ ଅର୍ଥ ମାଗୁଥିବା ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ଋତୁରାଜ ଟୁଇଟ କରି ଜଣାଇଛନ୍ତି । ତେଣୁ ସେଭଳି ବ୍ୟକ୍ତିଙ୍କ ସହ କୌଣସି ଅର୍ଥ କାରବାର ନକରିବାକୁ ଜିଲ୍ଲାପାଳ ଜନସାଧାରଣଙ୍କୁ ସତର୍କ କରାଇଦେଇଛନ୍ତି । ଏଭଳି କୌଣସି ମେସେଜ କୌାଣସି ବ୍ୟକ୍ତିଙ୍କ ମୋବାଇଲକୁ ଗଲେ ତାହାକୁ ଗୁରୁତ୍ୱ ନଦେବାକୁ ଜିଲ୍ଲାପାଳ ନିବେଦନ କରିଛନ୍ତି ।

# କେନ୍ଦ୍ରାପଡା ସାନ୍ଧ୍ୟ ମହାବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, (ନି.ପ୍ର.) : କେନ୍ଦ୍ରାପଡା ସାନ୍ଧ୍ୟ ମହାବିଦ୍ୟାଳୟରେ ଓଡିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ଅବସର ଗ୍ରହଣ କରିଥିବା ପ୍ରାଧ୍ୟାପକ ଅଜୟ କୁମାର ଦାସ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ଆଜି ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି ସମ୍ବର୍ଦ୍ଧନା ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ମଧୁସୂଦନ କାମିଲା ସଭାପତିତ୍ୱ କରିଥିଲେ ।



ଅନ୍ୟମାନଙ୍କ ମଧ୍ୟରେ +୨ ସାନ୍ଧ୍ୟ ହାୟର ସେକେଣ୍ଡାରୀ ସ୍କୁଲର ଅଧ୍ୟକ୍ଷ ଗଙ୍ଗାଧର ସାହୁ, ଅଧ୍ୟାପକ ଶିଶିରକାନ୍ତ ମହାପାତ୍ର, ଡଃ. ମନୋରଞ୍ଜନ ରାଉତ, ଅଧ୍ୟାପିକା ରୁକ୍ମଣୀ ସାହୁ ଓ କଲେଜର ପୂର୍ବତନ କର୍ମଚାରୀ ତଥା ବ୍ୟଙ୍ଗକବି ଶ୍ରୀଧର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଅଧ୍ୟାପକ ଗିରଜାକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦ୍ରାପଡା କଲେଜରେ ଗୋପବନ୍ଧୁଙ୍କ ଶ୍ରାଦ୍ଧଦିବସ ପାଳିତ

କେନ୍ଦ୍ରାପଡ଼ା, ୦୮।୦୭(ନି.ପ୍ର.):କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ପଣ୍ଡିତ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ୯୪ତମ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ କେନ୍ଦ୍ରାପଡା ମହାବିଦ୍ୟାଳୟ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ କଲେଜ ଅଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା, ଅଧ୍ୟାପକ ରଞ୍ଜିତ କୁମାର ଦାସ, ଅଧ୍ୟାପକ ଜ୍ଞାନେନ୍ଦ୍ର ଦାଶଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ଅବସରରେ କଲେଜ ଅଧ୍ୟକ୍ଷ ପ୍ରଫେସର ବେହେରା ଗୋପବନ୍ଧୁଙ୍କ ତ୍ୟାଗପୂତ ଜୀବନୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ।



# ହୃଦ୍‌ଘାତରେ ଗଜିବାବାଙ୍କ ପରଲୋକ

ନିଶ୍ଚିନ୍ତକୋଇଲି୦୮।୦୭(ନି.ପ୍ର.): ସରପଡା ପଞ୍ଚାୟତ ବଡଥାକନ ଗ୍ରାମର ଗଜେନ୍ଦ୍ର ମଲ୍ଲିକ (ଗଜିବାବା) ୫୫ ବର୍ଷଙ୍କ ଗୁରୁବାର ବିଳମ୍ବିତ ରାତ୍ରିରେ ଘରେ ଶୋଇଥିବା ବେଳେ ହୃଦ୍‌ଘାତ ଜନିତ ଅକାଳ ବିୟୋଗ ଘଟିଛି । ସେ ବିଭିନ୍ନ ଧର୍ମାନୁଷ୍ଠାନରେ ଯୋଗଦେଇ ଭଜନ ସଂକୀର୍ତ୍ତନ କରିବା ସହିତ ଲୋକମାନଙ୍କୁ ଆଧ୍ୟାତ୍ମିକ ଚେତନାରେ ଉଦ୍‌ବୁଦ୍ଧ କରି ଏ ଅଂଚଳରେ ବେଶ୍ ପରିଚିତ ହୋଇଥିଲେ । ତାଙ୍କ ପରଲୋକର ଖବର ଶୁଣି ଏ ଅଂଚଳରେ ଶୋକର ଛାୟା ଖେଳିଯାଇଥିଲା ବେଳେ ସରପଞ୍ଚ ବିବେକାନନ୍ଦ ବେହେରା, ସମିତିସଭ୍ୟ ପ୍ରତିନିଧି ପ୍ରମୋଦ ସ୍ୱାଇଁ, ବିଜେଡି ଉପସଭାପତି ତପନ ଦାଶ, ସାମ୍ବାଦିକ କ୍ଷୀରୋଦ ଲେଙ୍କା, ରମେଶ ମହାନ୍ତିଙ୍କ ସମେତ ବହୁ ମାନ୍ୟଗଣ୍ୟବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଗଭୀର ଶୋକବ୍ୟକ୍ତ କରିଥିଲେ ।

# ମାଟ୍ରିକ ପରୀକ୍ଷା: ରୁପ୍ରାରୋଡ ହାଇସ୍କୁଲରୁ ଜଣେ ଏ-୧ ଛାତ୍ରୀ

ନର୍ଲା ୦୮।୦୭(ନି.ପ୍ର.):ନର୍ଲା ବ୍ଲକ ଅନ୍ତର୍ଗତ ରୁପ୍ରାରୋଡ ସରକାରୀ ହାଇସ୍କୁଲରେ ଚଳିତ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏହି ବିଦ୍ୟାଳୟର ଅନନ୍ୟା ପ୍ରିୟଦର୍ଶିନୀ ପଟେଲ ୫୪୧ ମାର୍କ ସହ ୯୦.୧୭% ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ଗୋଲାମୁଣ୍ଡା ବ୍ଲକ ଚହକା ଗାଁର ରଜନୀ କାନ୍ତ ପଟେଲ, ମାତା ଦେବକୀ ପଟେଲଙ୍କ ଝିଅ ଅନନ୍ୟା ରୁପ୍ରାରୋଡ ମାଳିପଡାରେ ମାମୁଁ ମୁକେଶ ପଟେଲଙ୍କ ଘରେ ରହି ପାଠ ପଢୁଥିଲେ । ପୂର୍ବରୁ ସରସ୍ୱତୀ ଶିଶୁ ମନ୍ଦିର ରୁପ୍ରାରୋଡ ଠାରେ ଭଲ ନମ୍ବର ରଖି ସପ୍ତମ ଯାଏଁ ପାଠ ପଢ଼ିଥିଲେ । ବିଦ୍ୟାଳୟର ୧୨୯ ଜଣ ମାଟ୍ରିକ ପରୀକ୍ଷା ଦେଇଥିବା ବେଳେ ଏ-୧ ରୁ ଜଣେ, ଏ-୨ ରୁ ପାଞ୍ଚ ଜଣ, ବି-୧ରୁ ୨୬, ବି-୨ରୁ ୫୫, ସି ରୁ ୩୦, ଡି ରୁ ୧୧ ଓ ଇ ରୁ ଜଣେ ପାସ୍ କରିଥିବା ଜଣାପଡିଛି ।

# ଡ. ହରେକୃଷ୍ଣ ମହତାବଙ୍କ ସ୍ୱପ୍ନର ଶାନ୍ତି ନିକେତନ ଭଦ୍ରକ ମହାବିଦ୍ୟାଳୟ, ଗଣଦୌଡ଼ରୁ ପ୍ଲାଟିନମ୍ ଜୁବୁଲିର ଶୁଭାରମ୍ଭ, ଏକ ବର୍ଷ ଧରି ରହିବ ଉତ୍ସବର ମାହୋଲ



ଭଦ୍ରକ, ୮ଜୁଲାଇ (ହି.ସ.) - ବର୍ତ୍ତମାନର ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ରାଜ୍ୟର ଦ୍ୱିତୀୟ ସର୍ବ ପୁରାତନ ମହାବିଦ୍ୟାଳୟ ଭାବେ ତାର ସ୍ୱର୍ଣ୍ଣିମ ସ୍ୱାକ୍ଷର ବହନ କରିଚାଲିଛି। ଚଳିତ ମାସ ୬ ତାରିଖ ଅର୍ଥାତ୍ ଗତକାଲି ଏହି ଐତିହ୍ୟସମ୍ପନ୍ନ ମହାବିଦ୍ୟାଳୟ ତାର ପ୍ରତିଷ୍ଠା ଦିବସ ପାଳନ କରିଛି। ଭଦ୍ରକର ବିଶିଷ୍ଟ ସମାଜସେବୀ ତଥା ଶିକ୍ଷାବିତ୍ ଛକଡ଼ି ମହାନ୍ତି, ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବ ଓ ନରେନ୍ଦ୍ର ପ୍ରସଦ ଦାସଙ୍କ ପ୍ରଚେଷ୍ଟାରେ ୧୯୪୮ ମସିହାରେ ଏହି ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ଡ. ମହତାବଙ୍କ ଉଦ୍ଦେଶ୍ୟ ଥିଲା ଏହି ଅଞ୍ଚଳରେ ଉଚ୍ଚ ଶିକ୍ଷାର ବିକାଶ। ପରବର୍ତ୍ତୀ ସମୟରେ ଏହା ବାସ୍ତବ ରୂପ ନେଇଥିଲା। ପ୍ରକୃତ ପକ୍ଷେ ଡ. ମହତବାଙ୍କ ସ୍ୱପ୍ନ ଥିଲା ଏହାକୁ ଏକ ବିଶ୍ୱବିଦ୍ୟାଳୟରେ ପରିଣତ କରିବା। ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିବେଷ୍ଟିତ ଏହି ମହାବିଦ୍ୟାଳୟକୁ ଅନେକ ଶାନ୍ତିନିକେତନ ବୋଲି ମଧ୍ୟ କହିଥାନ୍ତି। ଏହି ମହାବିଦ୍ୟାଳୟକୁ ଇତିମଧ୍ୟରେ ୭୫ ବର୍ଷ ପୂରଣ ହୋଇ ସାରିଛି। ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଏଠାରୁ ଉର୍ତ୍ତୀର୍ଣ୍ଣ ହୋଇ ଦେଶ ବିଦେଶର ବିଭିନ୍ନ ଉଚ୍ଚ ପଦ ପଦବୀରେ ଅଧିଷ୍ଠିତ। କିନ୍ତୁ ୭୫ ବର୍ଷ ବିତିଯାଇଥିଲେ ମଧ୍ୟ ଉକ୍ତ ମହାବିଦ୍ୟାଳୟ କ୍ରମେ ଶ୍ରୀହୀନ ହେବାକୁ ବସିଛି। ଦୀର୍ଘ ୭୫ ବର୍ଷର ଏକ ଗୌରବମୟ ଉଚ୍ଚ ଶିକ୍ଷାନୁଷ୍ଠାନ ଆଜି ଦୁର୍ଗପତନର ଦ୍ୱାରଦେଶରେ ପହଞ୍ଚିଛି। ସମଗ୍ର ଉତ୍କଳ ଭୂଖଣ୍ଡର ପୂର୍ବ ଉପକୂଳର ଏହି ବିଖ୍ୟାତ ଭଦ୍ରକ ମହାବିଦ୍ୟାଳୟ କ୍ରମାଗତ ସରକାରୀ ଅବହେଳାରୁ ଆଜି ଶ୍ରୀହୀନ ହୋଇପଡିଛି। ଭିତିଭୂମି ଅଛି। କୋଠାପରେ କୋଠା ତିଆରି ଚାଲିଛି। ସ୍ୱୟଂ ଶାସିତ ମହାବିଦ୍ୟାଳୟର ମାନ୍ୟତା ପାଇବା ପରେ ବିଶ୍ୱ ବିଦ୍ୟାଳୟ ଆୟୋଗରୁ ବାର୍ଷିକ କୋଟି କୋଟି ଟଙ୍କା ଆସୁଛି। ପୁରୁଣା କୋଠାରେ ନୂଆ ରଙ୍ଗ ଲାଗିଛି। ବଦଳି ଯାଇଛି କ୍ୟାମ୍ପସର ମାନଚିତ୍ର। ଗଢିଉଠିଛି ଗୋଟିଏ ପରେ ଗୋଟିଏ ଛାତ୍ରୀ ନିବାସ। ସତେ ଯେମିତି ମହାବିଦ୍ୟାଳୟର ନବକଳେବର ଚାଲିଛି। ମାତ୍ର ଦୁଃଖର କଥା ନବକଳେବର ପୂର୍ବରୁ ଉଭାନ ହୋଇଯାଇଛି ମହାବିଦ୍ୟାଳୟର ଅସଲ ବ୍ରହ୍ମ। ସେ ବ୍ରହ୍ମ ହେଉଛି ଏହି ମହାବିଦ୍ୟାଳୟର ଦୀର୍ଘ ୭୫ ବର୍ଷର ଗାରିମା, ଗର୍ବ, ଗୌରବ, ଯଶ ଓ ଖ୍ୟାତି। କାରଣ ଉକ୍ତ ମହାବିଦ୍ୟାଳୟକୁ ଏପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟର ମାନ୍ୟତା ମିଳି ପାରି ନାହିଁ। ଫଳରେ ଡ. ମହତାବ, ଛକଡ଼ି ମହାନ୍ତି ଓ ନରେନ୍ଦ୍ର ପ୍ରସାଦ ଦାସଙ୍କ ସ୍ୱପ୍ନ ଧୂଳିସାତ ହେବାକୁ ବସିଛି। ତଥାପି ପ୍ଲାଟିନମ୍ ଜୁବୁଲି ପାଳନ ପରିପ୍ରେକ୍ଷୀରେ ଡ. ମହତାବ, ଶ୍ରୀ ଦାସ, ଶ୍ରୀ ମହାନ୍ତିଙ୍କୁ ସ୍ମରଣ କରୁଛନ୍ତି ଭଦ୍ରକବାସୀ। ଦୀର୍ଘ ଏକ ବର୍ଷ ଧରି ଭିନ୍ନ ଭିନ୍ନ ପର୍ଯ୍ୟାୟରେ ପାଳିତ ହେବାକୁ ଥିବା ଏହି ପ୍ଲାଟିନମ ଜୁବୁଲି ପାଇଁ ମହାବିଦ୍ୟାଳୟର ବହୁ ପୁରାତନ ଛାତ୍ର ଉତ୍ସାହିତ ହୋଇ ପଡ଼ିଛନ୍ତି। ଗଣଦୌଡ଼ରୁ ଆରମ୍ଭ ହେଲା ପ୍ଲାଟିନମ୍ ଜୁବୁଲିର ଶୁଭାରମ୍ଭ- ପ୍ଲାଟିନମ୍ ଜୁବୁଲି ସ୍ମୃତିରେ ପୁରାତନ ଛାତ୍ର ସଂସଦ ଓ ଭଦ୍ରକ କଲେଜ ଆଲୁମିନି ଆସୋସିଏସନ ପକ୍ଷରୁ ରବିବାର ୩ ତାରିଖ ଏକ ଗଣଦୌଡ଼ର ଆୟୋଜନ କରାଯାଇଥିଲା। ଭଦ୍ରକ ମହତାବ ଛକ ଠାରେ ହୀରକ ଜୟନ୍ତୀ ଅଭ୍ୟର୍ଥନା କମିଟିର ମୁଖ୍ୟ ତଥା ଭଦ୍ରକ ବିଧାୟକ ସଂଜିବ କୁମାର ମଲ୍ଲିକ, ପୌରାଧକ୍ଷା ଗୁଲମକ୍କୀ ହବିବ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦୋର, ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳଙ୍କ ପ୍ରତିନିଧି ତଥା ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୁରାତନ ଛାତ୍ର ସଂସଦର ସଂପାଦକ ଅଜୟ ନାୟକ ପ୍ରମୁଖ ଡ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିବା ପରେ ଗଣଦୌଡ଼କୁ ଉଦଘାଟନ କରିଥିଲେ। ଏହି ଗଣଦୌଡ଼ରେ ଶତାଧିକ ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ ସମେତ ବର୍ତ୍ତମାନ କଲେଜରେ ଅଧ୍ୟୟନରତ ପିଲାମାନେ ମଧ୍ୟ ସାମିଲ ହୋଇଥିଲେ। ଏସମସ୍ତ କାର୍ଯ୍ୟକ୍ରମରେ ପ୍ରାକ୍ତନ ଛାତ୍ର ଜଗନ୍ନାଥ ସ୍ୱାଇଁ, ଡାକ୍ତର ପ୍ରଦୀପ ନାୟକ, ଜତିକାନ୍ତ ନାୟକ, ଅରୁଣ ଚାନ୍ଦ, ଦିବ୍ୟସିଂହ ନାୟକ, ଅଭୟ ଦ୍ୱିବେଦୀ, ପ୍ରମୋଦ ରାୟ, ଅଧ୍ୟାପକ ଗୋଲକ ପ୍ରସାଦ ନାୟକ, ଶୁଭେନ୍ଦୁ ରାୟ ମହାପାତ୍ର, ଅପୂର୍ବ ରଂଜନ ବେହେରା, ଅକ୍ଷୟ କୁମାର ଦାସ, ଜ୍ୟୋତିପ୍ରକାଶ ମହାନ୍ତି, ପ୍ରକାଶଜ୍ୟୋତି ମହାକୁଡ଼, ସ୍ୱାଧିନ ସୁନ୍ଦର ଦାସ, ରାକେଶ ପଣ୍ଡା, ତଥାଗତ ସାମଲ ପ୍ରମୁଖ ସାମିଲ ହୋଇଥିଲେ। ତେବେ ଏହି ଗଣଦୌଡ଼ ଭଦ୍ରକ ମହାବିଦାଳୟରେ ପହଞ୍ଚିବା ପରେ ସେଠାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁବୋଧ ଚନ୍ଦ୍ର ମିଶ୍ର, ବରିଷ୍ଠ ପ୍ରାଧ୍ୟାପକ ଦୁର୍ଗା ପ୍ରସାଦ ଦାସ, ଲକ୍ଷ୍ମୀକାନ୍ତ ନାୟକ ପ୍ରମୁଖ ଦୌଡ଼ରେ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିଥିଲେ। ପରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ମିଶ୍ର ପୁରାତନ ଛାତ୍ରମାନଙ୍କ ସହ କଲେଜ ପରିସରରେ ଥିବା ପ୍ରତିଷ୍ଠାତା ନରେନ୍ଦ୍ର ପ୍ରସାଦ ଦାସ. ଡ. ହରେକୃଷ୍ଣ ମହତାବ, ଛକଡ଼ି ମହାନ୍ତିଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ। ପ୍ରତିଷ୍ଠା ଦିବସରେ ପତାକା ଉତ୍ତୋଳନ-ପ୍ଲାଟିନମ୍ ଜୁବୁଲିର ଦ୍ୱିତୀୟ ପର୍ଯ୍ୟାୟରେ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସକୁ ବେଶ ଧୂମଧାମରେ ପାଳନ କରାଯାଇଥିଲା। ପ୍ଲାଟିନମ୍ ଜୁବୁଲିର ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଭଦ୍ରକ ବିଧାୟକ ସଂଜିବ କୁମାର ମଲ୍ଲିକ, ପୌରାଧକ୍ଷା ଗୁଲମକ୍କୀ ହବିବ, ପୁରାତନ ଛାତ୍ର ସଂସଦର ସଭାପତି ଦେବେନ୍ଦ୍ରନାଥ ରାଉତ, ସଂପାଦକ ଅଜୟ ନାୟକ, ପ୍ର. ଶୈଳେନ୍ଦ୍ର ମହାପାତ୍ର, ଡା. ଦୁର୍ଯ୍ୟୋଧନ ଦାସ, ସୌରେଶ ମହାନ୍ତି, ଦିବ୍ୟସିଂହ ନାୟକ, ପ୍ରମୋଦ ରାୟ, ସ୍ମୃତିରଂଜନ ସାହୁ, ରୂପକ ରାୟ, ଅଂଜନ ବାରିକ, ଗଦାଧର ବଳ, ପ୍ରିନ୍ସ ରାକେଶ ନାୟକ, ଆଶିଷ ମହାନ୍ତି, ଅମର ବାରିକ, ଅପୂର୍ବ ରଂଜନ ବେହେରା, ଜ୍ୟୋତି ପ୍ରକାଶ ମହାନ୍ତି, ଭାସ୍କର ମହାଳିକ, ରାକେଶ ପଣ୍ଡା, ପଙ୍କଜ ବଳ, ପ୍ରକାଶଜ୍ୟୋତି ମହାକୁଡ, ସ୍ୱାଧିନ ସୁନ୍ଦର ଦାସ, ଅକ୍ଷୟ ଦାସ, ମାନସ ସାହୁ, ଗୋପବନ୍ଧୁ ବାରିକ, ସ୍ୱରୂପାନନ୍ଦ ମହାପାତ୍ର, ଶରତ ପଡ଼ିଆରୀ, ସୁଧିର ଦ୍ୱିବେଦୀ, ହେମନ୍ତ ମହାପାତ୍ର, ଦେବବ୍ରତ ଦାସ, ଲିଟୁ ମହାନ୍ତି, ମୁକ୍ତିକାନ୍ତ ପାଣିଗ୍ରାହୀଙ୍କ ସମେତ ବହୁ ପୁରାତନ ଛାତ୍ରଙ୍କ ଉପସ୍ଥିତିରେ ପତାକା ଉତ୍ତୋଳନ କରିଥିଲେ। ପ୍ରଥମେ ବିଧାୟକ ଶ୍ରୀ ମଲ୍ଲିକ, ପୌରାଧକ୍ଷା ଗୁଲମକ୍କୀ ହବିବ, ପୁରାତନ ଛାତ୍ର ସଂସଦ ଓ ଆଲୁମିନି ସଂଘର କର୍ମକର୍ତ୍ତମାନେ କଲେଜ ପ୍ରତିଷ୍ଠାତା ଡ. ମହତାବ, ଛକଡ଼ି ମହାନ୍ତି ଓ ନରେନ୍ଦ୍ର ପ୍ରସାଦ ଦାସଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ। ୭୫ ବୃକ୍ଷ ରୋପଣ - ପ୍ଲାଟିନମ ଜୁବୁଲିକୁ ସ୍ମରଣୀୟ କରିବା ପାଇଁ ପୁରାରତନ ଛାତ୍ର ସଂସଦ ଓ ଆଲୁମିନି ସଂଘ ପକ୍ଷରୁ ମହାବିଦ୍ୟାଳୟ ପରିସରରେ ୭୫ଟି ବୃକ୍ଷ ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭଦ୍ରକ ବିଧାୟକ ସଂଜିବ କୁମାର ମଲ୍ଲିକ, ପ୍ରାକ୍ତନ ମନ୍ତ୍ରୀ ମନମୋହନ ସାମଲ, ଅଜୟ ନାୟକ, ଦିବ୍ୟସିଂହ ନାୟକ, ଅପୂର୍ବ ରଂଜନ ବେହେରା, ପ୍ରିନ୍ସ ରାକେଶ ନାୟକ, ସ୍ୱରୂପାନନ୍ଦ ମହାପତ୍ର, ଜ୍ୟୋତି ପ୍ରକାଶ ମହାନ୍ତି, ରାକେଶ ପଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରକ୍ତଦାନ ଶିବିରରେ ସଂଗୃହିତ ହେଲା ୭୫ ୟୁନିଟ ରକ୍ତ- ପୁରାତନ ଛାତ୍ରମାନେ ପ୍ଲାଟିନମ ଜୁବୁଲିକୁ ସ୍ମରଣୀୟ କରିବା ପାଇଁ କୌଣସି ସୁଯୋଗ ହାତ ଛଡ଼ା କରି ନାହାନ୍ତି। ଉକ୍ତ ଉତ୍ସବକୁ ସ୍ମରଣୀୟ କରି ଗରିବ ରୋଗୀଙ୍କୁ ରକ୍ତ ଯୋଗାଇବାକୁ ଏଲକ ରକ୍ତଦାନ ଶିବିରର ଆୟୋଜନ କରିଥିଲେ। ଭଦ୍ରକ ବ୍ଲଡ ବ୍ୟାଙ୍କର କର୍ମକର୍ତ୍ତା ଏହାକୁ ପରିଚାଳନା କରିଥିଲେ। ଉକ୍ତ ଶିବିରରେ ୭୫ ୟୁନିଟ ରକ୍ତ ସଂଗୃହିତ ହୋଇଥିବାବେଳେ, ଆଗାମୀ ଦିନରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଛନ୍ତି ବହୁ ପୁରାତନ ଛାତ୍ର। ଉକ୍ତ ରକ୍ତଦାନ ଶିବିରକୁ ବିଧାୟକ ସଂଜିବ କୁମାର ମଲ୍ଲିକ ଉଦଘାଟନ କରିଥିବାବେଳେ, ପ୍ରାକ୍ତନ ମନ୍ତ୍ରୀ ମନମୋହନ ସାମଲ, ପୌରାଧକ୍ଷା ଗୁଲମକ୍କୀ ହବିବ ଓ ଅଜୟ ନାୟକ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଅପୂର୍ବ ରଂଜନ ବେହେରା, ଶରତ ପଡ଼ିଆରୀ, ସ୍ୱରୂପାନନ୍ଦ ମହାପାତ୍ର, ପ୍ରମୋଦ ରାୟ, ଜ୍ୟୋତି ପ୍ରକାଶ ମହାନ୍ତି, ଅମ୍ବିକା ଦାସ, ପ୍ରକାଶଜ୍ୟୋତି ମହାକୁଡ଼, ସ୍ୱାଧିନ ସୁନ୍ଦର ଦାସ ପ୍ରମୁଖ ରକ୍ତଦାନ ଶିବିର ପରିଚାଳନା କରିଥିଲେ। ଅଭିଜିତଙ୍କ ସୁମଧୁର ତାଳରେ ଝୁମିଲେ- ପ୍ଲାଟିନମ ଜୁବଲିକୁ ସ୍ମରଣୀୟ କରିବାକୁ ପୁରାତନ ଛାତ୍ରମାନେ କିଛି ଦିନ ହେବ ଦିନ ଓ ରାତିକୁ ଏକ କରି କ୍ଲାନ୍ତ ହୋଇ ପଡ଼ିଥିଲେ। ଏହି ପରିପ୍ରେକ୍ଷୀରେ ସେମାନଙ୍କ କ୍ଲାନ୍ତି ମେଣ୍ଟାଇଥିଲେ ଅଭିଜିତ ମଜୁମଦାର। ଅଭିଜିତଙ୍କ ‘ଝୁଲରେ ନିତାଇ ଝୁଲ’ ଗୀତରେ ଝୁମି ଉଠିଥିଲେ ଭଦ୍ରକ ମହାବିଦ୍ୟାଳୟର ଖୋଲା ମଞ୍ଚରେ ଉପସ୍ଥିତ ଥିବା ୧୦ ହଜାରରୁ ଉର୍ଦ୍ଧ୍ୱ ପୁରାତନ ଓ ଏବେର ଛାତ୍ରଛାତ୍ରୀ। ଅଭିଜିତ ମଧ୍ୟ ଏହି ଐତିହ୍ୟସମ୍ପନ୍ନ ମହାବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେଇଥିବାରୁ ନିଜକୁ ଧନ୍ୟ ମଣିଥିଲେ। ଏହି ଅବସରରେ ଅଭିଜିତ ତାଙ୍କର ବହୁ ବନ୍ଧୁଙ୍କ ଏହି ମହାବିଦ୍ୟାଳୟର ସହ ନିବିଡ଼ତାକୁ ମଧ୍ୟ ମନେ ପକାଇଥିଲେ ନିଜର ସୁମଧୁର ସଂଗୀତ ମାଧ୍ୟମରେ।






## ବନ୍ଧୁଗାଁ ବ୍ଲକ ପ୍ରତି ଗାଁରେ ବହୁ ଲୋକ ମେଲେରିଆ ଜରରେ ଆକ୍ରାନ୍ତ



ବନ୍ଧୁଗାଁ ତା ୮/୭(ନି.ପ୍ର) ବନ୍ଧୁଗାଁ ବ୍ଲକର ପ୍ରତ୍ୟେକ ଗ୍ରାମରେ ବହୁ ଲୋକ ମେଲେରିଆ ଜରରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ସ୍ୱାସ୍ଥ୍ୟ ଉପକେନ୍ଦ୍ର ,ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଓ ପ୍ରତି ଗାଁର ଆଶା କର୍ମୀଙ୍କ ଠାରେ ଦେଖିବାକୁ ମିଳିଛି ।ଗାଁ ଗୁଡିକରେ ମେଲେରିଆ ରୋଗୀ ମାନେ ଆଶା ଙ୍କ ଦ୍ୱାରା କୀଟ ଠାରେ ରକ୍ତ ନମୁନା ପରୀକ୍ଷା କରି ଜାଣିବା ପରେ ମେଡ଼ିକାଲ ଗୁଡ଼ିକରେ ମେଲେରିଆ ଔଷଧ ହିଁ ସେବନ କରିବାକୁ ମିଳୁଛି । ଏଥିପାଇଁ ମେଡ଼ିକାଲ ଠାରେ ଇଞ୍ଜେକସନ ମିଳୁ ନାହିଁ। ଯାହା ଦ୍ୱାରା ଗାଁ ଗହଳିରେ ବୁଲୁଥିବା କୁଆକ୍ ମାନଙ୍କ ଠାରେ ବହୁ ଟଙ୍କା ଦେଇ ଚିକିତ୍ସିତ ହେଉଥିବା ଦେଖିବାକୁ ମିଳୁଛି। ଦୁଇ ମାସ ମଧ୍ୟରେ ଦୁଇଟି ସ୍ୱାସ୍ଥ୍ୟ ଉପ କେନ୍ଦ୍ର,ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଓ ଆଶା କର୍ମୀଙ୍କ ଠାରୁ ପ୍ରାପ୍ତ ସୂଚନା ଅନୁଯାୟୀ ୪୯୫ ଜଣ ରୁ ଉର୍ଦ୍ଧ୍ୱ ମେଲେରିଆ ରୋଗୀ ମାନେ ଚିହ୍ନଟ ହୋଇଛନ୍ତି ।ଜିଲ୍ଲା ପାଳଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରତି ସ୍କୁଲର ଆଶ୍ରମ ଛାତ୍ରଛାତ୍ରୀଙ୍କୁ ସ୍କୁଲ ମଧ୍ୟକୁ ମେଡ଼ିକାଲ ଟିମ୍ ଯାଇ ମେଲେରିଆ ପରୀକ୍ଷା କରୁଥିବା ବେଳେ ଦୁଇ ଦିନ ତଳେ ବାଉଁଶପୁଟ ଆଶ୍ରମ ସ୍କୁଲ୍ ଠାରେ ଯାଇ ଥଣ୍ଡା କାସ ଥିବା ପିଲା କିମ୍ବା କିଛି ଜର ନ ଥାଇ ସୁସ୍ଥ ପିଲାଙ୍କୁ ନେଇ ରକ୍ତ ନମୁନା ପରୀକ୍ଷା ରିପୋର୍ଟରେ ୧୭ ଜଣ ଛାତ୍ରୀ ମେଲେରିଆ ଜୀବାଣୁ ଥିବା ଜାଣିବାକୁ ମିଳିଛି ।ଦିନକୁ ଦିନ ମେଲେରିଆ ରୋଗୀ ବହୁ ସଂଖ୍ୟକ ଲୋକେ ଆକ୍ରାନ୍ତ ହୋଇ କୁଅକ୍ ମାନଙ୍କ ଚିକିତ୍ସାରେ ବହୁ ଟଙ୍କା ଖର୍ଚ୍ଚାନ୍ତ ହେଉଛନ୍ତି । ବନ୍ଧୁଗାଁ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଶ୍ରୀ ରଶ୍ମି ରଞ୍ଜନ ସାମଲ ଙ୍କୁ ମେଲେରିଆ ରୋଗୀ ଙ୍କ ତଥ୍ୟ ଗଣମାଧ୍ୟମ ତରଫରୁ ମାଗିବାରୁ ଜିଲ୍ଲା ସ୍ତରରେ ହିଁ ଆପଣଙ୍କୁ ଦିଆଯିବ କହି ଦୂରେଇ ଯାଇଥିଲେ ।ମେଲେରିଆ ମୁକ୍ତ ପାଇଁ ଏକ ସରକାରୀ ଦଳ ଥାଇ ପଦକ୍ଷେପ ନେଉ ଥିଲେ ମଧ୍ୟ ଅଞ୍ଚଳରେ ବହୁ ସଂଖ୍ୟକ ଲୋକେ ମେଲେରିଆ ରୋଗୀ ଙ୍କ ଚିହ୍ନଟ କରି ରାଜ୍ୟ ସରକାରଙ୍କ ପାଖକୁ କମ୍ ସଂଖ୍ୟକ ମେଲେରିଆ ରୋଗୀ ଙ୍କ ତାଲିକା ଦେଇ ଖୁସି ମନାଉ ଛନ୍ତି ।ଜିଲ୍ଲା ପ୍ରଶାସନ କିମ୍ବା ରାଜ୍ୟ ସରକାରଙ୍କ ତରଫରୁ ବର୍ଷା ସମୟରେ ମେଲେରିଆ ଠାରୁ ଦୂରେଇବା ପାଇଁ ପଦକ୍ଷେପ ନେବାକୁ ଅନୁରୋଧ ।

## ଝିକିମିକି ଗ୍ରାମରେ ବନ ମହୋତ୍ସବ

କଳାହାଣ୍ଡି ୦୮।୦୭(ନି.ପ୍ର.):କଳାହାଣ୍ଡି ଉତ୍ତର ବନଖଣ୍ଡ ଭବାନୀପାଟଣା ରେଞ୍ଜ ଅନ୍ତର୍ଗତ ସାନ୍ତପୁର ସେକ୍ସନର ଝିକିମିକି ଗ୍ରାମ ଠାରେ ’ବନ ମହୋତ୍ସବ’ ପାଳିତ ହୋଇଯାଇଛି। ଡଙ୍ଗର ଦେବତାଙ୍କ ପୂଜାର୍ଚ୍ଚନା ପରେ ଅନୁଷ୍ଠିତ ହୋଇଥିଲା ବୃକ୍ଷରୋପଣ କାର୍ଯ୍ୟକ୍ରମ। ଭବାନୀପାଟଣା ରେଞ୍ଜର ପଦ୍ମନାଭ କୁମାର, ଫରେଷ୍ଟର ରତ୍ନାକର ଧରୁଆ, ଦାଦପୁର ସମିତି ସଭ୍ୟା ସୁକାନ୍ତି ସୁନା, ଆଶା କର୍ମୀ ବେଲ ଗଉଡ଼ , ଫୋରେଷ୍ଟ ଗାର୍ଡ ଭାବନୀ ଶଙ୍କର ପରିଛା, ଇନ୍ଦ୍ରଧ୍ୱଜ ଧଙ୍ଗଡାମାଝୀ, ପାର୍ଟନର ଏନଜିଓ ସଦସ୍ୟ ଉମେଶ ଗଉଡ଼, ପ୍ରକୃତି ପ୍ରେମୀ ମିଳନ କୁମାର ଭୋଇ ତଥା ଗ୍ରାମବାସୀମାନେ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ।

# ମାଉସୀମାଙ୍କ ପୋଡ଼ପିଠା ମୋହରେ ମହାବାହୁ

ପୁରୀ, ୮ ଜୁଲାଇ (ହି.ସ.)- ମହାପ୍ରଭୁଙ୍କ ରଥଯାତ୍ରା ମାନବୀୟ ପରିପ୍ରକାଶର ଏକ ଜ୍ୱଳନ୍ତଯାତ୍ରା । ବିଶ୍ୱରେ ଏଭଳି ଯାତ୍ରା ଦେଖିବା ବିରଳ। ରତ୍ନ ସିଂହାସନ ଛାଡ଼ି ଭକ୍ତଙ୍କ ନିକଟକୁ ଆସନ୍ତି ମହାପ୍ରଭୁ । ଶ୍ରୀଗୁଣ୍ଡିଚା ଜନ୍ମବେଦୀର ମୋହ ଓ ମାଉସୀମାଙ୍କ ପୋଡ଼ପିଠାର ସ୍ୱାଦ ପ୍ରଭୁ ଭୁଲିନପାରି ବର୍ଷକ ମଧ୍ୟରୁ ନବଦିନ ଯାତ୍ରା କରିଥାନ୍ତି । ପୂର୍ବରୁ ବଡ଼ଦାଣ୍ଡ ବଳଗଣ୍ଡି ଠାରେ ମାଳିନୀ ନଦୀ ପ୍ରବାହିତ ହେଉଥିଲା । ନଦୀ କୂଳରେ ଅର୍ଦ୍ଧାସିନୀ ମାଉସୀମା ବିରାଜମାନ କରିବା ସହ ନଦୀର ଜଳକୁ ଶୋଷଣ କରି ପ୍ରଭୁଙ୍କ ବାଟ ଶୁଖାଇଥାନ୍ତି ବୋଲି କଥିତ ଅଛି । ତ୍ରେତୟା ଯୁଗରେ ମା କୈକେୟୀ ଓ ଦ୍ୱାପର ଯୁଗରେ ମା ଯଶୋଦାଙ୍କ ଏବଂ କଳିଯୁଗରେ ମା ଅର୍ଦ୍ଧାସିନୀ ଭାବେ ପ୍ରଭୁଙ୍କ ମାଉସୀ ଭାବେ ପରିଚିତ । ପୌରାଣିକ ମତ ଅନୁସାରେ, କଥିତ ଅଛି ପ୍ରଭୁ ରାମଚନ୍ଦ୍ରଙ୍କୁ ବାତ୍ସଲ୍ୟ ମମତା ସ୍ୱରୂପ ମାଉସୀ ପୋଡ଼ପିଠା ଦେଇ ମନସ୍କାମନା ପୂର୍ଣ୍ଣ କରିଥିଲେ । କଳି ଯୁଗରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାଉସୀ ହୋଇ ପୋଡ଼ପିଠା ପ୍ରଦାନ କରି ଯୁଗ ଯୁଗ ଧରି ଏହି ବାତ୍ସଲ୍ୟ ପ୍ରେମର ପ୍ରତୀକ ପାଲଟିଛନ୍ତି । ଅପୋଡ଼ା ପିଠା ନାମ ତାର ପୋଡ଼ପିଠା – ରଥଯାତ୍ରାରେ ଭୋଗ ମଧ୍ୟରେ ମୁଖ୍ୟ ଆକର୍ଷଣ ହେଉଛି ପୋଡ଼ପିଠା । ମହାପ୍ରଭୁ ଶ୍ରୀଗୁଣ୍ଡିଚା ଦିନ ଯିବା ସମୟରେ ମାଉସୀମା ପୀଠ ନିକଟରେ ଫଳ ପ୍ରସାଦ ପାଇବା ସହ ବାହୁଡ଼ାରେ ମା’ଙ୍କ ପୋଡ଼ପିଠା ପାଇଁ ନିବେଦନ କରି ରଥ ଗଡ଼ିଥିଲା । ବାହୁଡ଼ାଯାତ୍ରାରେ ପୋଡ଼ପିଠା ପ୍ରସାଦ ଭୋଗ ଲାଗି ହୁଏ । ଏହି ପିଠାର ନାମ ପୋଡ଼ପିଠା । କିନ୍ତୁ ଏହା ପୋଡ଼ା ଯାଏନାହିଁ । ବାମ୍ପରେ ସିଝି ଭଲ ଘିଅରେ ଛଣା ଯାଏ । ହେରାପଂଚମୀ ଠାରୁ ପିଠାର ପ୍ରସ୍ତୁତି ଆରମ୍ଭ ହୋଇଥାଏ । ପୋଡ଼ପିଠାର ରହସ୍ୟ – ବାହୁଡ଼ା ଦିନ ପୋଡ଼ପିଠା ପ୍ରଭୁଙ୍କୁ ଅର୍ପଣ ହେବା ପରେ ଏହା ପ୍ରସାଦ ହୋଇଯାଏ । ଏହି ପ୍ରସାଦ ପାଇବା ପାଇଁ ଭକ୍ତମାନେ ଚାହିଁ ରହିଥାନ୍ତି । ପୋଡ଼ପିଠା ପ୍ରସ୍ତୁତିରେ ଅନେକ ରହସ୍ୟ ରହିଛି । ଅଟା, ଛେନା, ଦେଶୀଗାଇ ଘିଅ, ଖିସିମିସ୍, ଚିନି, ପିସ୍ତା ବାଦାମ, ଅଳେଇଚ, ଲବଙ୍ଗ, ଗୁଜୁରାତି ମିଶ୍ରଣ କରାଯାଇ ଘିଅରେ ଚକଟା ଯାଇ ମାଟି ପଲମରେ ବାମ୍ପ ଜରିଆରେ ସିଝାଯାଏ । ପରେ ଏହି ମିଶ୍ରିତ ବାମ୍ପ ପିଣ୍ଡୁଳାକୁ ଥଣ୍ଡା କରାଯାଇ ଛୋଟ ଛୋଟ ଖଣ୍ଡ କରାଯାଏ । ଏହି କଟା ଖଣ୍ଡ ଗୁଡ଼ିକୁ କାଠ ଚୁଲାରେ କରେଇ ବସାଇ ଭଲ ଘିଅ ପକାଇ ଛଣାଯାଏ । ଏହି ପୋଡ଼ପିଠାର ସ୍ୱାଦ ଏକ ଅନନ୍ୟ ଅନୁଭବ ଆଣିଦିଏ । ରଥରେ ଲାଗି ହେବା ପରେ ଏହି ପ୍ରସାଦକୁ ଭକ୍ତ ସେବନ କରିବା ସମୟରେ ଭକ୍ତି ଭାବ ମନରେ ଶିହରଣ ସୃଷ୍ଟି କରିଥାଏ । ଏହି ପିଠା ଦୁଇ ସପ୍ତାହ ପର୍ଯ୍ୟନ୍ତ ସତେଜ ରହିଥାଏ । ବିଶ୍ୱ ଠାକୁରଙ୍କ ପିଠା ପ୍ରସ୍ତୁତିରେ ବିଶ୍ୱନାଥ- ସବୁ ପ୍ରଭୁଙ୍କ ଇଚ୍ଛା । ମାଉସୀଙ୍କ ବାତ୍ସଲ୍ୟକୁ ବିଶ୍ୱ ବିଦିତ ଠାକୁର ଶ୍ରୀଜଗନ୍ନାଥ ଭୁଲି ପାରିନାହାନ୍ତି । ବର୍ଷକରେ ଗୋଟିଏ ଦିନ ହେଲେ ମଧ୍ୟ ମାଉସୀମାଙ୍କ ପୋଡ଼ପିଠା ପ୍ରଭୁ ଗ୍ରହଣ କରିଥାନ୍ତି । ଏହି ସେବା ଯୋଗାଉଛନ୍ତି ମାଉସୀମା ମନ୍ଦିରର ମୁଖ୍ୟ ସେବକ ବିଶ୍ୱନାଥ ମିଶ୍ର । ଶ୍ରୀ ମିଶ୍ର କୁହନ୍ତି ଦୀର୍ଘ ୨୫ ବର୍ଷ ହେଲାଣି ମୁଁ ଏହି ସେବା କରି ଆସୁଛି । ଶ୍ରୀଗୁଣ୍ଡିଚା ଦିନ ଠାରୁ ନିଳାଦ୍ରି ବିଜେ ପର୍ଯ୍ୟନ୍ତ ହବିଷ୍ୟ ପାଳନ କରିବା ସହ ନିଷ୍ଠା ଓ ଭକ୍ତିର ସହ ଏହି ପୋଡ଼ପିଠା ପ୍ରସ୍ତୁତିରେ ନିଜକୁ ସମର୍ପିତ କରିଛି । ବହୁ ପ୍ରଚେଷ୍ଟା ପରେ କିଛି ବର୍ଷ ହେଲାଣି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱଳ୍ପ ସାହାଯ୍ୟ ତିନି ହଜାର ପାଂଚଶହ ଟଙ୍କା ପିଠା ପ୍ରସ୍ତୁତି ପାଇଁ ମିଳୁଛି । ଏହା ଯଥେଷ୍ଟ ନଥିଲେ ମଧ୍ୟ ନିଜସ୍ୱ ଓ ଭକ୍ତଙ୍କ ସାହାଯ୍ୟ ନେଇ ପିଠା ପ୍ରସ୍ତୁତି ହେଉଛି । ବର୍ଷକ ଯାକ ମନ୍ଦିର ପରିଚାଳନା କରିବା କଷ୍ଟସାଧ ହେଲେ ମଧ୍ୟ ମା’ଙ୍କ କୃପାରୁ ସମସ୍ତ କାର୍ଯ୍ୟ ସଠିକ୍ ଭାବେ ଚାଲୁଅଛି । ବଂଶାନୁକ୍ରମିକ ଭାବେ ମୁଁ ଏହି ସେବା କରୁଅଛି । ପୀଠ ଉନ୍ନତି ପାଇଁ ଭକ୍ତଙ୍କ ଦାବି - ମାଉସୀମା’ଙ୍କ ମାହାତ୍ମ୍ୟ ଅତି ପୁରାତନ । ମାଳିନୀ ନଦୀ ମା ଅଧେ ଶୋଷି ଦେଇଥିବା କଥିତ ଅଛି । ରଥଯାତ୍ରା ସମୟରେ ମାଉସୀମା’ଙ୍କ ପୋଡ଼ ପିଠା ବିଶ୍ୱପ୍ରସିଦ୍ଧ । ଲକ୍ଷ ଲକ୍ଷ ଭକ୍ତ ରଥଯାତ୍ରା ସମୟରେ ଓ ଅନ୍ୟ ସମୟରେ ବଡ଼ଦାଣ୍ଡରେ ଯିବା ବେଳେ ପୀଠରେ ଅଟକି ମୁଣ୍ଡିଆ ମାରିଥାନ୍ତି । ଶ୍ରୀମନ୍ଦିର ଚାରିପଟ ସୌନ୍ଦର୍ଯ୍ୟକରଣ କରାଯାଉଛି । ମାଉସୀମା’ଙ୍କ ତୋରଣ, ଗେଟ ଓ ରୋଷଘର ନିର୍ମାଣ ପାଇଁ ଭକ୍ତମାନେ ଦାବି କରିଛନ୍ତି । ଏହାସହ ମନ୍ଦିର ପୁରୁଣା ହୋଇଥିବାରୁ ଏହା ପାଖରେ ବିଶାଳ କୋଠା ଓ ଆଗରେ କ୍ୟାବିନ, ଉଠାଦୋକାନି, ଗ୍ୟାରେଜ ରହିଥିବାରୁ ଭକ୍ତ ଦର୍ଶନରେ ବାଧା ସୃଷ୍ଟି ହୋଇଛି । ସମ୍ମୁଖ ଭାଗକୁ ଅସ୍ଥାୟୀ ଷ୍ଟିଲ ବ୍ୟାରିକେଟ ସହ ସୌନ୍ଦର୍ଯ୍ୟକରଣ ପାଇଁ ଭକ୍ତମାନେ ଦାବି କରୁଛନ୍ତି ।



## ଜାତୀୟ କଂଗ୍ରେସର ଜନସମ୍ପର୍କ ଯାତ୍ରା ଓ ମହା ମିଶ୍ରଣ ପର୍ବ

ରାଇଘର-ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ଜାତୀୟ କଂଗ୍ରେସ ପାର୍ଟି ପକ୍ଷରୁ ଆଜି ଜନ ସମ୍ପର୍କ ଯାତ୍ରା ଓ ମହା ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀ ଶରତ ପଟ୍ଟନାୟକ,ଜୟପୁର ବିଧାୟକ ତଥା ମୁଖ୍ୟ ସଚେତକ ଓଡ଼ିଶା ବିଧାନସଭା,ନବରଙ୍ଗପୁର ଜିଲ୍ଲା ସଭାପତି ମୁନା ତ୍ରିପାଠୀ,ଭୁଜବଲ ମାଝି ପୂର୍ବତନ ବିଧାୟକ, ଦେବାଶିଷ ପଟ୍ଟନାୟକ ପୂର୍ବତନ ବିଧାୟକ, ନିମାଇ ସରକାର ପୂର୍ବତନ ବିଧାୟକ, କିଶୋର ଜେନା ସପିସି ସାଧାରଣ ସଂପାଦକ, ବିଭୁତି ମିଶ୍ର ବରିଷ୍ଠ ନେତା, ଗ୍ୟାନରଞ୍ଜନ ପଟ୍ଟନାୟକ ପିସିସି ସଂପାଦକ, ଖେମରାଜ ବାଘ ପିସିସି ସଂପାଦକ, ଦ୍ୱାରିକା ମହାପାତ୍ର, ଧରମ ସିଂହ, ଦିବାକର ପୂଜାରୀ,ପବିତ୍ର ଗରଡ଼, ଉଲଧର ମାଝି, ହାରାବତୀ ଗଣ୍ଡ, ଲିପିକା ମାଝି,ପି ନାଗାରତହମ, ବାବୁଲି ବାଘ ଏବଂ କଂଗ୍ରେସ ଦଳର ସମସ୍ତ କର୍ମକର୍ତ୍ତା। ଆଜି ଏହି କାର୍ଯ୍ୟକ୍ରମରେ ରାଇଘର ଅଞ୍ଚଳର ଟାଣୁଆ ଆଦିବାସୀ ନେତା ସନରାଜ ଗଣ୍ଡ ବିଜୁ ଜନତା ଦଳକୁ ଛାଡ଼ି ଜାତୀୟ କଂଗ୍ରେସ ପାର୍ଟିରେ ଯୋଗ ଦେଇଛନ୍ତି ଏବଂ ଏ ଅଞ୍ଚଳର ଏକାଧିକ ଜନ ସାଧାରଣ କଂଗ୍ରେସ ଦଳରେ ଯୋଗ ଦେଇଛନ୍ତି। ଆଜିର କାର୍ଯ୍ୟକ୍ରମ ଟାଣୁଆ ନେତା ସନରାଜ ଗଣ୍ଡ ଙ୍କର ନେତୃତ୍ୱରେ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆଗାମୀ ଦିନରେ କଂଗ୍ରେସ କିପରି ଭାବେର ଦୃଢ ହେବ ଏବଂ ରାଜ୍ୟରେ କଂଗ୍ରେସ ଶାସନ ଓ ଦେଶରେ କଂଗ୍ରେସ ଶାସନ ଆଣିବାକୁ ଦୃଢ ପଦକ୍ଷେପ ନେଇଛନ୍ତି।



## ଓଲଟିଲା ବେଦାନ୍ତର ଆଲୁମିନିୟମ ବୋଝେଇ ଟ୍ରକ

ଓଡ଼ିଆ ବାର୍ତ୍ତା/ କଳାହାଣ୍ଡି ୮/୭ (ନି.ପ୍ର): ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ଛକରୁ ଭବାନୀପାଟଣାକୁ ସଂଯୋଗ କରୁଥିବା ୬ନଂ ରାଜ୍ୟ ରାଜପଥର ପୋଖରୀବନ୍ଧ ବୁଲାଣି ନିକଟରେ ଆରଜି-୧୯-ଜିଏଫ୍-୩୬୪୭ ନମ୍ବର ବିଶିଷ୍ଟ ବେଦାନ୍ତ ଆଲୁମିନିୟମ ଟ୍ରକ ଓଲଟି ପଡିଛି। ଆଜି ସକାଳେ ଟ୍ରକଟି ଭବାନୀପାଟଣା ପଟେ ଯାଉଥିବା ସମୟରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଓଲଟି ପଡିଥିଲା। ଟ୍ରକଟି ରାସ୍ତା କଡ଼ରେ ପଡ଼ି କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏଥିରେ ଚାଳକ ସାମାନ୍ୟ ଆହତ ହୋଇ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି। ଅନେକ ସମୟରେ ବେଦାନ୍ତର ଭାରି ଯାନ ଗୁଡିକ ଏହି ରାସ୍ତାରେ ଦ୍ରୁତ ଗତିରେ ଯାତାୟାତ କରି ଏପରି ଦୁର୍ଘଟଣାର ଶିକାର ହେଉଥିବା ଅଭିଯୋଗ ହେଉଛି। ସଡ଼କ ଦୁର୍ଘଟଣା ଯୋଗୁଁ ଅନେକ ସମୟରେ ଅମୂଲ୍ୟ ଧନଜୀବନ ନଷ୍ଟ ହେଉଥିବା ଦେଖାଯାଇଛି। ତେବେ ଏଥିପ୍ରତି ପ୍ରଶାସନ ପକ୍ଷରୁ କୌଣସି ଅଙ୍କୁଶ ରହୁନଥିବାରୁ ସାଧାରଣରେ ଉଦବେଗ ପ୍ରକାଶ ପାଇଛି।

# ରାଜ୍ୟସ୍ତରୀୟ ୭୩ ତମ ବିଶ୍ୱ ବନ ମହୋତ୍ସବ ପାଳିତ

ଭୁବନେଶ୍ୱର,୦୮।୦୭(ନି.ପ୍ର.): ରାଜ୍ୟସ୍ତରୀୟ ବନ ମହୋତ୍ସବଆଜି ପୂର୍ବାହ୍ଣରେ ଉତ୍ସାହ ଓ ଉଦ୍ଦୀପନାର ସହ ଭୁବନେଶ୍ୱରସ୍ଥିତ ମହାନଗର ନିଗମ ସରକାରୀ ଉଚ୍ଚ ବିଦ୍ୟାଳୟ, ବରମୁଣ୍ଡା ପରିସରରେପାଳିତ ହୋଇଯାଇଛି। ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଭିଡିଓ କନଫରେନ୍ ମାଧ୍ୟମରେ ଏହି ଉତ୍ସବରେ ଯୋଗଦାନ କରିଥିଲେ। ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ, ପଂଚାୟତିରାଜ ଓ ପାନୀୟ ଜଳ. ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥଲେ। ଏଥି ସହିତ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ କାରିଗରୀ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ,ଭୁବନେଶ୍ୱରମହାନଗର ନିଗମ ମେୟର ଶ୍ରୀମତୀ ସୁଲୋଚନା ଦାସ, ଭୁବନେଶ୍ୱର(ଉତର) ବିଧାୟକ ସୁଶାନ୍ତ ରାଉତ, ବିଧାୟକ (ମଧ) ଅନନ୍ତ ନାରାୟଣ ଜେନାଙ୍କ ସମେତ ବନ ବିଭାଗର ଅଧିକାରୀ, ବୁଦ୍ଧିଜୀବୀ, ଜନସାଧାରଣ ଓ ଗଣମାଧ୍ୟମର ପ୍ରତିନିଧି ଏହି ସମାରୋହରେ ଯୋଗଦେଇଥିଲେ।




ଓଡିଶାର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଏବଂ ଜଙ୍ଗଲ ବାହିନୀର ମୁଖ୍ୟ ଦେବୀଦତ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିବା ସଙ୍ଗେ ସଙ୍ଗେ ବନ ମହୋତ୍ସବର ଗୁରୁତ୍ୱ ଓ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଜୁଲାଇ ମାସର ପ୍ରଥମ ସପ୍ତାହକୁ ବନ ମହୋତ୍ସବ ସପ୍ତାହ ଭାବେ ପାଳନ କରାଯାଉଛି। ପ୍ରତିବର୍ଷ ରାଜ୍ୟ ସରକାରଙ୍କ ତତ୍ତ୍ୱାବଧାନରେ ବ୍ୟାପକ ବୃକ୍ଷରୋପଣ କରାଯିବା ସହିତ ଜନସାଧାରଣଙ୍କ ସହଯୋଗରେ ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଂଚଳ କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟରେ ନୂତନ ଜଙ୍ଗଲ ସୃଷ୍ଟି ନିମନ୍ତେ ଚଳିତ ବର୍ଷ ବର୍ଷା ଋତୁରେ ବିଭିନ୍ନ ବନୀକରଣ ଯୋଜନା ଯଥା ପ୍ରାକୃତିକ ଜଙ୍ଗଲର ପୁନର୍ଜନନ, କୃତ୍ରିମ ଜଙ୍ଗଲ, ସହରାଂଚଳ ବନୀକରଣ, ପଥପାର୍ଶ୍ୱ ବନୀକରଣ ଇତ୍ୟାଦି ମାଧ୍ୟମରେ ବ୍ୟାପକ ବୃକ୍ଷରୋପଣ ସଫଳ କାର୍ଯ୍ୟକାରିତା ପାଇଁ ଏକ କ୍ରିୟାଶୀଳ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି। ଏହିସବୁ ଯୋଜନା ମାଧ୍ୟମରେ ବନୀକରଣ ପାଇଁ ୪୮୮.୧୬ ଲକ୍ଷ ଚାରା ରୋପଣ କରାଯିବା ସହିତ ୪୯୦.୩୦ ଲକ୍ଷ ଚାରା ଜନସାଧାରଣଙ୍କୁ ସ୍ୱଳ୍ପ ମୂଲ୍ୟରେ ଏବଂ ବିଭିନ୍ନ ଅନୁଷ୍ଠାନଗୁଡିକୁ ବିନା ମୂଲ୍ୟରେ ବିତରଣ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି।

ଏହି ଅବସରରେ ଏକ ସ୍ମରଣିକା "୭୩ ତମ ବନ ମହୋତ୍ସବ", ଯେଉଁଥିରେ ରାଜ୍ୟ ବନ ବିଭାଗର ଉନ୍ନତି ମୂଳକ କାର୍ଯ୍ୟକ୍ରମସଂପର୍କରେ ଉଲ୍ଲିଖିତ ଅଛି, ତାହାର ଶୁଭ ଉନ୍ମୋଚନ କରାଯାଇଛି। ଚଳିତ ବର୍ଷ ୭୩ ତମ ବନ ମହୋତ୍ସବ ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବନୀକରଣ ସଂପର୍କରେ ସଚେତନତା ଜାଗ୍ରତ କରାଯିବା ନିମନ୍ତେ, ବକ୍ତୃତା, ଚିତ୍ରାଙ୍କନ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ ମହୋତ୍ସବରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବନୀକରଣ ଓ ଜଙ୍ଗଲ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ସୁନ୍ଦରଗଡ଼ର "ଝୁରିମଲ ବନ ସଂରକ୍ଷଣ ସମିତି"କୁ ଚଳିତ ବର୍ଷ ରାଜ୍ୟର ସର୍ବଶ୍ରେଷ୍ଠ ବନ ସୁରକ୍ଷା ସମିତି ଭାବେ ସମ୍ମାନିତ କରାଯାଇଛି। ପରିଶେଷରେ ସରକାରୀ ମ୍ୟୁନିସିପାଲ କର୍ପୋରେସନ ଉଚ୍ଚ ବିଦ୍ୟାଳୟ, ବରମୁଣ୍ଡାର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରତିମା ନନ୍ଦ ଉତ୍ସବରେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଲକ୍ଷ୍ମୀ ନାରାୟଣଜୀଉ ମନ୍ଦିର ପ୍ରତିଷ୍ଠା

ଭୁବନେଶ୍ୱର,୦୮।୦୭(ନି.ପ୍ର.): ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ ଜୀଉଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ଉତ୍ସବ ଓଏସ୍ଏପି ୭ମ ବାଟାଲିୟନ ପରିସରରେ ଥିବା ଚନ୍ଦ୍ରଶେଖର ମହାଦେବଙ୍କ ପୀଠରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। କମିଶନରେଟ୍ ପୋଲିସ, ଓଏସଏପି ବାଟାଲିୟନ୍‌ର ହାବିଲ୍‌ଦାର ସିପାହୀ ସଂଘ ଓ ମନ୍ଦିର ପରିଚାଳନା କମିଟିର ମିଳିତ ଆୟୋଜନରେ ଅନୁଷ୍ଠିତ ଏହି ପ୍ରତିଷ୍ଠା ଉତ୍ସବରେ ବିଶିଷ୍ଟ ଅତିଥି ମାନଙ୍କ ମଧ୍ୟରେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ୧୨ ନମ୍ବର ଓାର୍ଡର କର୍ପୋରେଟର ଜୟନୀ ସାହୁ, ଦିସିପି(ଆର୍ମ) ବିଜୟ ସାହୁ, ଯୁବନେତା ପ୍ରଶନ୍ନ କୁମାର ସାହୁ ପ୍ରମୁଖ ଯୋଗଦେଇ ପ୍ରଭୁଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ଚାରିଦିନ ଧରି ଚାଲିଥିବା ଏହି ଧାର୍ମିକ କାର୍ଯ୍ୟକ୍ରମରେ କଳସ ଯାତ୍ରା, ଅଙ୍କୁରରୋପଣ, ସୂର୍ଯ୍ୟପୂଜା, ରତ୍ନମୁଦ୍ରା, ମହାସ୍ନାନ, ବିଗ୍ରହ ପ୍ରାଣ ପ୍ରତିଷ୍ଠା, ପୂର୍ଣ୍ଣାହୁତି ଓ ନଗର ପରିକ୍ରମା ଯଥାବିଧି ଓ ରୀତିନୀତି ଅନୁସାରେ ଆଧାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ବହୁ ଭକ୍ତ ଏହି ଉତ୍ସବରେ ଯୋଗଦେଇ ପ୍ରଭୁଙ୍କ ଆଶୀର୍ବାଦ ଗ୍ରହଣ କରିବା ସହିତ ପ୍ରସାଦ ସେବନ କରିଥିଲେ। କାର୍ଯ୍ୟକ୍ରମକୁ ହାବିଲଦାର, ସିପାହୀ ସଂଘର ସଭାପତି ନିଲୁ ବଳ ଓ ସମସ୍ତ କର୍ମକର୍ତ୍ତା, ମନ୍ଦିର କମିଟିର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।



# ଓଡିଶା ସ୍ୱଳ୍ପ ସଂଚୟ ପ୍ରୋତ୍ସାହନ ଯୋଜନା ଏ.ଏସ୍. ସିରିଜର ଉଠାଣ

ଭୁବନେଶ୍ୱର,୦୮।୦୭(ନି.ପ୍ର.): ଓଡିଶା ସ୍ୱଳ୍ପ ସଂଚୟ ନିର୍ଦ୍ଦେଶାଳୟ ଅର୍ଥ ବିଭାଗର ଆନୁକୁଲ୍ୟରେ ଓଡିଶା ସ୍ୱଳ୍ପ ସଂଚୟ ପ୍ରୋତ୍ସାହନ ଯୋଜନା 'ଏ ଏସ୍' ସିରିଜ ଉଠାଣ ଜୟଦେବ ଭବନ ଭୁବନେଶ୍ୱରଠାରେ ଗୁରୁବାର ପୂର୍ବାହ୍ଣରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡିଶାର ଅର୍ଥ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ବ୍ୟକ୍ତି ପାଇଁ ସଂଚୟର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟର ପ୍ରତ୍ୟେକ ଅଂଚଳରେ ଯେପରି ବ୍ୟାଙ୍କିଙ୍ଗ ସେବା ପହଞ୍ଚି ପାରିବ ସେଥିପାଇଁ ସରକାରଙ୍କର ନିରନ୍ତର ପ୍ରୟାସ ଜାରି ରହିଛି ବୋଲି ସେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ ଦେବ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓ ସାକ୍ଷରତା ଅଭିଯାନର ସଫଳତା ପାଇଁ ସ୍ୱଳ୍ପ ସଞ୍ଚୟ ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଧିକାରୀ ଏବଂ ସ୍ୱଳ୍ପ ସଞ୍ଚୟ ପ୍ରତିନିଧିମାନେ ନିଷ୍ଠାର ସହ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ।



ବର୍ଷାରେ ରାଜଧାନୀ ହାଲ୍ ବେହାଲ୍। ସମ୍ ହସ୍ପିଟାଲ ସମ୍ମୁଖ ରାସ୍ତାରେ ଆଣ୍ଠୁଏ ପାଣି।

# ବିଦ୍ୟାଳୟ ସୁରକ୍ଷା ସପ୍ତାହ

ଭୁବନେଶ୍ୱର,୦୮।୦୭(ନି.ପ୍ର.):: 'ବିଦ୍ୟାଳୟ ସୁରକ୍ଷା ସପ୍ତାହ' ପ୍ରତି ବିଦ୍ୟାଳୟରେ ସପ୍ତାହ ବ୍ୟାପି ଜୁଲାଇ ମାସ ପ୍ରଥମ ସପ୍ତାହରୁ ଦ୍ୱିତୀୟ ସପ୍ତାହ ମଧ୍ୟରେ ପାଳନ କରାଯାଉଛି। ଏହି ସପ୍ତାହ ମଧ୍ୟରେ ବିଦ୍ୟାଳୟର ଛାତ୍ରଛାତ୍ରୀ / ଅନ୍ତେବାସୀମାନେ କିପରି ଭାବେ ସୁରକ୍ଷିତ ରହିପାରିବେ ସେ ସମସ୍ତ ବିଷୟକୁ ଆଲୋଚନାର ପରିସରକୁ ନିଆଯାଇ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।

ବିଦ୍ୟାଳୟ ପରିଚାଳନା କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରର ସୁରକ୍ଷା ଯାଂଚ, ବିଦ୍ୟାଳୟ ଗୃହ ସଂରଚନାତ୍ମକ ଓ ଅଣ-ସଂରଚନାତ୍ମକର ସମୀକ୍ଷା, ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା, ଶୌଚାଳୟର କାର୍ଯ୍ୟକ୍ଷମତା ଯାଂଚ, ଅଗ୍ନିନିର୍ବାପକ ଯନ୍ତ୍ରର କାର୍ଯ୍ୟକ୍ଷମତା ଯାଂଚ, ବିଦ୍ୟାଳୟ ହତା ସଫେଇ କାର୍ଯ୍ୟକ୍ରମ କରାଇବା, ବିଷାକ୍ତ / ଜ୍ୱଳନଶୀଳ ସାମଗ୍ରୀର ଉଚିତ ରକ୍ଷଣବ୍ୟବସ୍ଥା, ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀମାନଙ୍କର ସୁରକ୍ଷା ସମ୍ବନ୍ଧୀୟ ତାଲିମ, ମକ୍ ଡ୍ରିଲ୍ ଓ ଆବଶ୍ୟକ ସ୍ଥଳେ ମରାମତିର ବ୍ୟବସ୍ଥା ଇତ୍ୟାଦି ବିଷୟରେ ପଦକ୍ଷେପ ଗ୍ରହଣ କରାଯାଉଛି।

# ଆଦିବାସୀ ଉନ୍ନୟନ ପରିପ୍ରେକ୍ଷୀରେ ଜଙ୍ଗଲ ଅଧିକାର ଆଇନର କାର୍ଯ୍ୟକାରିତା ଓ ଉପଯୋଗ ସଂପର୍କିତ ବିମର୍ଶ

ଭୁବନେଶ୍ୱର,୦୮।୦୭(ନି.ପ୍ର.):: ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନସ୍ଥ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ଆନୁକୂଲ୍ୟରେ ଜନଜାତିଙ୍କର ବିକାଶ ଆଧାରରେ 'ଜଙ୍ଗଲ ଅଧିକାର ଆଇନର କାର୍ଯ୍ୟକାରିତା ଓ ଉପଯୋଗ ସଂପର୍କିତ ବିମର୍ଶ: ଧାର୍ଯ୍ୟ ଲକ୍ଷ୍ୟ ପୂରଣ ଓ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ' ଉପରେ ଦୁଇଦିନିଆ ଜାତୀୟ ପରାମର୍ଶ ବୈଠକ ଆଜି ଆରମ୍ଭ ହୋଇଛି। ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରଣାଳୟର ସହଯୋଗରେ ଓଡ଼ିଶା ସରକାର ଏବଂ ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ ସହଭାଗିତାରେ ଏସ୍‌ସିଏସ୍‌ଟିଆରଟିଆଇଠାରେ ଏହା ଆୟୋଜିତ ହୋଇଯାଇଛି।




ଜନଜାତି ସଂପ୍ରଦାୟର ବିକାଶ ପାଇଁ ଅନ୍ତରାୟ ସୃଷ୍ଟି କରୁଥିବା ଉପାଦାନ ଏବଂ ଦେଶର ଜନଜାତିଙ୍କୁ ସଶକ୍ତ କରିବା ପାଇଁ ଥିବା ନୀତି ଓ କାର୍ଯ୍ୟକ୍ରମଗୁଡ଼ିକୁ ଅଧିକ ମଜବୁତ କରିବାର ଉପାୟ ଖୋଜିବା ଏପରି ପରାମର୍ଶ ବୈଠକର ମୂଳ ଲକ୍ଷ୍ୟ।

ଏହି ଜାତୀୟ ବିମର୍ଶ ବୈଠକର ଉଦ୍‌ଯାପନୀ ଅଧିବେଶନରେ ନିତି ଆୟୋଗର ଉପପରାମର୍ଶଦାତା ଡ. ମୁନି ରାଜୁ ଯୋଗଦେଇ ଗରିବ ଓ ଅସୁରକ୍ଷିତ ସଂପ୍ରଦାୟଙ୍କ ଜୀବିକାନିର୍ବାହର ସୁରକ୍ଷାକୁ ଦୃଷ୍ଟିରେ ରଖି ଜଙ୍ଗଲ ଅଧିକାରର ସ୍ୱୀକୃତି ପ୍ରଦାନର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ।

ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ରଞ୍ଜନା ଚୋପ୍ରା ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ କରିବାରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ବୋଲି ସୂଚନା ଦେଇଥିଲେ। ଓଡ଼ିଶାରେ ୪ ଲକ୍ଷ ୫୭ ହଜାରରୁ ଅଧିକ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଜମିକୁ ମଞ୍ଜୁର କରାଯାଇଥିବାବେଳେ ଜମି ଅଧିକାର ପାଇଥିବା ପ୍ରାୟ ୩ ଲକ୍ଷ ୫୧ ହଜାର ଲୋକଙ୍କୁ ବିଭିନ୍ନ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଥିବା ଦର୍ଶାଇ ଜଙ୍ଗଲ ଉପରେ ନିର୍ଭରଶୀଳ ସଂପ୍ରଦାୟଗୁଡ଼ିକର ସୁରକ୍ଷା ପାଇଁ ଏହା ଓଡ଼ିଶାର ପ୍ରତିବଦ୍ଧତାକୁ ସୂଚିତ କରୁଛି ବୋଲି ଶ୍ରୀମତୀ ଚୋପ୍ରା ଉଲ୍ଲେଖ କରିଥିଲେ।

ଏସ୍‌ସିଏସ୍‌ଟିଆରଟିଆଇର ଉପଦେଷ୍ଟା ତଥା ନିର୍ଦ୍ଦେଶକ ଏବଂ ସ୍ୱତନ୍ତ୍ର ଶାସନ ସଚିବ ପ୍ରଫେସର ଡ. ଅଖିଳ ବିହାରୀ ଓତା ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ ଜଣାଇବା ସହିତ ଜଙ୍ଗଲ ଅଧିକାର ଆଇନର ବିଭିନ୍ନ ଦିଗ ଓ ଆଭିମୁଖ୍ୟ ସଂପର୍କରେ ସୂଚନା ଦେଇ ଏହାର ରୂପାୟନ ପାଇଁ ଥିବା ସମସ୍ୟାର ସମାଧାନ ଓ ଆଇନକୁ ମଜବୁତ କରିବା ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ଗୁହା ପୁନମ ତାପସ କୁମାର ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ।

ଏହି ଦୁଇଦିନିଆ ଜାତୀୟ ପରାମର୍ଶ ବୈଠକରେ ଜନଜାତି ଗବେଷଣା ପ୍ରତିଷ୍ଠାନ , ସେଂଟର ଫର ଏକ୍ସଲେନ୍ସର ପ୍ରତିନିଧି, ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ, ଜନଜାତି ସଂସ୍କୃତି ଓ ବିକାଶ ଉପରେ କାର୍ଯ୍ୟରତ ଦଶରୁ ଅଧିକ ରାଜ୍ୟର ପ୍ରତିନିଧିବୃନ୍ଦ ଯୋଗଦାନ କରିଛନ୍ତି। ବୈଠକରେ ୫ଟି ବୈଷୟିକ ଅଧିବେଶନ ରହିଛି। ସେଥିରେ ଜଙ୍ଗଲ ଅଧିକାର ଆଇନ ବିଭିନ୍ନ ଦିଗ, ଉଦ୍ଦେଶ୍ୟ, ମହତ୍ୱ ଓ କାର୍ଯ୍ୟକାରିତା ଉପରେ ବକ୍ତାମାନେ ସୁଚିନ୍ତିତ ମତ ପ୍ରଦାନ କରିବେ। ଏଥିରେ ଜଙ୍ଗଲ ଅଧିକାର ଆଇନର ପ୍ରଭାବୀ କାର୍ଯ୍ୟକାରିତା ନିମନ୍ତେ ରୋଡ୍‌ମ୍ୟାପ୍ ପ୍ରସ୍ତୁତି କରାଯିବ।

## ରାଜ୍ୟ ଯୁବ କଂଗ୍ରେସର ଯୁବ ଚିନ୍ତନ ବୈଠକ

# ୯ରୁ ୯୦ ମିଶନର ସାରଥି ହେବ ଯୁବ କଂଗ୍ରେସ

# ରାଜ୍ୟ ବ୍ୟାପୀ ହେବ ଯୁବ ସମ୍ପର୍କ ପଦଯାତ୍ରା

ଭୁବନେଶ୍ୱର,୦୮।୦୭(ନି.ପ୍ର.):: ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସର ଏକ ଦିବସୀୟ ଯୁବ ଚିନ୍ତନ ବୈଠକ ଗୁରୁବାର ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅଖିଳ ଭାରତୀୟ କଂଗ୍ରେସ କମିଟିର ଯୁଗ୍ମ ସମ୍ପାଦକ ତଥା ରାଷ୍ଟ୍ରୀୟ ପ୍ରଭାରୀ କ୍ରିଷ୍ଣା ଆଲାବାରୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ବିରୋଧୀ ନୀତି ବିରୋଧରେ ଜୋରଦାର ଲଢ଼େଇ କରିବାକୁ ଆହ୍ୱାନ ଦେଇଥିଲେ। କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନା କିପରି ଯୁବପିଢ଼ିଙ୍କ ଭବିଷ୍ୟତ ନଷ୍ଟ କରିବା ସହ ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବ ସେ ସମ୍ପର୍କରେ ଜନଜାଗରଣ ସୃଷ୍ଟି କରିବାକୁ କହିଥିଲେ। ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଯୋଗଦେଇ କଂଗ୍ରେସକୁ ଶାସନ କ୍ଷମତାକୁ ଆଣିବାକୁ ହେଲେ ଯୁବ କଂଗ୍ରେସର ଭୂମିକା ଗୁରତ୍ୱପୂର୍ଣ୍ଣ ବୋଲି କହିଥିଲେ। ଆଗାମୀ ଦିନରେ ରାଜ୍ୟରେ କଂଗ୍ରେସର ଆସନ ସଂଖ୍ୟା ୯ରୁ ୯୦ରେ ପହଂଚିବ। ଯୁବ କଂଗ୍ରେସ ଏହି ୯ରୁ ୯୦ ମିଶନର ମୁଖ୍ୟ ସାରଥି ସାଜିବ ବୋଲି ଶ୍ରୀ ପଟ୍ଟନାୟକ ପ୍ରକାଶ କରିଥିଲେ। ବୈଠକରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ଲଢ଼େଇ ଜୋରଦାର କରିବାକୁ ରଣନୀତି ପ୍ରସ୍ତୁତ ହୋଇଥିଲା। ବୁଥ୍ ସ୍ତରରେ ଯୁବବର୍ଗଙ୍କୁ ଏକତ୍ରିତ କରିବା ପାଇଁ ଯୁବ କଂଗ୍ରେସ ପକ୍ଷରୁ ଯୁବ ସମ୍ପର୍କ ପଦଯାତ୍ରା କରାଯିବ ବୋଲି ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କା କହିଥିଲେ। ପୂର୍ବତନ ଅଖିଳ ଭାରତୀୟ କଂଗ୍ରେସ କମିଟି ସମ୍ପାଦକ ବିଶ୍ୱରଞ୍ଜନ ମହାନ୍ତି ଯୋଗଦେଇ ରାଜ୍ୟ ତଥା ଦେଶର ବିକାଶ ପାଇଁ ଯୁବ ବର୍ଗ ଏକତ୍ରିତ ହେବା ସହ ଦୁର୍ନୀତି ବିରୋଧରେ ଜୋରଦାର ଲଢ଼େଇ କରିବାକୁ ଆହ୍ୱାନ ଦେଇଥିଲେ।




ବୈଠକରେ ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ସାଂସଦ ବରିଷ୍ଠ ନେତା ଡ. ରାମଚନ୍ଦ୍ର ଖୁଂଟିଆ, ପୂର୍ବତନ ଯୁବକଂଗ୍ରେସ ସଭାପତି ସୁଜିତ ପାଢ଼ି ପ୍ରମୁଖ ଯୋଗଦେଇ କଂଗ୍ରେସକୁ ମଜଭୁତ କରିବାରେ ଯୁବ କଂଗ୍ରେସର ଭୂମିକା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ଯୁବ କଂଗ୍ରେସ ପ୍ରଭାରୀ ଶେଷ ନାରାୟଣ ଓଝା ଓ ସହପ୍ରଭାରୀ ଅଭିନବ ସିଦ୍ଧାର୍ଥ ଭଗତ ଉପସ୍ଥିତ ଥିଲେ। ଏହି ଅବସରରେ କରୋନା କାଳରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ପୂର୍ବତନ ଯୁବ କଂଗ୍ରେସ ପଦାଧିକାରୀ ସଂକୁନା କହଁରଙ୍କ ସମେତ ଗତ ପଂଚାୟତ ଓ ପୌର ନିର୍ବାଚନରେ ନିର୍ବାଚିତ ହୋଇଥିବା କାର୍ଯ୍ୟକର୍ତାଙ୍କୁ ଯୁବ କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଶୁଭେନ୍ଦୁ ମହାନ୍ତି, ସମ୍ରାଟ ଜେନା, ରାଜୀବ ପଟ୍ଟନାୟକ, ନିରଞ୍ଜନ ନାୟକ, ବିରେନ୍ଦ୍ର ବାଗ, କିରଣ ସାହୁ, ଅଭିଳାଷ ପତି, ବୀରେନ ଦଳେଇ, ଜ୍ଞାନରଞ୍ଜନ ରାଉତ, ସାଉଳ ମଙ୍ଗରାଜ, ତ୍ରିଲୋଚନ ପାଣିଗ୍ରାହୀ, ବିଶ୍ୱଜିତ ଲେଙ୍କା, ଆଲବର୍ଟ କିଣ୍ଡୋ, କପିଳେନ୍ଦ୍ର ଭୋଇ, ସ୍ୱାଗତ କର, ଜ୍ଞାନେନ୍ଦ୍ର ଦାସ, ରଞ୍ଜିତ ପାତ୍ର, ସୁଶାନ୍ତ ସାହୁ, ଅଭିଷେକ ସେଠ, ଅଭିଷେକ ମହାନନ୍ଦ, ଆର୍ଯ୍ୟବୀର ଲେଙ୍କା, ପ୍ରଶାନ୍ତ ମଲ୍ଲିକ୍, ଅମ୍ରିତା ଦାସ, ସୁଦୀପ୍ତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶାରୁ ଛାଡୁଥିବା ଆଉ ତିନିଟି ଟ୍ରେନରେ ରାଜଧାନୀ ଏକ୍ସପ୍ରେସ ଭଳି କୋଚ ଉପଲବ୍ଧ

ଭୁବନେଶ୍ୱର,୦୮।୦୭(ନି.ପ୍ର.): ପୂର୍ବ ତଟ ରେଳପଥ ପରିସୀମା ମଧ୍ୟରୁ ଉତ୍ପନ୍ନ ତିନୋଟି ଟ୍ରେନରେ ରାଜଧାନୀ ଏକ୍ସପ୍ରେସ ରେ ଯାତ୍ରା ସୁବିଧା ପରି କୋଚ୍ ଉପଲବ୍ଧ କରାଇବାପାଇଁ ନିଷ୍ପତି ନିଆଯାଇଛି। ରେଳ, ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ତାଙ୍କର ଓଡ଼ିଶା ଗସ୍ତ ସମୟରେ ଭୁବନେଶ୍ୱର-କେଏସଆର ବେଙ୍ଗାଲୁରୁ ପ୍ରଶାନ୍ତି ସ୍ପେଶାଲକୁ ରାଜଧାନୀ କୋଚ ଭଳି ଯାତ୍ରା ସୁବିଧାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ଏବଂ ଆହୁରି ଦୁଇଟି ଟ୍ରେନରେ ଏହି ସୁବିଧା ଯୋଗାଇବାକୁ ମଧ ଘୋଷଣା କରିଥିଲେ। ଏହି ଟ୍ରେନ ଦ୍ୱୟ ହେଲା ଭୁବନେଶ୍ୱର - ନୂଆଦିଲ୍ଲୀ - ଭୁବନେଶ୍ୱର ଦୁରନ୍ତ ଏକ୍ସପ୍ରେସ ଏବଂ ଭୁବନେଶ୍ୱର - ଆନନ୍ଦ ବିହାର (ଦିଲ୍ଲୀ) - ଭୁବନେଶ୍ୱର ସୁପର ଫାଷ୍ଟ ଏକ୍ସପ୍ରେସ ଭାୟା ଅନୁଗୁଳ ଓ ରାଉରକେଲା।




ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ପୂର୍ବ ତଟ ରେଳପଥ ଉପରୋକ୍ତ ଟ୍ରେନରେ ଆଧୁନିକ ଏଲଏଚବି କୋଚ୍ ସଂଯୋଗ କରାଇ ଏହି ସୁବିଧା ଯୋଗାଇ ଦେଇଛି। ଏହି କୋଚଗୁଡ଼ିକ ହେଉଛି ଅଗ୍ନି ନିରାପତା, କମ୍ ରକ୍ଷଣାବେକ୍ଷଣ, ଅଧିକ ଯାତ୍ରୀ ପରିବହନ କ୍ଷମତା, ଅଧିକ ସୁରକ୍ଷିତ ଏବଂ ଆରାମଦାୟକ ଯାତ୍ରା ଅଭିଜ୍ଞତା।

ଏହା ସହିତ ପୂର୍ବତଟ ରେଳପଥ ପରିସୀମାରୁ ଛାଡୁଥିବା ଆହୁରି ଅଧିକ ଟ୍ରେନ ମାନଙ୍କରେ ମଧ ଏହି ସୁବିଧା ଯୋଗାଇଦିଆଯାଇଛି। ଏହି ଟ୍ରେନ ଗୁଡିକ ହେଲା ୨୨୮୬୯/୨୨୮୭୦ ବିଶାଖାପାଟଣା-ଚେନ୍ନାଇ-ବିଶାଖାପାଟଣା ଏକ୍ସପ୍ରେସ ବିଶାଖାପାଟଣା ଠାରୁ ଜୁଲାଇ ମାସ ୧୧ ତାରିଖ ଠାରୁ ଏବଂ ଚେନ୍ନାଇ ଠାରୁ ଜୁଲାଇ ମାସ ୧୨ ତାରିଖ ଠାରୁ।

ଏହି ସୁବିଧା ମଧ ୧୮୫୦୩/୧୮୫୦୪ ବିଶାଖାପାଟଣା-ସାଇ ନଗର ସିରିଡ଼ି-ବିଶାଖାପାଟଣା ଏକ୍ସପ୍ରେସରେ ଉପଲବ୍ଧ କରାଯାଇଛି। ଏହି ସୁବିଧା ବିଶାଖାପାଟଣା ଠାରୁ ଜୁଲାଇ ମାସ ୭ ତାରିଖ ଠାରୁ ଏବଂ ସାଇ ନଗର ସିରିଡ଼ି ଠାରୁ ଜୁଲାଇ ମାସ ୮ ତାରିଖ ଠାରୁ ଉପଲବ୍ଧ କରାଯାଇଛି।

ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ଉତ୍ପନ୍ନ ହେଉଥିବା ଟ୍ରେନ ମାନଙ୍କ ମଧ୍ୟରୁ ବର୍ତମାନ ସୁଦ୍ଧା ୪୯ ଟି ଟ୍ରେନ ରେ ରାଜଧାନୀ ଏକ୍ସପ୍ରେସ ରେ ଯାତ୍ରା ସୁବିଧା ପରି କୋଚ୍ ଉପଲବ୍ଧ କରାଯାଇଛି। ଏହା ବ୍ୟତୀତ, ପୂର୍ବତଟ ରେଳପଥ ପରିସୀମା ମଧ୍ୟଦେଇ ଚଳାଚଳ କରୁଥିବା ଦୁଇଟି ଗୁରୁତ୍ୱପୂର୍ଣ୍ଣ ଟ୍ରେନ ଯଥା ୧୨୮୩୯/୧୨୮୪୦ ହାଓଡ଼ା-ଚେନ୍ନାଇ-ହାଓଡ଼ା ମେଲ ଏବଂ ୧୨୮୪୧/୧୨୮୪୨ ହାଓଡ଼ା-ଚେନ୍ନାଇ-ହାଓଡ଼ା କରମଣ୍ଡଳ ଏକ୍ସପ୍ରେସ ଟ୍ରେନରେ ମଧ ଏହି ସୁବିଧା ୫ ଜୁଲାଇ, ୨୦୨୨ ଠାରୁ ହାଓଡ଼ା / ଶାଳୀମାର ଠାରୁ ଯୋଗାଇ ଦିଆଯାଇଛି।

Printed, Published & Owned by Ramdas Lima, Published from Neheru Nagar 2nd Lane, Po/Dist.Rayagada(Odisha)765001, Printed at-Aditya Graphics, Hotel Kapilash Lane, New Colony, Po/Dist.Rayagada(Odisha). Mob:09438610559, Email: prajabartanews@gmail.com
Editor : Ramdas Lima,
All legal matters subject to Rayagada Jurisdiction only
ସମ୍ପାଦକ: ରାମଦାସ ଲିମା